# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶନିବାର, ମେ ୨୪/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 24/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 178 | ମୂଲ୍ୟ₹୭/-



## ଅସଲ ମାପକାଠି: ବୋର୍ଡ଼ ପରୀକ୍ଷାରେ ଯୁବୋଦୟର ଟପ୍ପର୍ସ, ପ୍ରଥମ ପ୍ରଚେଷ୍ଟାରେ NEET / JEE (M&A)ରେ ମଧ୍ୟ ଚାମ୍ପିଅନ୍

## YUVODAYA
NON-NEGOTIABLE ACADEMICS

### TOPPERS: CHSE INTEGRATED WING

90% above: 64 students | 500 above: 165 students | 80% above: 234 students | 70% above: 377 students | 474 FIRST DIVISIONS | PASS PERCENTAGE: 99.404%



TILAK



NAINA



AYUSH



PRATYUSH



DEBESH

PURUSOTTAM NAIK 565 (NEET 510+, JEE(M) 94.93 PERCENTILE) · SAMIKSHYA PATEL 564 (NEET 505+, JEE(M) 95.20 PERCENTILE) · SOUMYA RANJAN SAHU 563 (JEE(M) 93.75 PERCENTILE) · JASHOBANTA MEHER 563 (NEET 515+, JEE(M) 94.95 PERCENTILE) · NAINA PRADHAN 560 · SHUBHASHREE BUDEK 560 · SUBHENDU PATEL 560 · SWAYAM SUNDAR MEHER 560 (JEE(M) 99.55 PERCENTILE) · ADHAR MEHER 559 · ASHIRBAD TRIPATHY 557 · NISHANT KU. SAHU 557 (JEE(M) 98.61 PERCENTILE) · ADWAIT PANDA 556 · ARCHANA MEHER 556 (JEE(M) 91.39 PERCENTILE) · OMPRAKASH PADHAN 556 (NEET 520+, JEE(M) 96.23 PERCENTILE) · ARMAN PANDA 556

KRISHNA ADABANKA 555 · SUBHRANSU S. PUTEL 555 · AMLAAN KUMBHAR 555 · ANWESH PATEL 554 (JEE(M) 96.78 PERCENTILE) · DHITOSH BHOI 554 (JEE(M) 95.07 PERCENTILE) · ARPITA PRIYADARSHANI 553 (JEE(M) 95.10 PERCENTILE) · MANITA THAKUR 553 (NEET 505+, JEE(M) 90.72 PERCENTILE) · PRATIBHA PADHAN 553 · ADYASHA PADHI 553 · PRIYAM P. PANIGRAHI 553 · APARNNA MAHAPATRA 552 · BIBHUDATTA GARTIA 552 (JEE(M) 95.71 PERCENTILE) · SHRUTIMAYEE BHOI 552 · OMSHREE BAG 551 · SUBHAM MEHER 551

SHUBHENDU NAIK 550 · SUBHAM KU. SAHU 550 (JEE(M) 98.37 PERCENTILE) · AYUSH PADHAN 550 · SAMIR SAHU 550 · YASHABARDDHAN MAHAKUR 549 · JINA MEHER 548 · SNEHA MEHER 548 · SRIYANSHA SWAIN 547 · SHILPI SWARUPA MEHER 546 · ANKITA PADHAN 545 · RATANS MEHER 545 · SWABHIMAN PANIGRAHI 545 · DIBYAM SAHU 545 · PRITISH CH. SAHU 544 (JEE(M) 97.59 PERCENTILE) · ROSHAN SAHU 544

SANKET DASH 544 · ROHAN RAJ DIP 543 · SEEMA MEHER 543 · KRISHNAMAYEE SARANGI 543 · PRITISH SAHU 542 (JEE(M) 90.87 PERCENTILE) · RAMANANDA NAIK 542 · GUNAMANI MEHER 541 · SANCHITA PADHEE 541 · SOUMYA R. SAHU 541 · SMRUTIREKHA PRADHAN 541 · AKANKSHYA PADHAN 540 · PRIYADARSHINEE NAIK 540 · SAMIKSHYA DASH 540 · SHASHWAT KU. DASH 540 · SUBHASHREE PADHAN 539

ALIBHA MAHAKUL 539 · BISWAJIT MEHER 539 · AYUSHMAN PRADHAN 538 · SUBHASHREE MISHRA 537 · SOMDUTTA MAHAKUL 537 (JEE(M) 97.18 PERCENTILE) · DEBOJIT SARKAR 537 · PURUSHOTTAM BHOINA 536 (JEE(M) 97.43 PERCENTILE) · SOURAV DASH 536 · TANKESWAR SA 535 · ARINDAM DASH 535 · LIPUN BHAI PATEL 535 · MANMAYA SAHU 534 · OM MEHER 534 · PUJA BAG 534 · TRUPTIMAYEE SAHU 534

BISWAJIT MEHER 534 · LUCKY SAHU 532 · SANDHYARANI SETH 532 · SAMEER KUMAR BAG 532 · SUSHREE PRATYASHA MEHER 532 · PURENDRA CHANDAN 531 (JEE(M) 91.76 PERCENTILE) · SAPTAPARNA SAHU 530 · PREMSAI KHAMARI 530 · PUJARANI SAHU 530 · GAYATRI BEHERA 529 · HRUTEESHNA NAYAK 529 · GOURAV SAMAL 529 · NAITIK HOTA 528 · ISARANI PUROHIT 528 · RAJESWARI PANUAN 528

SHAKTI BARIHA 528 · BIDUSMITA HOTA 528 · PREETI MANJARI DASH 527 · SURANJAN ROUTIA 527 · SOURAV PRADHAN 527 · JOGAMAYA BARIHA 527 · MEGHA RANI KHARSEL 526 · PRATYASHA SAHU 526 · SNEHASISH SAHU 525 (JEE(M) 90.24 PERCENTILE) · BAIBHABA KUMAR BAGH 525 · MILAN THAKUR 525 · SWAYAMDARSHI NAIK 525 · ANKITA MISHRA 523 · RITIK ROSHAN PATEL 523 · SANJIB SARAP 523

SURYASNATA MAHAKUL 522 · SHASWATI SAHU 522 · RAHUL SAHOO 522 · BISHIKESAN MAJHI 521 · LIJA RANA 521 · RAAJ MEHER 521 · SHRIYA DEBTA 521 · OMPRAKASH BHOI 520 · SHREEYA PATTNAIK 520 · PRERANA MISHRA 520 · ANUBHAV SAHU 520 · SWAYAMSIDDHI JOSHI 519 · SWEETY RANEE MEHER 518 · TUSHARAKANTA SAHU 518 · NIKHIL BAGARTI 517

HANSI RANEE MEHER 516 · NIRAKARA MEHER 516 · PRINSA MEHER 516 · TRISHNAMAYEE RANA 516 · CHINMAYEE KAR 515 · SHRISTY SIMAN BHOI 515 · SURANJAN NAIK 515 · CHANCHAL SATNAMI 515 · SWAGAT BHOI 514 · AHWAN KUMAR DASH 514 · PRARTHANA PATEL 513 · PRIYA PRIYADARSHINI SANDH 513 · PRASHUN DASH 512 · DIBYA MEHER 511 · SURAJ KUMAR PADHAN 510

ARYAN KUMAR SAHU 509 · AYUSH MAHANA 509 · DEVIJA PRADHAN 509 · ANAMIKA MAHAPATRA 509 · KAMAKSHYA PR. MALLIK 508 · IPSITA PRIYADARSHINI DORA 508 · AMBUJ KUMAR PATEL 508 · CHINMAYA MEHER 507 · ANUSKA ACHARYA 507 · SAMAN BHUSAN MEHER 507 · SUBHAM RAUL 506 · SOUMYA RANJAN SAHU 506 · MILAN BHOI 506 · KABITA PUJHARI 505 · PREYANSU MEHER 505

OM PRAKASH RAY 505 · ARYAMAN SAI 504 · PRAGYAN PARIMITA DALAI 502 · PRAYASH KUMAR PATRA 502 · PARASMANI MEHER 502 · PRAJNAMAYEE MEHER 501 · JUDHISTIR SAHOO 501 · DURGAMADHABA DEBATA 501 · SRUTIREKHA SAHU 500 · TANMAYA SAHU 500

**ପଶ୍ଚିମ ଓଡ଼ିଶାରେ ଲଗାତାର ସର୍ବାଧିକ ୯୦+%**

Freshers Paradise: 25 probables in Govt. MBBS & 56 students scored 90+ percentile in JEE (M)

ପିତାମାତାଙ୍କ ଅତୁଟ ଆସ୍ଥା, ଯୁବୋଦୟର ଅବିଶ୍ରାନ୍ତ ପ୍ରଚେଷ୍ଟା
ଛାତ୍ରଛାତ୍ରୀଙ୍କ ଅବିରାମ ସଫଳତା

**BALANGIR: CHSE Campus - Sakma / City Office - Hatisal Pada, Call - 9777884488, 9938086842, 9437367867**

## ସଂକ୍ଷେପରେ

### କେରଳରେ ୨ କୋଭିଡ୍ ମୃତ୍ୟୁ

**୨ଦିନରେ ମାମଲା ଦ୍ୱିଗୁଣିତ**

ଥିରୁଭାନନ୍ତପୁରମ, ୨୩।୫

କେରଳରେ ୨ଟି କୋଭିଡ୍ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ରାଜ୍ୟରେ ୨ ଦିନରେ କରୋନାର ସକ୍ରିୟ ମାମଲା ଦ୍ୱିଗୁଣିତ ହୋଇଛି। ମେ' ୨୧ ସୁଦ୍ଧା ସକ୍ରିୟ ମାମଲା ୧୮୨ରେ ପହଞ୍ଚିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କେରଳରେ ଟେଷ୍ଟିଂ ବୃଦ୍ଧି ପାଇଥିବାରୁ କରୋନା ମାମଲାରେ ବୃଦ୍ଧି ଘଟୁଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କହିଛି। ଅନ୍ୟପକ୍ଷରେ, ବେଙ୍ଗାଲୁରୁର ଜଣେ ୯ ମାସର ଶିଶୁପୁତ୍ର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ବର୍ତ୍ତମାନ ସେ ବେଙ୍ଗାଲୁରୁର ବାଣୀବିଲାସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ହାର୍ଭାର୍ଡରେ ବିଦେଶୀ ଛାତ୍ରଙ୍କ ପାଇଁ ୬ ସର୍ତ୍ତ

**୭୨ ଘଣ୍ଟାରେ ପୂରଣ ନ କଲେ ବିଦାହେବେ**

ନୂଆଦିଲ୍ଲୀ, ୨୩।୫

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରୀଛାତ୍ର ପଢ଼ିପାରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶନାମା ଜାରି କରିବା ପରେ ଭାରତର ୮୦୦ ଛାତ୍ରୀଛାତ୍ରଙ୍କ ସମେତ ୬,୮୦୦ ବିଦେଶୀ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲିହୋଇଯାଇଛି। ନାମ ଲେଖାଇଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ୬ଟି କଠୋର ସର୍ତ୍ତରଖିଛି। ସେଗୁଡ଼ିକ ହେଲା ବିଶ୍ୱବିଦ୍ୟାଳୟ ପାଖରେ ଥିବା ପିଲାମାନଙ୍କର ୫ ବର୍ଷର ସମସ୍ତ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ରେକର୍ଡ, କ୍ୟାମ୍ପସ୍‌ରେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତି ନେଇ ଭିଡିଓ ଫୁଟେଜ୍, କ୍ୟାମ୍ପସ୍‌ରେ ବିଦେଶୀ ପିଲାଙ୍କ ହିଂସାତ୍ମକ କାର୍ଯ୍ୟରେ ସମ୍ପୃକ୍ତି ନେଇ ଅଡିଓ କିମ୍ବା ଭିଡିଓ ଫୁଟେଜ୍, ଅନ୍ୟ ଛାତ୍ର କିମ୍ବା ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଧମକ ଦେଇଥିବାର ରେକର୍ଡ ୭୨ ଘଣ୍ଟା ମଧ୍ୟରେ ଉପସ୍ଥାପନ କରିବାକୁ ହେବ। ସେହିପରି ଅନ୍ୟ ଛାତ୍ରୀଛାତ୍ର ବା ୟୁନିଭର୍ସିଟି କର୍ମଚାରୀଙ୍କୁ ଅଧିକାରରୁ ବଞ୍ଚିତ କରୁଥିବା କିମ୍ବା ଅନ୍ୟ ବିଶୃଙ୍ଖଳିତ କାର୍ଯ୍ୟ ଏବଂ ବିକ୍ଷୋଭ ଆଦିରେ ସାମିଲ ହେବାର ରେକର୍ଡ ତଥା ଅଡିଓ କିମ୍ବା ଭିଡିଓ ଫୁଟେଜ୍ ଦାଖଲ କରିବାକୁ କୁହାଯାଇଛି। ବିଦେଶୀ ଛାତ୍ରୀଛାତ୍ରଙ୍କ ନାମ ନ ଲେଖାଇବାକୁ ଟ୍ରମ୍ପ ପ୍ରଶାସନରୁ ନିର୍ଦ୍ଦେଶ ଅସାମ୍ବିଧାନିକ କହି ହାର୍ଭାର୍ଡ ପ୍ରଶାସନ ଏହାକୁ ଚ୍ୟାଲେଞ୍ଜ କରିଛି।

### ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

ଗଡ଼ଚିରୋଲି, ୨୩।୫

ମହାରାଷ୍ଟ୍ର-ଛତିଶଗଡ଼ ସୀମାନ୍ତ ଗଡ଼ଚିରୋଲି ଜିଲାରେ ଶୁକ୍ରବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ ହୋଇଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ମହାରାଷ୍ଟ୍ର ପୋଲିସର ଏଲାଇଟ୍ ସି-୬୦ କମାଣ୍ଡୋ ୟୁନିଟ ପକ୍ଷରୁ ମିଳିତ ଅଭିଯାନ କରାଯାଇଥିଲା। ଜିଲାର କାୱାଣ୍ଡେ ଏବଂ ନେଲଗୁଣ୍ଡା ଅଞ୍ଚଳରେ କେତେଜଣ ମାଓବାଦୀ ଲୁଚିଥିବା ଗୋଇନ୍ଦା ସୂଚନା ଆଧାରରେ ଗୁରୁବାର ଅପରାହ୍ନଠାରୁ ଏହି ଅଭିଯାନ ଆରମ୍ଭ କରାଯାଇଥିଲା।

**ଅନ୍‌ଲାଇନ ବେଟିଂ ଆପ୍**

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୫(ପି.ଟି.)

ସମସ୍ତ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ବେଟିଂ ଆପ୍ଲିକେଶନକୁ ନିୟନ୍ତ୍ରଣ କରିବା ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଅନ୍‌ଲାଇନ ବେଟିଂ ଏବଂ ଜୁଆ ଆପ୍‌ରେ ସମ୍ପୃକ୍ତ ହୋଇ ଅନେକ ପିଲା ଆତ୍ମହତ୍ୟା କରୁଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କେ.ଏ. ପଲ୍ ନାମକ ବ୍ୟକ୍ତି ସର୍ବୋଚ୍ଚ ଅଦାଲତରେ ପିଟିଶନ୍ ଦାଏର କରିଥିଲେ। ସେ ତାଙ୍କ ପିଟିଶନ୍‌ରେ ଆହୁରି ଦର୍ଶାଇଛନ୍ତି ଯେ, ବହୁସଂଖ୍ୟାରେ ଅନ୍‌ଲାଇନ୍ ଇନ୍‌ଫ୍ଲୁଏନ୍ସର, ଅଭିନେତା ଓ କ୍ରିକେଟରମାନେ ଅନ୍‌ଲାଇନ




ଆପ୍‌ଗୁଡ଼ିକର ପ୍ରଚାର କରୁଥିବାରୁ ପିଲାମାନେ ଏହାଦ୍ୱାରା ପ୍ରଲୋଭିତ ହେଉଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବା ପରେ କେନ୍ଦ୍ରକୁ ନୋଟିସ ଜାରି କରିଛନ୍ତି।

ଗତ ୨ ବର୍ଷ ମଧ୍ୟରେ ଜୀବନ ହାରିଥିବା ପିଲାମାନଙ୍କର ଲକ୍ଷାଧିକ ଅଭିଭାବକମାନଙ୍କ ତରଫରୁ ମୁଁ ଅଦାଲତରେ ଉପସ୍ଥିତ ହୋଇଛି ବୋଲି ପଲ୍ କହିଛନ୍ତି। ବେଟିଂ ଆପ୍ ଯୋଗୁ କ୍ଷତିଗ୍ରସ୍ତ ହୋଇ ତେଲଙ୍ଗାନାରେ ୧,୦୨୩ରୁ ଅଧିକ ଲୋକ ଆତ୍ମହତ୍ୟା କଲେଣି। ୨୫ ଜଣ ବଲିଉଡ୍ ଏବଂ ଟଲିଉଡ୍ ଅଭିନେତା ଓ ଇନ୍‌ଫ୍ଲୁଏନ୍ସରମାନେ ନିରୀହ ପିଲାମାନଙ୍କ ଜୀବନ ସହ ଖେଳୁଥିବା ସେ ଅଭିଯୋଗ କରିଛନ୍ତି। ମାମଲା ସାମ୍ବିଧାନିକ ଅଧିକାର ସହ ଜଡ଼ିତ ହୋଇଥିବାରୁ କେତେଜଣ ଇନ୍‌ଫ୍ଲୁଏନ୍ସରଙ୍କ ନାଁରେ ତେଲଙ୍ଗାନାରେ ମାମଲା ରୁଜୁ ହୋଇଛି। ତେବେ ଏଗୁଡ଼ିକ ସାମାଜିକ ବିଚଳନ ବା ବିପଥଗାମୀ ହୋଇଥିବାରୁ ଅଧିକ କିଛି କରାଯାଇପାରିବ ନାହିଁ। ଏପରିକି ଆଇନ କାର୍ଯ୍ୟକାରୀ କଲେ ମଧ୍ୟ ସ୍ୱଇଚ୍ଛାରେ ବେଟିଂରେ ସମ୍ପୃକ୍ତ ହେଉଥିବା ଲୋକଙ୍କୁ ଅଟକାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ବେଟିଂ ବନ୍ଦ ହେବା ଆବଶ୍ୟକ। ତେବେ ଆଇନ ଦ୍ୱାରା ଏହାକୁ ବନ୍ଦ କରାଯାଇପାରିବ, ଏହି ଧାରଣା ସମ୍ଭବତଃ ଭୁଲ୍ ବୋଲି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ଆମେ ଯେପରି ଜଣକୁ ହତ୍ୟା କରିବାରୁ ରୋକିପାରିବା ନାହିଁ ସେହିପରି ବେଟିଂ କିମ୍ବା ଜୁଆରେ ସମ୍ପୃକ୍ତ ହେବାରୁ ଆଇନ କାହାକୁ ଅଟକାଇପାରିବ ନାହିଁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ତେବେ ଏହା ଉପରେ କ'ଣ କରାଯାଇପାରିବ, ସେ ନେଇ କେନ୍ଦ୍ରର ମତାମତ ନେବେ ବୋଲି ଖଣ୍ଡପୀଠ କହିବା ସହ ଏଥିପାଇଁ ଆର୍ଟର୍ନି ଜେନେରାଲ ଏବଂ ସଲିସିଟର ଜେନେରାଲଙ୍କ ସହଯୋଗ ଲୋଡ଼ିଛନ୍ତି।

### ବୁଥ୍‌ର ୧୦୦ ମିଟର ଦୂରରେ ଭୋଟର ପରିଚୟ ସ୍ଲିପ୍ ବଣ୍ଟାଯାଇପାରିବ

ନୂଆଦିଲ୍ଲୀ, ୨୩।୫ (ପି.ଟି.)

ଭୋଟଦାନ କେନ୍ଦ୍ର ପ୍ରବେଶପଥର ୧୦୦ ମିଟର ଦୂରରେ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ଅଣଆନୁଷ୍ଠାନିକ ଭାବେ ଭୋଟର ପରିଚୟ ସ୍ଲିପ୍ ବଣ୍ଟନ ଲାଗି ବୁଥ୍ ସ୍ଥାପନ କରିବାକୁ ନିର୍ବାଚନ କମିଶନ ଶୁକ୍ରବାର ଅନୁମତି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଭୋଟଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିଧି ବାହାରେ ଏହି ସ୍ଲିପ୍ ବଣ୍ଟନ ପାଇଁ ଅନୁମତି ଥିଲା। ସେହିପରି ଭୋଟରମାନଙ୍କୁ ସହାୟତା କରିବା ଲକ୍ଷ୍ୟରେ ବୁଥ୍ ବାହାରେ ମୋବାଇଲ୍ ଫୋନ୍ ଜମା କରିବାକୁ ଏକ କାଉଣ୍ଟର ଖୋଲିବା ନିମନ୍ତେ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ଭୋଟ ଦିନର ସୁବିଧାକୁ ବଢ଼ାଇବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି।

# ପାକ୍ ଅର୍ଥନୀତି ଉପରେ ଆକ୍ରମଣ ଯୋଜନା

**ବିଶ୍ୱବ୍ୟାଙ୍କ, ଏଫ୍‌ଏଟିଏଫ୍‌ର ଦ୍ୱାରସ୍ଥ ହେବ ଭାରତ**

ନୂଆଦିଲ୍ଲୀ, ୨୩।୫

ଋଣ ଓ ଆର୍ଥିକ ସହାୟତା ଉପରେ ଅତ୍ୟଧିକ ନିର୍ଭରଶୀଳ ପାକିସ୍ତାନର ଅର୍ଥନୀତି ଉପରେ ଆକ୍ରମଣ କରିବା ପାଇଁ ଭାରତ ଯୋଜନା କରିଛି। ଏନେଇ ନୂଆଦିଲ୍ଲୀ ବିଶ୍ୱବ୍ୟାଙ୍କ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥିବା ଫାଇନାନ୍ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)କୁ ଖୁବ୍‌ଶୀଘ୍ର ନିବେଦନ କରିବାକୁ ଯାଉଛି। ବିଶ୍ୱବ୍ୟାଙ୍କ ଜୁନ୍‌ରେ ପାକିସ୍ତାନକୁ ୨୦ ବିଲିୟନ ଡଲାର ପ୍ୟାକେଜ୍ ମଞ୍ଜୁର କରିବାକୁ ଥିବାବେଳେ ଏହାର ପୁନର୍ବିଚାର ଲାଗି ଭାରତ ନିବେଦନ କରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସେହିପରି ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ପୁଣିଥରେ ଗ୍ରେ ଲିଷ୍ଟରେ ତାଲିକାଭୁକ୍ତ କରିବାକୁ ଏଫ୍‌ଏଟିଏଫ୍‌କୁ ଅବଗତ କରାଯିବ। ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକ ପାଣ୍ଠି ଯୋଗାଉଥିବା ନେଇ ଭାରତ ଏଫ୍‌ଏଟିଏଫ୍‌କୁ ତଥ୍ୟପ୍ରମାଣ ଯୋଗାଇଦେବ। ୨୦୨୨ ଅକ୍ଟୋବରରେ ପାକିସ୍ତାନ ଗ୍ରେ ଲିଷ୍ଟରୁ ମୁକୁଳିବା ବେଳେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ବନ୍ଦ କରିବ ବୋଲି ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ସେହିପରି ଆତଙ୍କବାଦୀଙ୍କୁ ଜେଲରେ ଭର୍ତ୍ତିକରିବା ସହ ଉକ୍ତ ସଂଗଠନଗୁଡ଼ିକର ସମ୍ପତ୍ତି ବାଜ୍ୟାପ୍ତ କରିବ ବୋଲି କହିଥିଲେ ମଧ୍ୟ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିବାବେଳେ ନୂଆଦିଲ୍ଲୀର ବିରୋଧ ସତ୍ତ୍ୱେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଗତ ୯ ତାରିଖରେ ଇସ୍‌ଲାମାବାଦକୁ ୧ ବିଲିୟନ ଡଲାର (ପାଖାପାଖି ୮,୫୦୦ କୋଟି ଟଙ୍କା) ବେଲ୍‌ଆଉଟ୍ ପ୍ୟାକେଜ୍ ମଞ୍ଜୁର କରିଥିଲା। ଭାରତ ନିଜର ଅସନ୍ତୋଷ ସିଧାସଳଖ ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓର୍ଜିଏଭାଙ୍କୁ ଜଣାଇଥିଲା। ଭାରତର ପ୍ରତିବାଦ ପରେ ଆଇଏମ୍‌ଏଫ ପାକିସ୍ତାନ ପାଇଁ ୧୧ଟି ନୂଆ ସର୍ତ୍ତ ଜାରି କରିଥିଲା।

# କୋଟାରେ ଛାତ୍ର ଆତ୍ମହତ୍ୟା: ରାଜସ୍ଥାନକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୫ (ପି.ଟି.)

ରାଜସ୍ଥାନର କୋଟାରେ ଛାତ୍ରୀଛାତ୍ର ଆତ୍ମହତ୍ୟା ବଢ଼ିଚାଲିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସେଠାରେ ୧୪ ଛାତ୍ରୀଛାତ୍ର ଆତ୍ମହତ୍ୟା କଲେଣି, ଯାହାକି ଅତ୍ୟନ୍ତ ଗମ୍ଭୀର ସ୍ଥିତି ବୋଲି ଜଷ୍ଟିସ୍ ଜେ.ବି. ପର୍‌ଦିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ପିଲାମାନେ କେବଳ କୋଟାରେ କାହିଁକି ଆତ୍ମହତ୍ୟା କରୁଛନ୍ତି? ଏକ ରାଜ୍ୟ ଭାବେ ଏହା ଉପରେ କିଛି ବିଚାର କରିଛ କି ବୋଲି ଜଷ୍ଟିସ୍ ପର୍‌ଦିୱାଲା ରାଜସ୍ଥାନ ସରକାରଙ୍କ ଓକିଲଙ୍କୁ ପ୍ରଶ୍ନ କରିଥିଲେ। ଆତ୍ମହତ୍ୟା ମାମଲାଗୁଡ଼ିକର ତଦନ୍ତ ପାଇଁ ସରକାର ଏସ୍‌ଆଇଟି ଗଠନ କରିଥିବା ଓକିଲ ଜଣାଇଛନ୍ତି। ଗତ ୪ ତାରିଖରେ ଆଇଆଇଟି ଖଡ଼ଗପୁରର ୨୨ ବର୍ଷୀୟ ଛାତ୍ର ଆତ୍ମହତ୍ୟା ଘଟଣାର ଶୁଣାଣି ବେଳେ ଅଦାଲତ ଉପରୋକ୍ତ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ୪ ଦିନ ପରେ ଏତଲା ଦାଏର ହୋଇଥିବାରୁ ଘଟଣାକୁ ଏଭଳି ହାଲୁକା ଭାବେ ନ ନେବା ପାଇଁ ଖଣ୍ଡପୀଠ କହିଛନ୍ତି।

### ରେଭନ୍ତଙ୍କ ଅନୁରୋଧରେ ସୋନିଆ, ରାହୁଲଙ୍କ କମ୍ପାନୀକୁ ମିଳିଥିଲା ୮୦ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୨୩।୫

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ପରାମର୍ଶକ୍ରମେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନିୟନ୍ତ୍ରଣରେ ଥିବା କମ୍ପାନୀ 'ୟଙ୍ଗ୍ ଇଣ୍ଡିଆ ଲିଃ'କୁ ୮୦ ଲକ୍ଷ ଟଙ୍କା ଚାନ୍ଦା ମିଳିଥିଲା। ଏହି କମ୍ପାନୀକୁ ଚାନ୍ଦା ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲା ବୋଲି ନ୍ୟାଶନାଲ ହେରାଲ୍ଡ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର କହିଛି। ଏହି ମାମଲା ସହ ୟଙ୍ଗ୍ ଇଣ୍ଡିଆ ଲିଃ ସମ୍ପୃକ୍ତ। ବିଭିନ୍ନ ରାଜ୍ୟରୁ ବରିଷ୍ଠ ନେତାମାନେ ଏହି କମ୍ପାନୀକୁ ଦେଇଥିବା ଚାନ୍ଦା ଏବେ ଇଡି ତଦନ୍ତାଧୀନ ରହିଛି। ଦୁର୍ନୀତି ଲୁଚାଇବା ପାଇଁ ଏହା ଏକପ୍ରକାର ସୁଚିନ୍ତିତ କୌଶଳ ବୋଲି ଇଡି କହିଛି। ଚାନ୍ଦା ନାଁରେ ୟଙ୍ଗ୍ ଇଣ୍ଡିଆକୁ ପଠାଯାଇଥିବା ଅର୍ଥରୁ ରାହୁଲ ଓ ସୋନିଆ ଉପକୃତ ହୋଇଥିଲେ ବୋଲି ଇଡି ଚାର୍ଜଶିଟ୍‌ରେ ଉଲ୍ଲେଖ କରିଛି। ଇଡି କହିବା ଅନୁଯାୟୀ, ନ୍ୟାଶନାଲ ହେରାଲ୍ଡ ଖବରକାଗଜର ପ୍ରକାଶନ ସଂସ୍ଥା ଆସୋସିଏଟେଡ୍ ଜର୍ନାଲ୍ସ ଲିଃର ୨,୦୦୦ କୋଟି ଟଙ୍କାର ସମ୍ପତ୍ତିକୁ ୟଙ୍ଗ୍ ଇଣ୍ଡିଆ ଲିଃ ମାତ୍ର ୫୦ ଲକ୍ଷ ଟଙ୍କାରେ କିଣିଥିଲା।

# ଆତଙ୍କବାଦ, ମାଓବାଦ ବିରୋଧରେ ଜାରି ରହିବ ଶୂନ୍ୟ ସହନଶୀଳତା ନୀତି: ମୋଦି

**ରାଇଜିଂ ନର୍ଥ ଇଷ୍ଟ ଇନ୍‌ଭେଷ୍ଟର୍ସ ସମିଟ୍ ଉଦ୍‌ଘାଟିତ**

ନୂଆଦିଲ୍ଲୀ, ୨୩।୫



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ନୂଆଦିଲ୍ଲୀଠାରେ 'ରାଇଜିଂ ନର୍ଥ ଇଷ୍ଟ ଇନ୍‌ଭେଷ୍ଟର୍ସ ସମିଟ'ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଆତଙ୍କବାଦ ଏବଂ ମାଓବାଦକୁ ଟାର୍ଗେଟ କରିଛନ୍ତି। ଅଶାନ୍ତି ସୃଷ୍ଟି କରୁଥିବା ଆତଙ୍କବାଦ ଏବଂ ମାଓବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ପ୍ରତି କେନ୍ଦ୍ର ସରକାରଙ୍କ ଅଟଳ ପ୍ରତିବଦ୍ଧତା ରହି ଆସିଛି ବୋଲି ଏହି ଅବସରରେ ସେ କହିଛନ୍ତି। ଭାରତର ଉତ୍ତର-ପୂର୍ବାଞ୍ଚଳ ପୂର୍ଣ୍ଣ ସମ୍ଭାବନାରେ ଭରି ରହିଛି। ତେଣୁ ଏହାର ଠିକ୍ ଉପଯୋଗ ପାଇଁ ସେଠାରେ ଶାନ୍ତି ଏବଂ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏକଦା ହିଂସା ଦ୍ୱାରା ଜର୍ଜରିତ ଭାରତର ଉତ୍ତର ପୂର୍ବାଞ୍ଚଳ ଏବେ ବିକାଶ ପଥରେ ଆଗେଇ ଚାଲିଛି। ଗତ ଦଶନ୍ଧି ମଧ୍ୟରେ ଉତ୍ତର ପୂର୍ବାଞ୍ଚଳର ୧୦ ହଜାରରୁ ଅଧିକ ଯୁବକ ହିଂସାର ପଥକୁ ପରିତ୍ୟାଗ କରିଛନ୍ତି। ଉତ୍ତର-ପୂର୍ବାଞ୍ଚଳର ବିକାଶ ଦିଗରେ ଏହା ଏକ ଶକ୍ତିଶାଳୀ ସଙ୍କେତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିକଶିତ ଭାରତର ଗଠନରେ ଉତ୍ତର-ପୂର୍ବ ଭାରତର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତର-ପୂର୍ବାଞ୍ଚଳରେ ଅନେକ ସମ୍ଭାବନା ଥିବା ଦର୍ଶାଇ ସେଠାରେ ବିଭିନ୍ନ କ୍ଷେତ୍ରରେ ନିବେଶ କରିବାକୁ ଏହି ଅବସରରେ ମୋଦି ନିବେଶକଙ୍କୁ ଆହ୍ୱାନ କରିଥିଲେ।




ଡିଏମ୍‌କେ ଏମ୍‌ପି କାନିମୋଝିଙ୍କ ନେତୃତ୍ୱରେ ରୁଷିଆ ଗସ୍ତ କରିଥିବା ଭାରତର ସଂସଦୀୟ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମସ୍କୋରେ ବହିର୍ବ୍ୟାପାର ଷ୍ଟେଟ୍ ଡୁମା କମିଟି ଅଧ୍ୟକ୍ଷ ଲିଓନିଡ୍ ସ୍ଲୁଟ୍‌ସ୍କିଙ୍କୁ ଭେଟୁଛନ୍ତି। ପ୍ରତିନିଧି ମଣ୍ଡଳୀରେ ଏମ୍‌ପି ରାଜୀବ ରାୟ, କ୍ୟାପ୍‌ଟେନ୍ ବ୍ରିଜେଶ, ପି.ସି. ଗୁପ୍ତା ଏବଂ ଅଶୋକ ମିତ୍ତଲ ରହିଛନ୍ତି।

# ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ଇସ୍ତଫା ଦେଇପାରନ୍ତି

ଢାକା, ୨୩।୫

ବାଂଲାଦେଶରେ ବିଭିନ୍ନ ସଂସ୍କାରମୂଳକ ନିଷ୍ପତ୍ତି ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସହମତି ହୋଇପାରୁ ନ ଥିବାରୁ କାର୍ଯ୍ୟ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିବା ଅନ୍ତରୀଣ ସରକାରର ମୁଖ୍ୟ ପ୍ରଫେସର ମହମ୍ମଦ ୟୁନୁସ୍ ଇସ୍ତଫା ଦେବା ପାଇଁ ବିଚାର କରୁଛନ୍ତି। ଛାତ୍ର ସଂଗଠନ ନେତୃତ୍ୱରେ ପରିଚାଳିତ ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି) ମୁଖ୍ୟ ନାହିଦ ଇସ୍‌ଲାମ ଏହି ସୂଚନା ଦେଇଛନ୍ତି। ଦେଶର ସାମ୍ପ୍ରତିକ ସ୍ଥିତିରେ କାମ କରିବା ତାଙ୍କ ପାଇଁ ସମ୍ଭବ ହେବ ନାହିଁ ବୋଲି ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ୟୁନୁସ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେବେ ଦେଶର ସୁରକ୍ଷା ଓ ଭବିଷ୍ୟତ ପାଇଁ ୟୁନୁସ୍ ଦୃଢ଼ମନା ରହିବା ନିମନ୍ତେ ଏନ୍‌ସିପି ନେତା ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ-ଅଗଷ୍ଟରେ ତତ୍କାଳୀନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଛାତ୍ର ଆନ୍ଦୋଳନ ଜୋର୍‌ଦାର ହେବା ପରେ ସେ ଦେଶ ଛାଡ଼ି ଭାରତ ପଳାଇଥିଲେ। ଏହାପରେ ୮୪ ବର୍ଷୀୟ ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ପାଇଁ ଦେଶବାସୀ ଦୀର୍ଘଦିନ ହେଲା ଅପେକ୍ଷା କରିଥିବାବେଳେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ସହମତିର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ବ୍ୟବସ୍ଥାରେ ସଂସ୍କାର ଆଣିବା ଓ ମୁକ୍ତ ତଥା ଅବାଧ ନିର୍ବାଚନ ପାଇଁ ପ୍ରସ୍ତୁତି ଦିଗରେ କାମ କରିବାରେ ସେ ଯଦି ବିଫଳ ହୁଅନ୍ତି, ତେବେ ସେ ଇସ୍ତଫା ଦେଇପାରନ୍ତି ବୋଲି ୟୁନୁସ୍ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୟୁନୁସ୍‌ଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସେ ପଦ ଛାଡ଼ିବେ ନାହିଁ। କାରଣ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର ପାଇଁ ୟୁନୁସ୍ ଅନ୍ତରୀଣ ମୁଖ୍ୟ ଭାବେ ରହିବା ଜରୁରୀ ବୋଲି ତାଙ୍କ ଉପଦେଷ୍ଟା ତଥା କ୍ୟାବିନେଟ ମନ୍ତ୍ରୀ ଫୈଜ ଅହମତ ତାଇୟେବ କହିଛନ୍ତି।

# ଜାମିନ ପରେ ବଳାତ୍କାର ଅଭିଯୁକ୍ତଙ୍କ ବିଜୟ ଶୋଭାଯାତ୍ରା

**ବିବାଦ ବଢ଼ିବା ପରେ ପୁଣି ବାନ୍ଧିଲା ପୋଲିସ**

ବେଙ୍ଗାଲୁରୁ, ୨୩।୫

କର୍ନାଟକର ହାବେରୀ ଜିଲାର ବହୁ ଚର୍ଚ୍ଚିତ ହନାଗଲ ଗଣବଳାତ୍କାର ମାମଲାରେ ୭ ମୁଖ୍ୟ ଅଭିଯୁକ୍ତଙ୍କୁ ଗତ ୨୦ ତାରିଖରେ ଜାମିନ ମିଳିଥିଲା। ୧୬ ମାସ ପରେ ଜେଲରୁ ମୁକୁଳିବା ପରେ ଏହି ଅଭିଯୁକ୍ତମାନଙ୍କ ପାଇଁ ଏକ ରୋଡ୍‌ଶୋ'ର ଆୟୋଜନ ହୋଇଥିଲା। ହାଭେରୀ ଉପ କାରାଗାରୁ ଅଭିଯୁକ୍ତମାନେ ୩୦ କିଲୋମିଟର ଦୂର ଜିଲାର ଅକ୍କି-ଅଲୁର ସହରକୁ ଏକ ବିଜୟ ଶୋଭାଯାତ୍ରା କରି



ଯାଇଥିଲେ। ଏହି ଶୋଭାଯାତ୍ରାରେ ୭ ଅଭିଯୁକ୍ତଙ୍କ ସହ ସେମାନଙ୍କର ୨୦ରୁ ଅଧିକ ସମର୍ଥକ ଅନେକ କାର୍ ଏବଂ ବାଇକ୍ ଯୋଗେ ସାମିଲ ହୋଇଥିଲେ। ସେମାନେ ଉଚ୍ଚ ଧ୍ୱନିରେ ଗୀତ ବଜାଇବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ଅଭିଯୁକ୍ତମାନେ ଖୁସି ଏବଂ ଉଲ୍ଲାସର ସହ ବିଜୟ ସଙ୍କେତ ଦେଖାଉଥିବାର ନଜରକୁ ଆସିଥିଲେ। ଅନେକ ସୋସିଆଲ ମିଡିଆ ୟୁଜର୍ସ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଶୁକ୍ରବାର ଘଟଣାକୁ ନେଇ ବିବାଦ ବଢ଼ିବା ପରେ ବେଆଇନ୍ ଶୋଭାଯାତ୍ରା ଏବଂ ବେପରୁଆ ଗାଡ଼ି ଚାଳନା ପାଇଁ ପୋଲିସ ନିଜ ଆଡୁ ଏଫ୍‌ଆଇଆର୍ ରୁଜୁ କରିବା ସହ ହନାଗଲ ଗଣବଳାତ୍କାର ମାମଲାର ୭ ମୁଖ୍ୟ ଅଭିଯୁକ୍ତଙ୍କୁ ପୁଣିଥରେ ଗିରଫ କରିଛି। କୋର୍ଟଙ୍କ ଜାମିନ ସର୍ତ୍ତାବଳୀକୁ ଉଲ୍ଲଂଘନ କରିଥିବାରୁ ଏହି ୭ ଅଭିଯୁକ୍ତଙ୍କୁ ପୁଣିଥରେ ଗିରଫ କରାଯାଇଥିବା ନେଇ ହାଭେରୀ ଏସ୍‌ପି ଅନ୍‌ଶୁ କୁମାର ଶ୍ରୀବାସ୍ତବ କହିଛନ୍ତି।

ହନାଗଲ ଗଣବଳାତ୍କାର ମାମଲାର ୭ ମୁଖ୍ୟ ଅଭିଯୁକ୍ତ ଆଫ୍‌ତାବ ଚନ୍ଦନ କଟ୍ଟି, ମଦାର ସାବ୍ ମଣ୍ଡକୀ, ସମୀଉଲ୍ଲା ଲାଲନୱର, ମହମ୍ମଦ ସାଦିକ ଅଗାସୀମାନି, ସୋଏବ ମୁଲ୍ଲା, ତୌସିପ୍ ଛୋଟି ଏବଂ ରିଆଜ୍ ସାବିକେରୀଙ୍କୁ ହାଭେରୀ ସେସନ୍ କୋର୍ଟ ଗତ ୨୦ ତାରିଖରେ ଜାମିନ ପ୍ରଦାନ କରିଥିଲେ। କୋର୍ଟରେ ପୀଡ଼ିତା ଏହି ଅଭିଯୁକ୍ତମାନଙ୍କୁ ଚିହ୍ନି ପାରି ନ ଥିବାରୁ ସେମାନଙ୍କୁ ଜାମିନ ମିଳିଥିଲା। ପ୍ରକାଶ ଯେ, ଗତବର୍ଷ ଜାନୁଆରୀ ୮ରେ ହାଭେରୀସ୍ଥିତ ଏକ ହୋଟେଲରେ ରହୁଥିବା ଆନ୍ତଃଧର୍ମୀୟ ଦମ୍ପତିଙ୍କ ରୁମ୍‌ରେ କେତେଜଣ ଦୁର୍ବୃତ୍ତ ହଠାତ ପ୍ରବେଶ କରି ଜଣେ ୨୬ ବର୍ଷୀୟା ମହିଳାଙ୍କୁ ଘୋଷାଡ଼ି ନିକଟସ୍ଥ ଜଙ୍ଗଲକୁ ନେଇ ସେଠାରେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ୭ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ସମୁଦାୟ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ଅନ୍ୟ ୧୨ ଅଭିଯୁକ୍ତ ୧୦ ମାସ ତଳେ ଜାମିନରେ ମୁକୁଳିଥିଲେ।

# ମିଶାଇଲ ମ୍ୟାନ୍ ହେବେ ଧନୁଷ୍

କାନ୍ସ

ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ସମସ୍ତେ ମିଶାଇଲ ମ୍ୟାନ୍‌ଙ୍କ କାହାଣୀକୁ ଜାଣିବାକୁ ଚାହୁଁଥିଲେ। ଏବେ ଏହି ଅପେକ୍ଷାର ଅନ୍ତ ଘଟିଛି। ଫ୍ରାନ୍ସରେ ଚାଲିଥିବା କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଅବଦୁଲ କଲାମଙ୍କ ବାୟୋପିକ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫିଲ୍ମରେ ସାଉଥ୍ ଷ୍ଟାର୍ ଧନୁଷ୍ କଲାମଙ୍କ ଭୂମିକାରେ ନଜରକୁ ଆସିବେ। ଏହି ବାୟୋପିକ୍ ଫିଲ୍ମର ନାମ 'କଲାମ: ଦି ମିଶାଇଲ ମ୍ୟାନ୍ ଅଫ୍ ଇଣ୍ଡିଆ' ରଖାଯାଇଛି। ଗୁରୁବାର କାନ୍ସ ଫିଲ୍ମ






ଫେଷ୍ଟିଭାଲରେ ଏହି ଫିଲ୍ମର ନାମ ଘୋଷଣା କରାଯିବା ସହ ଏହାର ପୋଷ୍ଟରକୁ ମଧ୍ୟ ଜାରି କରାଯାଇଛି। ଧନୁଷ୍ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ପୋଷ୍ଟରକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଏପିଜେ ଅବଦୁଲ କଲାମଙ୍କ ପରି ଜଣେ ପ୍ରେରଣାଦାୟୀ ଏବଂ ଉଦାର ନେତାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଥିବାରୁ ସେ ନିଜକୁ ଧନ୍ୟ ଏବଂ ଗର୍ବିତ ମନେକରୁଛନ୍ତି। 'ଟି ସିରିଜ୍ ଫିଲ୍ମସ୍' ପ୍ରଡକ୍ସନ୍ ହାଉସ୍‌ର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଓମ୍ ରାଉତ ଦେବେ।

ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶନିବାର, ମେ ୨୪/୨୦୨୫ | Bhubaneswar, Saturday, May 24/2025


# ପୁରୀରେ ହେବ ୧୯ ମଠର ପୁନଃ ନିର୍ମାଣ

**ପୂର୍ବ ସରକାର ଅମଳରେ ପୁରୀରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଶ୍ରୀମନ୍ଦିରର ୭୫ ମିଟର ପରିଧି ଭିତରେ ଆସୁଥିବା ବାବା ଆଖଡ଼ା, ଲଙ୍ଗୁଳି, ମଙ୍ଗୁ ଓ ଏମାର ଆଦି ୧୯ ମଠକୁ ଭାଙ୍ଗି ଦିଆଯାଇଥିଲା। ସେହି ଭଗ୍ନ ମଠଗୁଡ଼ିକୁ ରାଜ୍ୟ ସରକାର ନୂଆ ପରିଚୟ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଗୋଟିଏ ସ୍ଥାନରେ ସମସ୍ତ ୧୯ ମଠର ପୁନଃ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ତାକୁ ଜବରଦଖଲରୁ ମୁକ୍ତ କରାଯିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଦେବୋତ୍ତର କମିଶନରଙ୍କ ଉପସ୍ଥିତିରେ ଏନେଇ ୨ ଥର ସମୀକ୍ଷା କରାଯାଇଛି। ଏଥିସହ ମଠଗୁଡ଼ିକର ପୁନର୍ବାସ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ଜଗନ୍ନାଥ ସଂସ୍କୃତିପ୍ରେମୀ ଓ ଭକ୍ତ ଖୁସି ବ୍ୟକ୍ତ କରିଛନ୍ତି।**

ପୁରୀ,୨୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ପୁରୀର ପ୍ରାୟ ୧୯ଟି ମଠ କ୍ଷତିଗ୍ରସ୍ତ ହୋଇଥିଲା। ଏହାକୁ ନେଇ ମଠଗୁଡ଼ିକର ମଠାଧୀଶମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ଶ୍ରୀକ୍ଷେତ୍ରରେ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମଠଗୁଡ଼ିକର ପୁନରୁଦ୍ଧାର ପାଇଁ ମଠାଧୀଶମାନଙ୍କ ସହ ଐତିହ୍ୟ ବିଶାରଦମାନେ ବାରମ୍ବାର ଦାବି କରିଆସୁଛନ୍ତି। ଏହି କ୍ରମରେ ସମ୍ପ୍ରତି ରାଜ୍ୟର ଭାଜପା ସରକାର ୧୯ ମଠର ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଗତ ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କରିଥିଲେ। ତଦନୁଯାୟୀ ୨୦୧୯ରୁ ୨୦୨୨ ମଧ୍ୟରେ ଶ୍ରୀମନ୍ଦିର ଚାରିପଟେ ଥିବା ବିଭିନ୍ନ ମଠ ଭଙ୍ଗାଯାଇଥିଲା। ଏବେ ୧୯ଟି ମଠକୁ ପୁନର୍ବାସ ପାଇଁ ଆଇନ ବିଭାଗ ଯୋଜନା କରିଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ଅବସ୍ଥାପିତ କରାଯିବ। ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ପୁରୀର ଏକ ସ୍ଥାନରେ ଜାଗା ଚିହ୍ନଟ ହୋଇଛି। ଗୋଟିଏ ଜାଗାରେ ମଠଗୁଡ଼ିକର ବିଜେସ୍ଥଳୀ ରହିଲେ ଭକ୍ତଙ୍କୁ ଦର୍ଶନ ଏବଂ ସେବା ପୂଜା ପାଇଁ ସୁବିଧା ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି।

ଗତବର୍ଷ ଡିସେମ୍ବର ୨୦ରେ ପରିକ୍ରମା ପ୍ରକଳ୍ପରେ କ୍ଷତିଗ୍ରସ୍ତ ୧୯ଟି ମଠର ପୁନର୍ବାସ ସମ୍ପର୍କରେ ନୂଆ ନକ୍ସା ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ଚାଲିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ସେତେବେଳେ ବିଭିନ୍ନ ମଠର ମଠାଧୀଶ ଓ ସେବାୟତମାନେ ତାହାକୁ ସ୍ୱାଗତ କରିଥିଲେ। ଶୁକ୍ରବାର ଏନେଇ ଆଇନମନ୍ତ୍ରୀ ସୂଚନା ଦେବାପରେ ସରକାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ମଠର ମଠାଧୀଶ, ବ୍ୟକ୍ତିବିଶେଷ ସ୍ୱାଗତ କରିବା ସହ ବର୍ତ୍ତମାନ ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାନାନ୍ତର ନ କରିବାକୁ ମତ ଦେଇଛନ୍ତି। ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାଶ କହିଛନ୍ତି, ପୂର୍ବରୁ ଆଇନମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରାଯାଇଥିଲା। ସେତେବେଳେ ଦେବୋତ୍ତର କମିଶନ ଉପସ୍ଥିତ ଥିଲେ। ମଠ ମହନ୍ତମାନଙ୍କ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା ଯେ, ମଠର ବିଜେସ୍ଥଳୀ, ସମାଧି, ମନ୍ଦିର, ଗାଦିଘର ଆଦି ଯେଉଁଭଳି ରହିଛି ସେଗୁଡିକ ସେହିପରି ରହିବ ଏବଂ ଅଧିକ ସୌନ୍ଦର୍ଯ୍ୟକରଣ କରାଯିବ। ତେବେ ଯେଉଁ ନୂତନ ଭାବେ ମଠ ନିର୍ମାଣ କରାଯିବ ସେଠାରେ ସନ୍ଥ ଭବନ, ବିଦ୍ୟାର୍ଥୀ ଭବନ, ଯାତ୍ରୀ ଭବନ, ଭକ୍ତ ନିବାସ ଆଦି ତିଆରି ହେବ। ସେଗୁଡ଼ିକ ରାଜ୍ୟ ସରକାର ପ୍ରଦାନ କରିଥିବା ନୂତନ ସ୍ଥାନରେ କରାଯିବାକୁ ମଠାଧୀଶମାନେ ପ୍ରସ୍ତାବ ଦେଇଥିଲେ। ଫଳରେ ଗୋଟିଏ ସ୍ଥାନରେ ୧୯ଟି ମଠର ପାଟ ମଠ ରହିବ ଓ ମୂଳ ମଠ ଯେଉଁଠାରେ ଅଛି ସେହିଠାରେ ରହିବ। ମାତ୍ର ବର୍ତ୍ତମାନ ବିଜେସ୍ଥଳୀ ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ନେଇ ଆମ ସହ କୌଣସି ଆଲୋଚନା କରି ନ ଥିଲେ। ଯଦି ସରକାର ସେପରି କୌଣସି ନିଷ୍ପତ୍ତି ନେଉଛନ୍ତି, ତେବେ ଏନେଇ ଆମ ସହ ଆଲୋଚନା କରିବା ଉଚିତ। ନଚେତ କେନ୍ଦ୍ର ସରକାରଙ୍କ ଦ୍ୱାରସ୍ଥ ହେବ ବୋଲୁ ଉତ୍ତରପାର୍ଶ୍ୱ ମଠର ମହନ୍ତ କହିଛନ୍ତି।

ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ କହିଛନ୍ତି, ମଠର ପୁନର୍ବାସ ପାଇଁ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପୂର୍ବରୁ ଆମେ ମଠ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ସରକାରଙ୍କୁ ଜଣାଇଥିଲୁ। ମଠର ବିଜେସ୍ଥଳୀ ଯେଉଁଠି ରହିବା କଥା, ରହିଛି। ବିଦ୍ୟାର୍ଥୀ ଓ ଆଗନ୍ତୁକ ଅତିଥି, ସାଧୁସନ୍ଥଙ୍କ ପାଇଁ ମଠର ଆବାସିକ ଗୃହର ଆବଶ୍ୟକତା ☞ ପୃଷ୍ଠା-୨



ପୁରୀ ଶ୍ରୀମନ୍ଦିର ନିକଟ ଏମାର ମଠ ଭଙ୍ଗାଯିବା ବେଳର ଦୃଶ୍ୟ। (ଫାଇଲ ଫଟୋ)

## ମଠଗୁଡ଼ିକର ବିଜେସ୍ଥଳୀ ସ୍ଥାନାନ୍ତର କରା ନ ଯିବାକୁ ଦାବି

## ଶ୍ରୀମନ୍ଦିର ଉପରେ ଉଡ଼ିବନି ଡ୍ରୋନ୍

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ଉପରେ ଆଉ ଉଡ଼ିପାରିବନି ଡ୍ରୋନ୍। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ମନ୍ଦିରରେ ଆଣ୍ଟିଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଶ୍ରୀମନ୍ଦିରର ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଏହି ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଛନ୍ତି। ହରିଚନ୍ଦନ କହିଛନ୍ତି, ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରରେ ଡ୍ରୋନ୍ ନିରୋଧୀ ବ୍ୟବସ୍ଥା ସଂଲଗ୍ନକରିବା ପାଇଁ ଆଇନ ବିଭାଗରେ ଆଲୋଚନା ହୋଇଛି। ଏହି ବ୍ୟବସ୍ଥା କରାଗଲେ ଅନଧିକୃତ କିମ୍ବା ମନ୍ଦ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଉପରେ ଉଡ଼ାଯାଉଥିବା ଡ୍ରୋନ୍‌ଗୁଡ଼ିକୁ ଠାବ ଓ ଟ୍ରାକିଂ କରାଯିବା ସହ ଖସାଇ ଦିଆଯାଇପାରିବ। ଆବଶ୍ୟକ ହେଲେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏଥିପାଇଁ ପାଣ୍ଠି ଯୋଗାଇଦେବ। ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣ ପରେ ଭାରତ-ପାକିସ୍ତାନ ଉତ୍ତେଜନା ବୃଦ୍ଧି ସହ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଯାଇଥିବାରୁ ଏହି ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

**ଆଜିର ସମ୍ପାଦକୀୟ**

**ମନ୍ଥର ପ୍ରକ୍ରିୟା**

# ଆଜିଠାରୁ ଯୁକ୍ତ ୨ ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ନାମଲେଖା ପାଇଁ ଶନିବାରଠାରୁ ଆବେଦନ ଆରମ୍ଭ ହେବ। ଛାତ୍ରୀଛାତ୍ର ସାମ୍ସ ୱେବ୍‌ସାଇଟରେ ଲଗ୍ ଇନ୍ କରି ଆବେଦନ କରିପାରିବେ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି କରାଯାଇଛି। ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ, ଧନ୍ଦାମୂଳକ ଶିକ୍ଷା ଓ ସଂସ୍କୃତରେ ନାମଲେଖା ପାଇଁ ୨୪ ତାରିଖ ଅପରାହ୍ଣ ୨ଟାରୁ ଆବେଦନ ଆରମ୍ଭ ହୋଇ ଜୁନ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ସାଧାରଣ ବର୍ଗଙ୍କ ପାଇଁ ଫର୍ମପୂରଣ ରାଶି ୨୦୦ ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ୧୦୦ ଟଙ୍କା ଏବଂ ତୃତୀୟ ଲିଙ୍ଗ ଓ ଭିନ୍ନକ୍ଷମଙ୍କ ପାଇଁ ନିଃଶୁଳ୍କ ରଖାଯାଇଛି। ଜୁଲାଇ ୭ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ଜୁଲାଇ ୮ରୁ ୧୪ ମଧ୍ୟରେ ☞ ପୃଷ୍ଠା-୨

# ଜୁନ୍ ୨୦ ସୁଦ୍ଧା ରାଜ୍ୟରେ ନୂଆ ଅବକାରୀ ନୀତି

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଖୁବଶୀଘ୍ର ନୂଆ ଅବକାରୀ ନୀତି ଲାଗୁ କରିବାକୁ ଯାଉଛନ୍ତି। ଅବକାରୀ ବିଭାଗ ଏଥର ୩ ବର୍ଷିଆ ପଲିସି ଆଣିବ। ଅନ୍ୟ ରାଜ୍ୟଗୁଡ଼ିକର ଅବକାରୀ ନୀତିକୁ ଅନୁଧ୍ୟାନ କରି ରାଜ୍ୟରେ ନୂଆ ପଲିସି ଅଣାଯିବ ବୋଲି ଶୁକ୍ରବାର ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆସନ୍ତା ଜୁନ୍ ୧୫ରୁ ୨୦ ମଧ୍ୟରେ ରାଜ୍ୟରେ ନୂଆ ଅବକାରୀ ନୀତି ଅଣାଯିବ। ଖୁବଶୀଘ୍ର ବିଭାଗୀୟ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଗସ୍ତ କରି ସେଠାରେ କେଉଁ ପ୍ରକାର ଅବକାରୀ ପଲିସି ରହିଛି ତା'ର ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ନୂଆ ଅବକାରୀ ନୀତି ଗତ ଏପ୍ରିଲରୁ ଆସିବା କଥା। କିଛିଦିନ ତଳେ ବିଭାଗୀୟ ମନ୍ତ୍ରୀ ଗଣମାଧ୍ୟମକୁ ☞ ପୃଷ୍ଠା-୨

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-26: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**26.05.2025**ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0124/2526

# ଦିନକର ଶିଶୁକନ୍ୟାକୁ ବିକ୍ରି ଅଭିଯୋଗ

ମାଲକାନଗିରି,୨୩।୫
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଚାଉଲମେନ୍ଦି ଗ୍ରାମରେ ଦିନକର ଶିଶୁକନ୍ୟାକୁ ଜନ୍ମକଲା ମା' ବିକ୍ରି କରିଥିବା ଅଭିଯୋଗ ହୋଇଛି। ଜଣେ ଅଚିହ୍ନା ବ୍ୟକ୍ତି ଶୁକ୍ରବାର ୧୦୯ ଶିଶୁ ସୁରକ୍ଷା ଆମ୍ବୁଲାନ୍ସକୁ ଫୋନ୍‌କରି ଏନେଇ ଖବର ଦେଇଥିଲେ। ଜିଲା ଶିଶୁ ସୁରକ୍ଷା କମିଟି ଶୁକ୍ରବାର ଶିଶୁକନ୍ୟାକୁ ଉଦ୍ଧାରକରି ମାଲକାନଗିରି ସଖୀ ଭବନକୁ ହସ୍ତାନ୍ତର କରିଛି। ସଖୀ ଭବନରେ ଶିଶୁକନ୍ୟାର ଚିକିତ୍ସା ଚାଲିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସୂଚନା ଦେଇଛନ୍ତି।

ମାଥିଲି ବ୍ଲକ୍ ଚାଉଲମେନ୍ଦି ଗ୍ରାମର ସବିତା ଗୁରୁବାର ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଶୁକ୍ରବାର ସକାଳୁ ସବିତା ନିଜ ଶିଶୁକନ୍ୟାକୁ ନେଇ ଖଇରପୁଟ କୁମ୍ଭାରଗୁଡ଼ା ଗ୍ରାମର ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଜଣେ ଅଚିହ୍ନା ବ୍ୟକ୍ତି ୧୦୯ ଶିଶୁ ସୁରକ୍ଷା ଆମ୍ବୁଲାନ୍ସକୁ ଫୋନ୍‌କରି ଶିଶୁ ବିକ୍ରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାସଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା କୋଅର୍ଡିନେଟର ଶ୍ୟାମସୁନ୍ଦର ସଗରିଆ, କର୍ମଚାରୀ ଅଜୟ ହାଲ୍‌ଦାର, ସୁପରଭାଇଜର ଲଳିତା ମାଡ଼ି, ମ୍ୟାନେଜର ଜ୍ୟୋତିରଞ୍ଜନ ଦାସ ଖଇରପୁଟ ବ୍ଲକ୍ କୁମ୍ଭାରଗୁଡ଼ା ଯାଇ ଘଟଣା ସମ୍ବନ୍ଧରେ ତଦନ୍ତ କରିଥିଲେ। ସବିତାଙ୍କ ସ୍ୱାମୀ ଭଗବାନ ନାୟକ ବର୍ଷକ ପୂର୍ବରୁ ତାଙ୍କୁ ଛାଡ଼ି ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ଭଗବାନଙ୍କ ଔରସରୁ ସବିତାଙ୍କ ପୂର୍ବରୁ ୨ ଝିଅ ଅଛନ୍ତି। ତେବେ ସବିତା ଜନ୍ମ କରିଥିବା ଶିଶୁଟି ତାଙ୍କ ସ୍ୱାମୀ ଭଗବାନଙ୍କ ଔରସରୁ ନୁହେଁ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଏହା ପରେ ଶିଶୁ ସୁରକ୍ଷା କମିଟି ଶିଶୁକନ୍ୟାକୁ ଉଦ୍ଧାରକରି ମାଲକାନଗିରି ସଖୀ ଭବନକୁ ହସ୍ତାନ୍ତର କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାସ ପ୍ରକାଶ କରିଛନ୍ତି।

# ପୁଅକୁ ୧୮ ହଜାରରେ ବିକିଲେ ମା'

ଯାଜପୁର ଟାଉନ,୨୩।୫
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଟାଉନ ଥାନା ବଡ଼ସୁଆର ଗ୍ରାମର ତୋଟାସାହିରେ ୭ ବର୍ଷର ନାବାଳକ ସାଇରାମ୍ ପରିଡ଼ାଙ୍କୁ ତାଙ୍କ ମା' ୧୮ହଜାର ଟଙ୍କାରେ ବିକ୍ରିକରି ଦେଇଛନ୍ତି। ଏନେଇ ନାବାଳକଙ୍କ ବାପା ପ୍ରଶାନ୍ତ ପରିଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ପ୍ରଶାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି, ସେ ୮ ବର୍ଷ ତଳେ ଛତିଶିଦେବିଲ ଆରଖିଆବାଙ୍କ ଗ୍ରାମର ପୂଜା ପରିଡ଼ାଙ୍କୁ ବିବାହ କରିଥିଲେ। ବିବାହ ପରେ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ୪ ବର୍ଷ ହେବ ଉଭୟଙ୍କ ମଧ୍ୟରେ କଳହ ଲାଗି ରହିବାରୁ ପୂଜା ପୁଅକୁ ଧରି ବାପଘର ଆରଖିଆବାଙ୍କୁ ପଳାଇ ଆସିଥିଲେ। ପରେ ଯାଜପୁର ରୋଡ୍‌ରେ ରହି ଏକ ହୋଟେଲ୍‌ରେ କାମ କରୁଥିଲେ। ୩ ବର୍ଷ ପରେ ପୂଜା ପୁଣି ବାପଘରକୁ ଫେରିଥିଲେ। ଖବର ପାଇ ପ୍ରଶାନ୍ତ ସେଠାକୁ ଯାଇଥିଲେ। ପୁଅକୁ ନ ପାଇବାରୁ ପୂଜାଙ୍କୁ ପଚାରିଥିଲେ। ପୂଜା ଯାଜପୁରରୋଡ୍‌ର ଏକ ହୋଟେଲ୍‌ରେ କାମ କରୁଥିଲାବେଳେ ପୁଅର ଦେହ ଖରାପ ହେବାରୁ ସେ ଜଣେ ବ୍ୟକ୍ତିଙ୍କୁ ୧୮ହଜାର ଟଙ୍କାରେ ବିକ୍ରି କରିଦେଇଥିବା କହିଥିଲେ। ଏହା ଶୁଣିବା ପରେ ପ୍ରଶାନ୍ତ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି। ଜିଲା ଶିଶୁ ସୁରକ୍ଷା କମିଟି ପକ୍ଷରୁ ଯାଜପୁର ସଦର ଥାନାରେ ଏତଲା ଦିଆଯାଇଛି।

# ସ୍ତନ କର୍କଟ ଚିହ୍ନିବ ବାୟୋସେନ୍ସର

ରାଉରକେଲା,୨୩।୫(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକ ଦଳ ଏକ ନୂତନ ସେମିକଣ୍ଡକ୍ଟର ଡିଭାଇସ୍ ଆଧାରିତ ବାୟୋସେନ୍ସର ଉଦ୍ଭାବନ କରିଛନ୍ତି। ଏହାଦ୍ୱାରା ଜଟିଳ କିମ୍ବା ମହଙ୍ଗା ପରୀକ୍ଷାଗାର ପ୍ରକ୍ରିୟା ବିନା ସ୍ତନ କର୍କଟ କୋଷଗୁଡ଼ିକ ଚିହ୍ନଟ କରାଯାଇପାରିବ। ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ରିସର୍ଚ୍ଚ ସ୍କଲାର ଡ. ପ୍ରିୟଙ୍କା କର୍ମକାର ଉକ୍ତ ଗବେଷଣା କରିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ମାଇକ୍ରୋସିଷ୍ଟମ ଟେକ୍ନୋଲୋଜି ଜର୍ନାଲରେ ପ୍ରକାଶିତ ହୋଇଛି।

ଗତ କିଛିବର୍ଷ ମଧ୍ୟରେ କର୍କଟ ରୋଗ ବୃଦ୍ଧି ଯୋଗୁ ବିଶ୍ୱବ୍ୟାପୀ ଜୈବ ଅଣୁ ମୂଲ୍ୟାୟନ ଏବଂ ପଏଣ୍ଟ ଅଫ୍ କେୟାର (ପିଓସି) ପରୀକ୍ଷା ଉପରେ ଧ୍ୟାନ ଦିଆଯାଇଛି। କର୍କଟ କୋଷଗୁଡ଼ିକ ପ୍ରାୟତଃ ଅଗ୍ରଗତି ହେବାର କୌଣସି ପ୍ରାରମ୍ଭିକ ଲକ୍ଷଣ ଦେଖାନ୍ତିନାହିଁ। ତେଣୁ ପ୍ରାରମ୍ଭିକ ସମୟରେ ଏହାର ଚିହ୍ନଟ ଜରୁରୀ ଅଟେ। ବର୍ତ୍ତମାନ ଏକ୍ସ-ରେ, ମାମୋଗ୍ରାଫି, ଏନ୍‌ଜାଇମ୍ ଲିଙ୍କ୍‌ଡ ଇମ୍ୟୁନୋସର୍ବେଣ୍ଟ ଏସେ ଟେଷ୍ଟ (ଇଏଲ୍‌ଆଇଏସ୍‌ଏ), ଅଲ୍ଟ୍ରାସୋନୋଗ୍ରାଫି ଏବଂ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ (ଏମ୍‌ଆର୍‌ଆଇ) ଆଦି ପରୀକ୍ଷା ଦ୍ୱାରା କର୍କଟ ରୋଗ ଚିହ୍ନଟ କରାଯାଉଛି। ଏଥିପାଇଁ ତାଲିମପ୍ରାପ୍ତ କର୍ମଚାରୀ ଆବଶ୍ୟକ। ଦୂରଦୂରାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ଏହି ପରୀକ୍ଷା ଉପଲବ୍ଧ ହେଉନାହିଁ। କୋଭିଡ୍ ମହାମାରୀ ପାଇଁ ଚିକିତ୍ସା ସମ୍ବଳଗୁଡ଼ିକ ସ୍ଥାନାନ୍ତରଣ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଡ. ସାହୁ ଏବଂ ତାଙ୍କ ଦଳ ଏହି ପ୍ରତିବନ୍ଧକ ଦୂର କରିବା ସକାଶେ କର୍କଟ କୋଷଗୁଡ଼ିକୁ ସେମାନଙ୍କ ଭୌତିକ ଗୁଣ ବ୍ୟବହାର କରି ଚିହ୍ନଟ କରିବାକୁ ଏକ ନୂତନ ପଦ୍ଧତି ପ୍ରସ୍ତାବ ଦେଇଛନ୍ତି। କର୍କଟଯୁକ୍ତ ସ୍ତନ କୋଷିକାଗୁଡ଼ିକରେ ଅଧିକ ଜଳଧାରଣ କ୍ଷମତା ଥାଏ ଓ ଅଧିକ ଘନ ହୋଇଥାଏ। ଏହା ମାଇକ୍ରୋୱେଭ ବିକିରଣ ପାଇଁ ଭିନ୍ନ ପ୍ରତିକ୍ରିୟା ଦେଇଥାଏ। ଏହି ପାର୍ଥକ୍ୟଗୁଡ଼ିକୁ ଡାଇଇଲେକ୍ଟ୍ରିକ୍ ଗୁଣ କୁହାଯାଏ। ଯାହା ସୁସ୍ଥ ଏବଂ କର୍କଟ କୋଷ ମଧ୍ୟରେ ପାର୍ଥକ୍ୟ କରିବାରେ ସାହାଯ୍ୟ କରିପାରେ। ବିକଶିତ ପ୍ରଯୁକ୍ତି ବିଦ୍ୟା ବିଷୟରେ ଏନ୍‌ଆଇଟି ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ସାହୁ କହିଛନ୍ତି, ଟନେଲ୍ ଫିଲ୍ଡ ଇଫେକ୍ଟ ☞ ପୃଷ୍ଠା-୨






**ଆଜିର ମନ୍ତବ୍ୟ** "ପୂର୍ବରୁ ଉତ୍ତର ପୂର୍ବାଞ୍ଚଳରେ ବୋମା ବନ୍ଧୁକର ଶବ୍ଦ ଶୁଭୁଥିଲା। ଅବରୋଧ ଯୋଗୁ ଯୁବପିଢ଼ି ଅନେକ ସୁଯୋଗ ହରାଇ ଦେଇଥିଲେ। ଏନ୍‌ଡିଏ ସରକାର ବିକାଶର ନୂଆ ଧାରା ଆରମ୍ଭ କରି ଅଭିବୃଦ୍ଧିକୁ ଗତିଶୀଳ କରାଇଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁଣନିଧି ମହାପାତ୍ରଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ବିଦେଶୀଆ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ବାଲେଶ୍ୱର
- ମହାପ୍ରଭୁଙ୍କ ଅପୂର୍ବ ବେଶ ଓ ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ: ସକାଳୁ ରାତ୍ରୀ ପର୍ଯ୍ୟନ୍ତ।
- ସ୍ୱାମୀ ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଆମ ଅନୁଷ୍ଠାନ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ସକାଳ ୮ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରବିଧାନ କ୍ରୟକୁ ନେଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, ଭୋଗରାଇ, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କର ସଙ୍ଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ବାଗୁରାଇ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ଜଗନ୍ନାଥପୁରସ୍ଥିତ ମାକ୍ରୋୱେଭ୍ ଟେକ୍ନୋଲୋଜି ସେଣ୍ଟର, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ନିଯୁକ୍ତି ମେଳା, ସ୍ଥାନ: ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଆଣ୍ଡ୍ ଟେକ୍ନୋଲୋଜି, ଅସୁରାଳି, ସମୟ: ପୂର୍ବାହ୍ନ ୧୧ଟା।
- ସାବିତ୍ରୀ ବ୍ରତ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ଙ୍ଗ ସାବିତ୍ରୀ ପୀଠ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ବୈତରଣୀ ନଦୀ ସୁରକ୍ଷା ମଞ୍ଚ ପକ୍ଷରୁ କଣ୍ଡରା ଚାଲ ଡାକରା, ସ୍ଥାନ: କଣ୍ଡରା, ସମୟ ପୂର୍ବାହ୍ନ ୧୦ଟା।
- ବୈତରଣୀ ବଞ୍ଚାଅ ସମ୍ମିଳନୀ, ସ୍ଥାନ: କଣ୍ଡରା ହାଟ ପଡ଼ିଆ, ଯୋଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ନହରପଦା ୱାର୍ଡ ନଂ.୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା,ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅପରେଶନ ସିନ୍ଦୂରର ସଫଳତା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା.ସ୍ଥାନ: ଉଦଳା କଲେଜ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।
- ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ' କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ:ସନ୍ଧ୍ୟା ୭ଟା।

## ଯାଜପୁର
- ସଙ୍ଗୀତ ସାଧନାଶ୍ରମ ପକ୍ଷରୁ ୩୬ତମ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଓ ମହାସମ୍ମିଳନୀ–୨୦୨୫, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଦିନଚର୍ଯ୍ୟାର ୧୪ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ରାସନ କାର୍ଡ ବଣ୍ଟନ, ସ୍ଥାନ: ନବରଙ୍ଗପୁର ଡିଆର୍‌ଡିଏ ବୈଠକ ଗୃହ, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଶୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ଆଇସିଏଆଇ ପକ୍ଷରୁ ଆଞ୍ଚଳିକ ସକ୍ଷମ ସମ୍ମିଳନୀ, ସ୍ଥାନ : ସମ୍ବଲପୁର ଆଇଆଇଏମ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବୈଠକ ସ୍ଥାନ : କୁମ୍ଭାରପଡା କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ସମ୍ବଲପୁରୀ ସିଟି ପକ୍ଷରୁ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- କେନ୍ଦୁପତ୍ର କର୍ମଚାରୀ ସଶକ୍ତିକରଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୧୨ଟା ୫।
- ଗୋଷ୍ଠୀ ରେଡିଓ ମନ୍ଥନର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ରେଙ୍ଗାଲି ସ୍ଥିତ ରମ୍ଭେଲା, ସମୟ : ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ଆମ୍ବ ଉତ୍ସବ ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ସ୍ଥିତ କଲ୍ୟାଣ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ଶୀତଳଷଷ୍ଠୀ ଯାତ୍ରା ମିଳିତ ସମନ୍ୱୟ ସମିତିର ପ୍ରସ୍ତୁତି ବୈଠକ, ସ୍ଥାନ : ରିଭର ଇନ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ମହୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର–୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ ଓ ହୋମଯଜ୍ଞ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଗ୍ରୀଷ୍ମ ଶିବିର,ସ୍ଥାନ:ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ:ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାବେଶ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଅଭିଜିତ ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିନିକା ନୂଆବଜାର, ସମୟ: ସକାଳ ୯ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ପ୍ରାତଃ ୪ଟା ୪୫।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ଭଲ ତଥାପି ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ ହୋଇପାରନ୍ତି। ଗୃହ, ଭୂମି, ଗାଡ଼ି, ମୋଟର, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନା ଅର୍ଥପ୍ରାପ୍ତିର ରାସ୍ତା ସୁଗମ କରିବ। ପଡ଼ୋଶୀଙ୍କ ସହାୟତାରେ ପରିବାରରେ ଅସ୍ୱସ୍ତିକର ପରିସ୍ଥିତିକୁ ନିୟନ୍ତ୍ରଣ କରି ପାରିବେ। ଅଫିସ୍‌କୁ ଯିବା ସମୟକୁ କୌଣସି ଦରକାରୀ କାଗଜ ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ** ବୁଧ ଓ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ପାରିବାରିକ କ୍ଷେତ୍ର ଅସ୍ଥିର ରହିବ। ଆଜି ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଶେଷ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ଆଜିର ଶୁଭଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ ସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ନିକଟରୁ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ପରିବହନ, ସଭାସମିତି, ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ରାଶ୍ୟାଧିପ କର୍ମସ୍ଥ ହେତୁ ଏକାଧାରରେ ପରିବାର ଓ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ଖୁସି ରହିବେ। ଈର୍ଷାପରାୟଣ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷ ଯାତ୍ରା ପୂର୍ବରୁ ଜିନିଷପତ୍ରକୁ ଆଉଥରେ ଦେଖିନେବା ଭଲ ହେବ।

**କନ୍ୟା** ଅଷ୍ଟମଚନ୍ଦ୍ର ପ୍ରଭାବରେ ପରିସ୍ଥିତି ବଦଳିଯିବାରୁ ପାଇବା ଜିନିଷ ହରାଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅଫିସ୍ କାମରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପିଲାମାନଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ । କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବାର ଆଶା ରହିଛି ।

**ବିଛା** ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି କୌଣସି କାମ ଅଟକିବ ନାହିଁ।

**ଧନୁ** ପାରିବାରିକ ଓ କର୍ମକ୍ଷେତ୍ରସ୍ଥ ବିଭିନ୍ନ ସମସ୍ୟାରେ ଜଡ଼ିତ ହୋଇ ମନ ବିଚଳିତ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀର ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର** ଆପଣ କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ଉଦ୍ରେକ ହୋଇପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବାର ସୂଚନା ରହିଛି।

**କୁମ୍ଭ** ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପକାଇଦେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ଅନୁକୂଳ ରହିବ। ବନ୍ଧୁମିଳନ, ଆଲୋଚନା,ଜମିଜମା କାରବାର, ଯାନ୍ତ୍ରିକ ଶିଳ୍ପ, ନିର୍ମାଣ କ୍ଷେତ୍ରରୁ ସଫଳତା ପାଇବେ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଭଲକୁ ଭେଳ କ୍ରମରେ ମନକୁ ଆସିବ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦି ପାରନ୍ତି। ପାରିବାରିକ କ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ।

ଆଜି ମେ ୨୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ, ଶନିବାର, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ରାଶିନକ୍ଷତ୍ର–ଦିବା, ଘ.୦୧।୪୭ ପର୍ଯ୍ୟନ୍ତ ରେବତୀ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ. ୧୦।୦୫ ଗତେ ଘ.୧୨।୦୯ ମଧ୍ୟେ, ଘ.୦୨।୫୯ ଗତେ ଘ.୦୩।୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୧ ଗତେ ଘ. ୦୩।୦୦ ମଧ୍ୟେ ରାହୁ କାଳ।

# ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଆବଶ୍ୟକ ଗୁରୁତ୍ୱର ସହ ସମ୍ପନ୍ନ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)



ପୁରୀ ବାଲିସାହିସ୍ଥିତ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସଂରକ୍ଷଣ ଓ ବିକାଶ ସମ୍ପର୍କିତ ଏକ ବୈଠକ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଗୋବର୍ଦ୍ଧନ ପୀଠର ସୁରକ୍ଷା ଓ ସଂରକ୍ଷଣ, ସମସ୍ତ ପୂର୍ବ ଆଚାର୍ଯ୍ୟମାନଙ୍କ ସମାଧି ସ୍ଥଳର ସୁରକ୍ଷା, ପୂଜ୍ୟ ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା, ମଠ ପରିସରରେ ଥିବା ଗୋବର୍ଦ୍ଧନ ଗୋଶାଳାର ବିକାଶ, ମହୋଦଧି ସନ୍ଧ୍ୟା ଆରତି ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ଗୋବର୍ଦ୍ଧନ ପୀଠର ବିକାଶ ପାଇଁ ଯାହା ଯାହା ଆବଶ୍ୟକତା ରହିଛି ସମସ୍ତ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ସମ୍ପନ୍ନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସନାତନ ଧର୍ମର ସୁରକ୍ଷା ତଥା ଅଦ୍ୱୈତ ବେଦାନ୍ତର ପ୍ରଚାର ନିମନ୍ତେ କାର୍ଯ୍ୟ କରୁଥିବା ଗୋବର୍ଦ୍ଧନ ପୀଠର ଉନ୍ନତି ପାଇଁ ଶଙ୍କରାଚାର୍ଯ୍ୟ ପୀଠ ଟ୍ରଷ୍ଟ ବୋର୍ଡର ସଦସ୍ୟମାନଙ୍କୁ ଆବଶ୍ୟକ କାର୍ଯ୍ୟ ସମ୍ବନ୍ଧରେ ସରକାରଙ୍କୁ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୀଠର ଉନ୍ନତି ପାଇଁ ସବୁ ବିଭାଗ ତଥା ଜିଲା ପ୍ରଶାସନର ସମନ୍ୱୟରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ମଠର ପାରିପାର୍ଶ୍ୱିକ ବିକାଶ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମହୋଦଧି ସନ୍ଧ୍ୟା ଆଳତି ସ୍ଥଳକୁ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲା ପ୍ରଶାସନକୁ କୁହାଯାଇଛି।

ବୈଠକରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ, ପ୍ରମୁଖ ଶାସନ ସଚିବ ଆଇନ ବିଭାଗ ମାନସ ରଞ୍ଜନ ବାରିକ, ପ୍ରମୁଖ ଶାସନ ସଚିବ ପୂର୍ତ୍ତ ବିଭାଗ ସଞ୍ଜୟ ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ, ଗୋବର୍ଦ୍ଧନ ପୀଠର ପ୍ରତିନିଧି ପଣ୍ଡିତ ମାତୃପ୍ରସାଦ ମିଶ୍ର, ବ୍ରହ୍ମଚାରୀ ସୁଯଶ ପ୍ରଶାନ୍ତ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମୁଙ୍ଗେରରୁ ମାଷ୍ଟରମାଇଣ୍ଡ ମହମ୍ମଦ ଅସଲାମ୍ ଗିରଫ

ଭୁବନେଶ୍ୱର,୨୩।୫(ସତ୍ୟଜିତ୍ ରାଉତ)

**୪୨ ମୌଜାରେ ବନ୍ଧୁକ କାରଖାନା ଠାବ ଘଟଣା**

କଟକ ଜିଲା ୪୨ମୌଜାରେ ବନ୍ଧୁକ କାରଖାନା ଠାବ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ଅଧିକ ଛାନଭିନ୍ ଚଳାଇଛି। ଏହି ଚୋରା ବନ୍ଧୁକ ର୍ୟାକେଟର ମାଷ୍ଟରମାଇଣ୍ଡଙ୍କୁ ଏସ୍‌ଟିଏଫ୍ ଟିମ୍ ବିହାର ମୁଙ୍ଗେରରୁ ଗିରଫ କରିଛି। ସେ ହେଲେ ମୁଙ୍ଗେର ଜିଲା କାସିମ୍‌ବଜାର ଥାନା ଅଞ୍ଚଳର ଏମ୍‌ଡି ଅସଲାମ୍ (୫୦)। କାସିମ୍‌ବଜାର ପୋଲିସ ସହାୟତାରେ ମଙ୍ଗଳବାର ଏସ୍‌ଟିଏଫ୍ ତାଙ୍କୁ ଗିରଫ କରିଥିଲା। ପରେ ଅସଲାମ୍‌ଙ୍କୁ ମୁଙ୍ଗେରସ୍ଥିତ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ଟିଏଫ୍ ଟିମ୍ ୩ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ଶୁକ୍ରବାର କଟକ ଜେଏମ୍‌ଏଫ୍‌ସି–୪ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅସଲାମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ୪୨ ମୌଜାର ବଡ଼ ଧୂଳେଶ୍ୱର ଗାଁରେ ସିଡୁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ଅଧା ତିଆରି ୧୯ ବନ୍ଧୁକ ସମେତ ବିପୁଳ ପରିମାଣର ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏହି ମାମଲାରେ ଘର ମାଲିକ ଶରତ ଚନ୍ଦ୍ର ବେହେରା ଓରଫ ଶରତ ଯାଦବ, ପଶ୍ଚିମବଙ୍ଗ ହାୱଡା ଜିଲା କୋଲାବାରି ଥାନା ଅଞ୍ଚଳର ମହମ୍ମଦ ଆଜମ୍ ଓରଫ ବୁଦ୍ଧୁ, ବନ୍ଧୁକ ମିସ୍ତ୍ରି ମୁଙ୍ଗେର ଜିଲା କାସିମବଜାର ଥାନା ଅଞ୍ଚଳର ମହମ୍ମଦ ଆବିଦ୍ ହୁସେନ୍ ଓ ମୁଙ୍ଗେର ଦିଲୱାଲପୁରର ମହମ୍ମଦ କାଲୁଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ତଦନ୍ତ ବେଳେ ବନ୍ଧୁକ ତିଆରି ଓ କାରବାର ର୍ୟାକେଟର ବଡ଼ ସୁରାକ ମିଳିଥିଲା। ଅଧା ତିଆରି ବନ୍ଧୁକଗୁଡ଼ିକ ୪୨ ମୌଜାରୁ ବିହାର ମୁଙ୍ଗେରକୁ ନିଆଯାଉଥିଲା। ସେଠାରେ ପୂର୍ଣ୍ଣାଙ୍ଗ ବନ୍ଧୁକ ତିଆରି ପରେ ପୁଣି ଓଡ଼ିଶାକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି ଘଟଣାରେ ଏସ୍‌ଟିଏଫ୍ ଅଧିକ ଖୋଳତାଡ କରିବା ବେଳେ ଅସଲାମ୍‌ଙ୍କ ଲିଙ୍କ୍ ପାଇଥିଲା। ଅସଲାମ୍ ବଡ଼ ଧୂଳେଶ୍ୱରସ୍ଥିତ ବନ୍ଧୁକ କାରଖାନାକୁ ଅଧିକାଂଶ ସମୟରେ ଆସୁଥିଲେ। ସେ ମହମ୍ମଦ ଆଜମ୍ ଓ ମହମ୍ମଦ ଆବିଦ୍ ହୁସେନ୍‌ଙ୍କଠାରୁ ଅଧା ତିଆରି ବନ୍ଧୁକ ବିହାର ନେଉଥିଲେ। ଦୁଇଜଣଙ୍କ ସହ ଅସଲାମ୍ ବନ୍ଧୁକ ଡିଲ୍ ପାଇଁ ଟଙ୍କା କାରବାର କରିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇଛି। ଅସଲାମ୍‌ଙ୍କୁ ଧରିବାକୁ ଏସ୍‌ଟିଏଫ୍ ଟିମ୍ କିଛିଦିନ ହେଲା ମୁଙ୍ଗେରରେ ଡେରା ପକାଇଥିଲା।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଉଁଶ ଫୁଲିଲେ ମରେ,**
**ମଣିଷ ବୁଲିଲେ ମରେ ।**

ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ। ତା' ଦେହରେ ଫୁଲ ହେଲେ ଆଉ ବଢେନାହିଁ, ମରିଯାଏ। ସେହିପରି ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବିରି ଡାଲି କଲି ବାସି;**
**ଚିଟାଉ ଉପରେ ଚିଟାଉ ଦେଇ,**
**ବୁଢ଼ୀ ହୋଇଗଲି ଆସି ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ପୁରୀରେ ହେବ...

ରହିଛି। ଏନେଇ ଆମକୁ ଲିଖିତ ପ୍ରତିଶ୍ରୁତି ମଧ ମିଳିଥିଲା। ଯାହା ବି ହେବା କଥା ତ୍ୱରିତ ହେଉ ଏବଂ ମନ୍ଦିର ସନ୍ନିକଟରେ ହେଉ ବୋଲି ସେ କହିଛନ୍ତି। କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାସ କହିଛନ୍ତି, ଯେତେବେଳେ ଜମି ଅଧିଗ୍ରହଣ ହୋଇଥିଲା, ସେତେବେଳେ ଏ ମାମଲା ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା। ବାସ୍ତବରେ ମଠର ବିଜେସ୍ଥଳୀରେ ଠାକୁର ପ୍ରତିଷ୍ଠା ହୋଇଛନ୍ତି। ଯେଉଁ ମଠ ସମ୍ପୂର୍ଣ୍ଣ ଭଙ୍ଗାଯାଇଥିଲା, ସେଠାକାର ଠାକୁର ଏବଂ ଅନ୍ତେବାସୀଙ୍କୁ ଅନ୍ୟ ମଠର ଜାଗାରେ ସ୍ଥାନିତ କରାଯାଇଛି। ଏହା ବିଧିବଦ୍ଧ ଭାବେ ଚୁକ୍ତିନାମା ପଞ୍ଜୀକୃତ ହୋଇଛି। କୋର୍ଟ ରାୟ ମୁତାବକ, ଯେତେବେଳେ ବି ସରକାର ମଠକୁ ନେଇ କୌଣସି କଥା ଚିନ୍ତା କରୁଛନ୍ତି, ସେତେବେଳେ ମଠ ସହ ଆଲୋଚନା କରିବା ଆବଶ୍ୟକ। ପୂର୍ବରୁ ମଧ୍ୟ ମୁଦୁଲି ଜାଗା ପାଖରେ ଅଧିକ ଜମି ଦେବାର ଲୋଭ ମଠଗୁଡ଼ିକୁ ଦେଖାଯାଇଥିଲା। କିନ୍ତୁ ମଠ ମହନ୍ତମାନେ ଏନେଇ ଅନିଚ୍ଛା ପ୍ରକାଶ କରିଥିଲେ। ଯେହେତୁ ମହାପ୍ରଭୁଙ୍କ ପାଖରେ ମଠର ସେବା ଅଛି, ତେଣୁ ଶ୍ରୀମନ୍ଦିର ନିକଟରେ ଅଳ୍ପ ଜାଗା ହେଲେ ବି ରହିବୁ ପଛେ, ଦୂରକୁ ଯିବୁ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ ଯଦି କୌଣସି ଦୂର ସ୍ଥାନରେ ମଠକୁ ନେବା ପାଇଁ ଉଦ୍ୟମ କରାଯାଏ, ତେବେ ଏହା କେବେ ବି ଗ୍ରହଣୀୟ ହେବ ନାହିଁ ବୋଲି ସେ କହିଛନ୍ତି।

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ଯେଉଁ ନୂତନ ସ୍ଥାନରେ ମଠ ନିର୍ମାଣ ପାଇଁ ସରକାର ପ୍ରସ୍ତାବ ଦେଉଛନ୍ତି, ସେଠାରେ ନିର୍ମାଣ ହେବାକୁ ଥିବା ମଠଗୁଡ଼ିକର ପୌରାଣିକ ଧାରା ନିର୍ମାଣ କରାଯାଉ। ମଠ ସଂସ୍କୃତି ଓ ପରମ୍ପରା ଅକ୍ଷୁଣ୍ଣ ରହୁ। ସେହିପରି ବିଶିଷ୍ଟ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଚାରିପାଖରେ ଉଚ୍ଛେଦ ହୋଇଥିବା ୧୯ଟି ମଠ ୬ଟି ସମ୍ପ୍ରଦାୟର ମଠ। ପ୍ରତ୍ୟେକ ମଠ ଶ୍ରୀମନ୍ଦିର ସହ ଜଡ଼ିତ। ପ୍ରତ୍ୟେକ ଦିନ ମଠଗୁଡ଼ିକର ସେବା ରହିଛି। ଯଦି ମଠଗୁଡ଼ିକ ଶ୍ରୀମନ୍ଦିରଠାରୁ ଦୂରକୁ ସ୍ଥାନାନ୍ତର କରାଯିବ, ତେବେ ସେବାରେ ବିଶୃଙ୍ଖଳା ଉପୁଜିବ। ତେଣୁ ମଠଗୁଡ଼ିକର ସେବାରେ ଯେପରି କୌଣସି ସମସ୍ୟା ବା ବିଶୃଙ୍ଖଳା ସୃଷ୍ଟି ନ ହେବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଡ. ମିଶ୍ର ମତ ଦେଇଛନ୍ତି। ଅନ୍ୟପକ୍ଷରେ ଆଇନଜୀବୀ ଦିଲୀପ ବରାଳ କହିଛନ୍ତି, ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ସୁପ୍ରିମକୋର୍ଟଙ୍କ ରାୟର ଅବମାନନା କରୁଛି। ଅତୀତରେ ୨୦୧୯ରେ ସୁପ୍ରିମକୋର୍ଟରେ ସରକାର ସତ୍ୟପାଠ ଦେଇଥିଲେ ଯେ, ସମସ୍ତ ମଠର ଗାଦିଘର ଗୋଟିଏ ସ୍ଥାନରେ ରଖିବେ ଓ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରିବେ। ତେଣୁ ଆଇନମନ୍ତ୍ରୀ ଏପରି ନିଷ୍ପତ୍ତିରୁ ତୁରନ୍ତ ଓହରିବାର ଆବଶ୍ୟକତା ରହିଛି।

## ଆଜିଠାରୁ ଯୁକ୍ତ ୨

ରିପୋର୍ଟିଂ ସହ ନାମ ଲେଖାଇପାରିବେ। ଜୁଲାଇ ୯ରୁ ୧୫ ମଧ୍ୟରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର ପାଇଁ ସ୍ଲାଇଡ୍ ଅପ୍ ଆବେଦନ କରିପାରିବେ। ଜୁଲାଇ ୨୧ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୨୩ରୁ ୨୮ ମଧ୍ୟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ ସହ ନାମ ଲେଖାଇପାରିବେ। ଜୁଲାଇ ୨୯ ସୁଦ୍ଧା ସାମ୍‌ସ ଇ–ସ୍ପେସ୍‌ରେ ଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ବାବଦରେ ତଥ୍ୟ ଦାଖଲ କରିବେ। ଜୁଲାଇ ୩୦ରେ ସ୍ପଟ୍ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଅଗଷ୍ଟ ପହିଲାରେ ସ୍ପଟ୍ ନାମଲେଖା ପାଇଁ ଆବେଦନ ବା ଚଏସ ଲକିଂ ସରିବ, ୭ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ଓ ଅଗଷ୍ଟ ୮ରୁ ୧୩ ମଧ୍ୟରେ ତତ୍କାଳ ନାମଲେଖା ଅନୁଷ୍ଠିତ ହେବ। ଜୁଲାଇ ୨୪ରୁ ପ୍ରଥମବର୍ଷ ପାଠପଢା ଆରମ୍ଭ ହେବ। ଛାତ୍ରୀଛାତ୍ର www.samsodisha.gov.in କିମ୍ବା ଟୋଲ ଫ୍ରି ନମ୍ବର ୧୫୫୩୩୫/ ୧୮୦୦୩୪୫୬୭୭୦ ମାଧ୍ୟମରେ ସବିଶେଷ ତଥ୍ୟ ପାଇପାରିବେ।

## ଜୁନ୍ ୨୦ ସୁଦ୍ଧା...

ପ୍ରତିକ୍ରିୟା ଦେଇ ୧୦ରୁ ୧୫ ଦିନରେ ନୂଆ ଅବକାରୀ ନୀତି ଆସିବ ବୋଲି ସୂଚନା ଦେଇଥିଲେ। ହେଲେ ଏହା ସାମାନ୍ୟ ବିଳମ୍ବିତ ହୋଇଛି। ରଜ ପରେ ନୂଆ ଅବକାରୀ ନୀତି ଆସିବ ବୋଲି ସରକାରଙ୍କ ପକ୍ଷରୁ ଯୋଜନା ଚାଲିଛି। ମୁଖ୍ୟତଃ ଆନ୍ଧ୍ର ମଡେଲରେ ନୂଆ ଅବକାରୀ ନୀତି ଅଣାଯାଇପାରେ ବୋଲି ଶୁଣିବାକୁ ମିଳୁଛି।

## ସ୍ତନ କର୍କଟ ଚିହ୍ନିବ...

ଟ୍ରାଞ୍ଜିଷ୍ଟର (ଟିଏଫ୍‌ଇଟି) ନାମକ ଇଲେକ୍ଟ୍ରିକ ଡିଭାଇସ୍ କର୍କଟ ରୋଗଗ୍ରସ୍ତ କୋଷିକାଗୁଡ଼ିକୁ ଚିହ୍ନଟ କରିବ। ପାରମ୍ପରିକ ପରୀକ୍ଷଣ ସକାଶେ ବାୟୋସେନ୍ସର କାର୍ଯ୍ୟ କରିବା ପାଇଁ କୌଣସି ରାସାୟନିକ ପଦାର୍ଥ ବା ଲେଭଲର ଆବଶ୍ୟକତା ନାହିଁ। ପ୍ରସ୍ତାବିତ ପଦ୍ଧତିରେ ଟ୍ରାଞ୍ଜିଷ୍ଟର ଗେଟ୍ କ୍ଷେତ୍ରରେ ଏକ ଛୋଟ କେଭିଟି କରାଯାଏ। ପରେ ସେନ୍ସର ଗୁଣଧର୍ମ ଆଧାରରେ ବୈଦ୍ୟୁତିକ ସଙ୍କେତରେ ପରିବର୍ତ୍ତନ ପଡ଼ିଥାଏ ଏବଂ କୋଷଗୁଡ଼ିକ ସୁସ୍ଥ କିମ୍ବା ରୋଗିଣା ତାହା ନିର୍ଣ୍ଣୟ କରିଥାଏ। ଟି ୪୭ ଡି ଭଳି କର୍କଟ ରୋଗ କୋଷରେ ଏମ୍‌ସିଏଫ୍–୧୦ ଏ ଭଳି ସୁସ୍ଥ କୋଷ ଅପେକ୍ଷା ଅଧିକ ଡାଇଇଲେକ୍ଟ୍ରିକ୍ ସ୍ଥିରାଙ୍କ ଥିବାରୁ ସେନ୍ସର ଏହି ପରିବର୍ତ୍ତନଗୁଡ଼ିକୁ ଶୀଘ୍ର ଓ ଠିକ୍ ଭାବେ ଚିହ୍ନଟ କରିଥାଏ ବୋଲି ସାହୁ କହିଛନ୍ତି।


Reliance
Growth is Life
Jio Mart
ଉଭୟ ସମୟ ଏବଂ ଟଙ୍କା ର ବଚତ୍
Quick
Scheduled
Low Price Guarantee
Groceries
Half Price Store
Summer Of Savings
Match Mania
Biscuits, Drink & Packaged Foods
Ice Cream & Frozen
Chips & Namkeens
Biscuits & Cookies
Chocolates &...
Indian Sweets
Drinks & Juices
Breakfast Cereals
Noodles, Pasta &...
Quick ମାଗଣା ହୋମ୍ ଡେଲିଭରୀ
ଲୋ ପ୍ରାଇସ୍ ଗ୍ୟାରେଣ୍ଟୀ
0 ଜିରୋ ଏକ୍ସଟ୍ରା ଚାର୍ଜ
ଫ୍ଲାଟ୍ ₹100 ଅଫ୍*
କେବଳ ଆପଣଙ୍କ ପ୍ରଥମ Quick ଗ୍ରୋସରୀ ଅର୍ଡ଼ର ଉପରେ
ସର୍ବନିମ୍ନ ₹399 ର ଶପିଙ୍ଗ୍ ଉପରେ
କୁପନ୍ କୋଡ୍ ବ୍ୟବହାର କରନ୍ତୁ
JMNEW100
ଡାଉନଲୋଡ୍ କରିବା ପାଇଁ ସ୍କାନ୍ କରନ୍ତୁ
*T&C Apply
ପିଆଜ 1 kg
ବଜାର ମୂଲ୍ୟ ₹30
ଜିଓମାର୍ଟ ପ୍ରାଇସ୍ ₹22
ଆମ୍ରପାଲି ଆମ୍ବ 1 kg
ବଜାର ମୂଲ୍ୟ ₹80
ଜିଓମାର୍ଟ ପ୍ରାଇସ୍ ₹55
ଆମ୍ବ ବାଇଗଣ ପଲି 1 kg
ବଜାର ମୂଲ୍ୟ ₹80
ଜିଓମାର୍ଟ ପ୍ରାଇସ୍ ₹59
କ୍ୱାଲିଟୀ ୱାଲ୍ସ ପାର୍ଟି ପ୍ୟାକ୍ସ / ଟବ୍ସ 700 ml (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹140 ଠେଣିକି
ଜିଓମାର୍ଟ ପ୍ରାଇସ୍ ₹70 ଠେଣିକି
ଫ୍ଲାଟ୍ 50% ଛାଡ଼
ବିଙ୍ଗୋ! / ପ୍ରିଙ୍ଗଲ୍ସ ଚିପ୍ସ 75 g ଠେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹20 ଠେଣିକି
ଫ୍ଲାଟ୍ 40% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹12 ଠେଣିକି
ଥଣ୍ଡା ପାନୀୟ 750 ml / ଜୁସ 600 ml (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹40 ଠେଣିକି
ଫ୍ଲାଟ୍ 25% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹30 ଠେଣିକି
ଗୁଡ୍ ଲାଇଫ୍ ସୁଗାର M 5 kg
MRP ₹320
ଜିଓମାର୍ଟ ପ୍ରାଇସ୍ ₹255
₹51.00 / kg
ସଞ୍ଚନ୍ତୁ ₹65
ମ୍ୟାକେନ୍ ଫ୍ରେଞ୍ଚ ଫ୍ରାଏଜ୍ 420 g
MRP ₹125
ଜିଓମାର୍ଟ ପ୍ରାଇସ୍ ₹49
ସଞ୍ଚନ୍ତୁ ₹76
ଟ୍ରେସମି / ହିମାଳୟ / ଡଭ ଶାମ୍ପୁ 340 ml (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹310 ଠେଣିକି
ଫ୍ଲାଟ୍ 33% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹207 ଠେଣିକି
ଟାଇଡ୍ 6 kg + 2 kg / ସର୍ଫ ଏକ୍ସେଲ୍ ଡିଟରଜେଣ୍ଟ ପାଉଡର୍ 7 kg / ଏରିଏଲ / ସର୍ଫ ଏକ୍ସେଲ୍ ମ୍ୟାଟିକ୍ ଲିକ୍ୱିଡ୍ 4 L / କମ୍ଫର୍ଟ ଫେବ୍ରିକ୍ କଣ୍ଡିଶନର 2 L (ନିର୍ଦ୍ଦିଷ୍ଟ ପ୍ରକାରର)
MRP ₹550 ଠେଣିକି
ଫ୍ଲାଟ୍ 40% ଛାଡ଼
ଜିଓମାର୍ଟ ପ୍ରାଇସ୍ ₹330 ଠେଣିକି
ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବ। ସମସ୍ତ ଅଫର୍ 25 ମଇ 2025, ନିର୍ଦ୍ଦିଷ୍ଟ ପିନ୍ କୋଡ୍‌ରେ ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

# ମନ୍ଥର ପ୍ରକ୍ରିୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ପ୍ରଶାନ୍ତ କୁମାର ମେ ୩୧ରେ ଅବସର ନେବାକୁ ଯାଉଛନ୍ତି। ଏଣୁ ରାଜ୍ୟର ପୋଲିସ ମୁଖ୍ୟ ଲାଗି ଦୌଡ଼ ଆରମ୍ଭ ହୋଇଯାଇଛି। କିନ୍ତୁ ଏଯାବତ୍ କେବଳ ଗୁଞ୍ଜରଣ ସୃଷ୍ଟି ହେଉଛି, କ'ଣ ସତ୍ୟ ତାହା ପଦାକୁ ଆସୁନାହିଁ। ରାଜ୍ୟ ସରକାର ଏପର୍ଯ୍ୟନ୍ତ ୟୁପିଏସ୍‌ସିକୁ ଶର୍ଟଲିଷ୍ଟ ପଠାଇ ନାହାନ୍ତି କିମ୍ବା ଡିଜିପି ନିଯୁକ୍ତି ପାଇଁ ନୂଆ ଭାବେ ଆଣିଥିବା ନିୟମ ଅନୁଯାୟୀ ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ଫଳରେ ଶୀର୍ଷ ପଦବୀ ରହସ୍ୟ ଓ କଳ୍ପନାଜଳ୍ପନାର ଏକ ବିଚିତ୍ର ସ୍ଥିତିରେ ଝୁଲିରହିଛି। ରାଜ୍ୟରେ ଅଣାଯାଇଥିବା ନୂଆ ନିୟମ ଅମଲାତନ୍ତ୍ରିକ ପ୍ରକ୍ରିୟାରେ ହେଉଥିବା ଅଯଥା ବିଳମ୍ବକୁ ରୋକିବା ପାଇଁ ଅଣାଯାଇଛି। ଏଥିରେ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଚୟନ କମିଟି ଗଠନ କରାଯାଇଛି। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ମତରେ, ଏହା କେନ୍ଦ୍ରର ଭୂମିକାକୁ ଗୌଣ କରିବା ପାଇଁ ଏକ ଉପାୟ। ତେବେ ଡିଜିପି ପାଇଁ କ୍ଷମତା ପରିସରରେ ବହୁ ଜଣାଶୁଣା ନାମ ଉଠୁଛି। ଡିଜି (ଟ୍ରେନିଂ) ଭାବେ କାର୍ଯ୍ୟରତ ୧୯୯୦ ବ୍ୟାଚ୍ ଅଧିକାରୀ ତିଳୋତ୍ତମା ବର୍ମାଙ୍କ ନାମ ଅଧିକ ଚର୍ଚ୍ଚାରେ ରହିଛି। ଯଦି ତାଙ୍କୁ ଚୟନ କରାଯାଏ, ତେବେ ଉତ୍ତରପ୍ରଦେଶର ସେ ପ୍ରଥମ ମହିଳା ପୋଲିସ ଡିଜିପି ହେବେ। ସିବିଆଇରେ କରିଥିବା କାର୍ଯ୍ୟ ପାଇଁ ସେ ବେଶ୍ ପରିଚିତ। ବର୍ମାଙ୍କୁ ନେଇ ଗୁଞ୍ଜରଣ ସୃଷ୍ଟି ହେବାର କାରଣ ହେଉଛି ତାଙ୍କ ସ୍ୱାମୀ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ଆଶିଷ ଗୁପ୍ତା ଗତ ମାସରେ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ସମ୍ଭବତଃ ବର୍ମାଙ୍କ ପଦୋନ୍ନତି ପାଇଁ ସେ ପଥ ପରିଷ୍କାର କରିଛନ୍ତି। ଡିଜିପି ପାଇଁ ବିଏସ୍‌ଏଫ୍‌ରେ କାର୍ଯ୍ୟରତ ଦଲଜିତ ସିଂ ଚୌଧୁରୀ,ଏସ୍‌ପିଜି ମୁଖ୍ୟ ଆଲୋକ ଶର୍ମା ଏବଂ ରାଜ୍ୟର ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଦାୟିତ୍ୱ ସମ୍ଭାଳୁଥିବା ରାଜୀବ କ୍ରିଷ୍ଣାଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସୁଛି। ତେବେ ନିଯୁକ୍ତି ଯୋଗ୍ୟତା, ସ୍ୱଚ୍ଛତା ଏବଂ ଅଭିଜ୍ଞତା ଆଧାରରେ ହେବ ନା ପୁନର୍ବାର ରାଜନୈତିକ ପ୍ରକ୍ରିୟାରେ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଗଛକଟା ଅଡୁଆ

ସପ୍ତାହାନ୍ତ ଛୁଟିରେ କେହି କିଛି ଦେଖନ୍ତନି ଭାବି ତେଲଙ୍ଗାନା ସରକାର ଜଙ୍ଗଲ ଧ୍ୱଂସ କରିଥିଲେ। କିନ୍ତୁ ସୁପ୍ରିମ କୋର୍ଟ ସବୁ ଦେଖୁଥିଲେ ଓ ତାହାର ଶୁଣାଣି କରିଥିଲେ। ତେଲଙ୍ଗାନା ସରକାର ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଥିବା କାଞ୍ଚା ଗାଛିବୋୱଲି ଜଙ୍ଗଲରେ ଅନେକ ଶହ ଗଛ କାଟିବାକୁ ନେଇ ଶୀର୍ଷ କୋର୍ଟ ତ୍ୱରିତ୍ ଶୁଣାଣି କରିବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସପ୍ତାହାନ୍ତ ଦୀର୍ଘ ଛୁଟିଦିନରେ ଯେତେବେଳେ ସୁପ୍ରିମକୋର୍ଟର ଫରେଷ୍ଟ ବେଞ୍ଚ ଉପଲବ୍ଧ ନ ଥିଲା ସେତେବେଳେ ଏଭଳି ଶୁଣାଣି କରାଯାଇଥିଲା। ଦୁଇମାସରେ ପୁନର୍ବାର ଜଙ୍ଗଲ ସୃଷ୍ଟି କର କିମ୍ବା ରାଜ୍ୟ ମୁଖ୍ୟ ଶାସନ ସଚିବ ଜେଲ୍‌ରେ ରହିବାକୁ ପ୍ରସ୍ତୁତ ରୁହ ବୋଲି କୋର୍ଟ ଅତ୍ୟନ୍ତ କଠୋର ଶବ୍ଦ ଶୁଣାଇଥିଲେ। ଭାରତର ପ୍ରଧାନ ବିଚାରପତି ବି.ଆର୍. ଗଭାଇ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଏହାକୁ ନ ମାନିଲେ ରାଜ୍ୟ ସରକାର ଅଦାଲତ ଅବମାନନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟ 'ପୂର୍ବ ଆୟୋଜିତ' ଏବଂ ଜାଣିଶୁଣି କରିଛନ୍ତି ବୋଲି ସେ କହିଥିଲେ। ତେବେ ରାଜ୍ୟ ସରକାର ଯୁକ୍ତି ଦର୍ଶାଇଥିଲେ ଯେ, ସେହି ଜାଗା ଜଙ୍ଗଲ ନ ଥିଲା ଏବଂ ଅନୁମତି ଅନୁଯାୟୀ ଗଛ କଟାଯାଇଥିଲା। କୋର୍ଟ ଏଭଳି ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। କୋର୍ଟ ଦ୍ୱାରା ନିଯୁକ୍ତ ସେଣ୍ଟ୍ରାଲ ଏମ୍ପାୱାରମେଣ୍ଟ କମିଟି ରିପୋର୍ଟରେ ଦର୍ଶାଯାଇଛି ଯେ, ବିନା ଅନୁମତିରେ ୧୦୦ ଏକରରୁ ଅଧିକ ଜାଗାରୁ ଗଛକାଟି ଧ୍ୱଂସ କରିଦିଆଗଲା। ଏହି ଜାଗାରେ ପ୍ରାକୃତିକ ଜଳାଶୟ ଥିଲା ଓ ଏହା ଥିଲା ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ। କିନ୍ତୁ ଏହା ଆଇଟି ପାର୍କ ପାଇଁ ଉପଯୁକ୍ତ ବୋଲି ଚିନ୍ତା କରାଗଲା।

### ଅନ୍‌ଲାଇନ ଟ୍ରୋଲିଂ

ଏବେ କ୍ରୋଧ ଓ ଅସନ୍ତୋଷ ଭାବ ନିମିଷକ ମଧ୍ୟରେ ଭାଇରାଲ ହୋଇଯାଉଛି ଏବଂ ଇଣ୍ଟରନେଟ ଏହାର ପ୍ଲାଟଫର୍ମ ପାଲଟିଯାଇଛି। ସରକାରୀ କର୍ମଚାରୀମାନେ ସହଜରେ ଏହାର ଶିକାର ହେଉଛନ୍ତି। ନିକଟରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଭୁଲ୍ କୂଟନୈତିକ ପଦକ୍ଷେପ ପାଇଁ ନୁହେଁ ବରଂ ତାଙ୍କ କାମ ଲାଗି ଏଭଳି ଏକ ଝଡ଼ର ସାମ୍ନା କରିଥିଲେ। ସୋସିଆଲ ମିଡିଆ ଟ୍ରୋଲିଂରେ ତାଙ୍କ ଝିଅଙ୍କ ବ୍ୟକ୍ତିଗତ ତଥ୍ୟକୁ ଦର୍ଶାଯିବା ସହ ବାହାରେ ପଢ଼ିବାକୁ ନେଇ ତାଙ୍କୁ ରାଷ୍ଟ୍ର ବିରୋଧୀ ଭାବେ ଚିତ୍ରଣ କରାଯାଇଥିଲା। ଡିଜିଟାଲ କ୍ଷେତ୍ରରେ ଏଭଳି ଖରାପ ଟ୍ରୋଲିଂ ଉପରେ ସରକାର ପୂରା ନୀରବ ରହିଥିଲେ ଏପରି କି ମିସ୍ରିଙ୍କ ମନ୍ତ୍ରଣାଳୟ। ଏହି ଟ୍ରୋଲିଂର କିଛି ସପ୍ତାହ ପୂର୍ବରୁ ନବ ବିବାହିତ ନାଭାଲ ଅଫିସର ଲ୍ୟୁଟ୍‌ନାଣ୍ଟ ବିନୟ ନରୱାଲଙ୍କର ପହଲଗାମ୍‌ରେ ଆତଙ୍କବାଦ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁକୁ ସାମ୍ପ୍ରଦାୟୀକରଣ ନ କରିବାକୁ ଅପିଲ କରିଥିଲେ, ଯାହା ପାଇଁ ଅନ୍‌ଲାଇନରେ ତାଙ୍କୁ ଅସଭ୍ୟ ବ୍ୟବହାର କରାଯାଇଥିଲା। ଆସୋସିଏଶନ ଅଫ୍ ଡିପ୍ଲୋମାଟ୍ସ ଏବଂ ଆଇଏଏସ୍ ଓ ଆଇପିଏସ୍ ଆସୋସିଏଶନ ଭଳି ସିଭିଲ ସର୍ଭିସ ସଂସ୍ଥାଗୁଡ଼ିକ ସହିତ ପ୍ରତିଷ୍ଠିତ ନାଗରିକମାନେ ବୈଦେଶିକ ସଚିବଙ୍କ ସମର୍ଥନରେ ମୁହଁ ଖୋଲିଥିଲେ ଏବଂ ଏଭଳି ଖରାପ ଅନ୍‌ଲାଇନ ଆକ୍ରମଣକୁ ନିନ୍ଦା କରିଥିଲେ। ରାଜନେତା ଅଖିଳେଶ ଯାଦବ ମଧ୍ୟ ନିନ୍ଦା କରିବା ସହ କେନ୍ଦ୍ରର ନୀରବତା ଉପରେ ପ୍ରଶ୍ନ ଉଠାଇଥିଲେ। ଏପରି କି ସୋସିଆଲ ମିଡିଆ ଟ୍ରୋଲିଂକୁ ସୁପ୍ରିମକୋର୍ଟ ଭୟାନକ ବୋଲି ଦର୍ଶାଇ ଏହା ମୁକ୍ତ ଅଭିବ୍ୟକ୍ତି ନୁହେଁ, ବରଂ ଏହା ହେଉଛି ପବ୍ଲିକ ଲିଚିଙ୍ଗ ବୋଲି କହିଥିଲେ।

Email: dilipcherian@gmail.com

# ରାମଚନ୍ଦ୍ର, ସକ୍ରେଟିସ୍ ଓ ଗଣତନ୍ତ୍ର



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କୁ ଆମେ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିନିଧି ଭାବରେ ବ୍ୟାଖ୍ୟା କରୁ। ଉତ୍ତରାକାଣ୍ଡର ବର୍ଣ୍ଣନା ଅନୁସାରେ ନଗର ଭ୍ରମଣ କରିସାରି ଗୁପ୍ତଚର ଭଦ୍ର ରାମଙ୍କୁ କହିଛି, "ହେ ରାଜନ, ପୁରବାସୀ ଆପଣଙ୍କ ବିଷୟରେ ରାସ୍ତାରେ, ବଜାରରେ, ବନ ଉପବନରେ କିପରି ଉଭୟ ଭଲ ଓ ମନ୍ଦ କଥା କହୁଛନ୍ତି ଶୁଣନ୍ତୁ। ଭଲ କଥାରେ ଅଛି ରାଜା ରାମ କିପରି ସେତୁବନ୍ଧ ବାନ୍ଧି ଲଙ୍କାରେ ପ୍ରବେଶ କରି କୁମତି ରାବଣକୁ ହତ୍ୟା କଲେ ଓ ସୀତାଙ୍କୁ ଉଦ୍ଧାର କଲେ। ମନ୍ଦ କଥାରେ ଅଛି ସୀତାଙ୍କୁ ରାବଣ ବଳପ୍ରୟୋଗ କରି ଅପହରଣ କଲା ଓ ଲଙ୍କା ନେଇ ଅଶୋକ ବନରେ ରଖିଲା। ତା'ସତ୍ତ୍ୱେ ରାଜା ତାଙ୍କୁ ଗ୍ରହଣ କଲେ। ପ୍ରଜାମାନଙ୍କ ସ୍ତ୍ରୀ କ୍ଷେତ୍ରରେ ଏପରି ଘଟଣା ଘଟିଲେ ସେମାନେ ତାକୁ ସହିନେବେ। କାରଣ ରାଜା ଯାହା କରନ୍ତି, ପ୍ରଜାମାନେ ତାକୁ ଅନୁସରଣ କରନ୍ତି। ପୁରବାସୀ ଏଭଳି ଭାବରେ ନଗର ଜନପଦ ସର୍ବତ୍ର କଥୋପକଥନ କରୁଛନ୍ତି (୧୩-୨୦ ଉତ୍ତରାକାଣ୍ଡ, ତ୍ରିଦ୍ୱାରିଂଶ ସର୍ଗ)। ଏହା ଶୁଣି ରାମ ସୀତା ନିଷ୍ପାପ ଜାଣିଥିବା ସତ୍ତ୍ୱେ ଜନମତକୁ ସମ୍ମାନ ଦେବା ପାଇଁ ସୀତାଙ୍କୁ ନିର୍ବାସନ କରିଛନ୍ତି। ମାତ୍ର ମହର୍ଷି ବାଲ୍ମୀକି ରାମଚନ୍ଦ୍ରଙ୍କୁ ଜନମତ ସମର୍ଥକ ଭାବରେ ଚିତ୍ରଣ କରିନାହାନ୍ତି। ତାଙ୍କ ରାମାୟଣ ସୀତାଙ୍କ ଉଦ୍ଧାର ଓ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ସିଂହାସନ ଆରୋହଣରେ ସମାପ୍ତ ହୋଇଛି। ଉତ୍ତରାକାଣ୍ଡ ବାଲ୍ମୀକିଙ୍କ ଦ୍ୱାରା ରଚିତ ନୁହେଁ। ପରବର୍ତ୍ତୀ ସମୟରେ କେହିଜଣେ କବି ଏହି ଅଂଶକୁ ଯୋଡ଼ିଛନ୍ତି। ଜନମତ ସବୁବେଳେ ଠିକ୍ ହୋଇ ନ ପାରେ। ଏଣୁ ସେ ଜନମତ ଅପେକ୍ଷା ସତ୍ୟନିଷ୍ଠା ଧର୍ମ ଓ ନୀତିକୁ ପାଳନ କରିଛନ୍ତି। ରାମ ଲକ୍ଷ୍ମଣ ଓ ସୀତାଙ୍କୁ ସାଙ୍ଗରେ ନେଇ ବନବାସ ଗଲାପରେ ଭରତ, ରାଜପରିବାର ଓ ପ୍ରଜାକୁଳ ସମସ୍ତେ ରାମଙ୍କୁ ଫେରାଇ ଆଣିବା ପାଇଁ ଅରଣ୍ୟକୁ ଯାଇଛନ୍ତି। ସେତେବେଳେ ରାମ ଥାନ୍ତି ଚିତ୍ରକୁଟ ଆଶ୍ରମରେ। ପ୍ରକୃତରେ ଜନମତ ଥିଲା ରାମ ଅଯୋଧ୍ୟା ଫେରି ରାଜ୍ୟ ଶାସନ କରନ୍ତୁ। ମାତ୍ର ରାମ ଜନମତକୁ ଗ୍ରହଣ ନ କରି ସତ୍ୟ ଓ ଧର୍ମ ରକ୍ଷା କରିବା ପାଇଁ ବନବାସକୁ ଗ୍ରହଣ କରି ନେଇଛନ୍ତି। ଜନମତକୁ ସମ୍ମାନ ଦେଇ ଅନ୍ତଃସତ୍ତ୍ୱା ସୀତାଙ୍କୁ ନିର୍ବାସନ କରିବା ବାଲ୍ମୀକିଙ୍କ ରାମଙ୍କ ବ୍ୟକ୍ତିତ୍ୱର ପରିଚାୟକ ନୁହେଁ। ବାଲ୍ମୀକିଙ୍କ ମର୍ଯ୍ୟାଦାପୁରୁଷ ରାମ ଜନମତକୁ ସମ୍ମାନ ଦେଇ କେବେ ନୀତିଭ୍ରଷ୍ଟ ହୋଇନାହାନ୍ତି।

ସାମ୍ପ୍ରତିକ ଗଣତନ୍ତ୍ର ହେଉଛି ସଂଖ୍ୟାର ଖେଳ। ବହୁ ମତକୁ ଅନ୍ଧଭାବରେ ଗ୍ରହଣ କରିନେବା ହିଁ ଗଣତନ୍ତ୍ର। ମାତ୍ର ଯଦି ଗଣଅଶିକ୍ଷିତ ଓ ଅବିବେକି, ସେମାନଙ୍କ ସଂଖ୍ୟାଗରିଷ୍ଠ ମତ ବି ଭୁଲ ହୋଇପାରେ



ଓ ଏକକ ବିବେକି ମତ ମଧ୍ୟ ଠିକ୍ ହୋଇପାରେ। ଗ୍ରୀସ୍ ଦେଶରେ ଗଣତନ୍ତ୍ର ଶାସନ ଥିବାବେଳେ ସକ୍ରେଟିସ ରାଷ୍ଟ୍ର ଦ୍ୱାରା ପୃଷ୍ଠପୋଷକତା ଲାଭ କରିଥିବା ଦେବତାଙ୍କୁ ବିରୋଧ କରି ଏକ ନୂଆ ବିଶ୍ୱାସର କଥା କହୁଥିଲେ। ତାଙ୍କୁ କୁହାଗଲା ସଂଖ୍ୟାଧିକ ବ୍ୟକ୍ତିଙ୍କ ମତକୁ ସମ୍ମାନ ଦେବା ହିଁ ଗଣତନ୍ତ୍ର। ତା'ର ବିରୁଦ୍ଧାଚରଣ କରିବା ହେଉଛି ଦେଶଦ୍ରୋହ। ମାତ୍ର ସକ୍ରେଟିସ୍‌ଙ୍କ ଉତ୍ତର ଥିଲା ସଂଖ୍ୟାଧିକ ମନୁଷ୍ୟଙ୍କ ମତ ଯେପରି ମହାର୍ଘ; ଯେ କୌଣସି ଏକକ ବ୍ୟକ୍ତିର ନିଜସ୍ୱ ମତ ବ୍ୟକ୍ତ କରିବାର ସ୍ୱାଧୀନତା ମଧ୍ୟ ସେପରି ମହାର୍ଘ। ଜଣେ ମଣିଷର ସୁଚିନ୍ତିତ ମତ ଅଗଣିତ ମଣିଷର ଅଚିନ୍ତିତ ମତଠାରୁ ମୂଲ୍ୟବାନ ହୋଇପାରେ। ସଂଖ୍ୟାର ଦ୍ୱାହି ଦେଇ ବ୍ୟକ୍ତିତ୍ୱ ବିନାଶ ଚେଷ୍ଟା ନ ହେଉ। ମାତ୍ର ସକ୍ରେଟିସଙ୍କ ମତକୁ ସେଦିନ ଗ୍ରହଣ କରାଯାଇ ନ ଥିଲା ଓ ତାଙ୍କୁ ଦେଶଦ୍ରୋହୀ ଅପରାଧରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ମାତ୍ର ଏବେ ଆମେ ସ୍ୱୀକାର କରୁଛୁ ଯେ ସେ ଦିନର ସଂଖ୍ୟାଗରିଷ୍ଠ ମତ ହିଁ ଭୁଲ ଥିଲା, ସକ୍ରେଟିସ ହିଁ ଠିକ୍ କଥା କହିଥିଲେ। ଏଣୁ ଗଣତନ୍ତ୍ର ନାମରେ ସଂଖ୍ୟାଗରିଷ୍ଠ ମତ ଅନୁଯାୟୀ ଚାଲିଥିବା ଶାସନକୁ ସର୍ବୋତ୍କୃଷ୍ଟ ଶାସନ ବୋଲି କୁହାଯାଇ ନ ପାରେ। ଯଦି ଗଣ ଶିକ୍ଷିତ ଓ ବିବେକି ନୁହନ୍ତି ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଶାସନ ନିକୃଷ୍ଟ ହେବା ଅସମ୍ଭବ ନୁହେଁ। ଏହି ଗହନ କଥା ରାମଚନ୍ଦ୍ର ଉପଲବ୍ଧି କରିଥିଲେ ବୋଲି ସକ୍ରେଟିସ୍‌ଙ୍କ ବହୁ ପୂର୍ବରୁ ସେ ନିଜର କାର୍ଯ୍ୟଦ୍ୱାରା ସୂଚାଇ ଦେଇଥିଲେ ଯେ ଜନମତ ଅପେକ୍ଷା ସତ୍ୟନିଷ୍ଠା ବଡ଼। ଯେଉଁଠି ଗଣ ବିବେକି ଓ ଶିକ୍ଷିତ କେବଳ ସେଠି ଗଣତନ୍ତ୍ର ସଫଳ ହେବ।

ମହାତ୍ମା ଗାନ୍ଧୀ ଗଣତନ୍ତ୍ରରେ ବିଶ୍ୱାସ କରୁଥିଲେ ମଧ୍ୟ ତାଙ୍କର ଆଦର୍ଶ ଥିଲା ରାମରାଜ୍ୟ। ସେ ରାମ ରାଜ୍ୟର କଥା କହୁଥିବା ବେଳେ ଜନମତ ଉପରେ ଗୁରୁତ୍ୱ ଦେଇ ନାହାନ୍ତି। ସେ କହିଛନ୍ତି ମୁଁ ରାମରାଜ୍ୟ କହିଲେ ହିନ୍ଦୁରାଜ୍ୟ ବୁଝେ ନାହିଁ। ରାମରାଜ୍ୟ କହିଲେ ମୁଁ ଈଶ୍ୱରଙ୍କ ରାଜ୍ୟ ବୁଝେ ଅର୍ଥାତ୍ ସର୍ବୋତ୍କୃଷ୍ଟ ଶାସନକୁ ବୁଝେ। ମୋ ଚିନ୍ତାକଳ୍ପରେ ରାମ ଏହି ପୃଥିବୀରେ ବାସ କରୁଥିଲେ କି ନାହିଁ ସେଥିରେ ଯାଏ ଆସେ ନାହିଁ, କିନ୍ତୁ ରାମ ରାଜ୍ୟର ପ୍ରାଚୀନ ଆଦର୍ଶ ପ୍ରକୃତ ଗଣତନ୍ତ୍ରର ଅନ୍ୟତମ ଉଦାହରଣ। ପୁଣି ସେ କହିଥିଲେ "ମୋ ସ୍ୱପ୍ନର ରାମରାଜ୍ୟରେ ଜଣେ ରାଜକୁମାର ଓ ନିଃସ୍ୱ ଗରିବ ଲୋକ ସମାନ ଅଧିକାର ଉପଭୋଗ କରିବେ।" ଗାନ୍ଧୀଙ୍କ ପରିକଳ୍ପିତ ରାମରାଜ୍ୟର ଏକ ସ୍ପଷ୍ଟ ଛବି ଦେଖିବାକୁ ମିଳେ ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସରେ। ରାମରାଜ୍ୟରେ ଥାଏ ନାହିଁ ଦୈହିକ, ଦୈବିକ ଓ ଭୌତିକ କ୍ଲେଶ। ସେଠାରେ ପ୍ରଜାକୁଳ ପରସ୍ପରକୁ ପ୍ରେମ କରନ୍ତି ଓ ସ୍ୱଧର୍ମ ପାଳନ କରନ୍ତି, ସେଠି କେହି ଦୀନ ଦରିଦ୍ର, ଅଜ୍ଞାନ କିମ୍ବା ଦୁର୍ଗୁଣ ସ୍ୱଭାବର ନ ଥାନ୍ତି।

ଆଜି ଭାରତରେ ସଂଖ୍ୟାଧିକ ଜନପ୍ରତିନିଧିଙ୍କ ମତକୁ ନେଇ ଶାସନ ଚାଲିଛି। କୌଣସି ସ୍ୱାଧୀନ ବିଧାୟକ/ସାଂସଦ ବୀରୋଧୀଦଳର ସଭ୍ୟଙ୍କ ମତକୁ ଗୁରୁତ୍ୱ ଦିଆଯାଉନାହିଁ। ସଂଖ୍ୟାର ଦ୍ୱାହି ଆଗରେ ସଂଖ୍ୟାଲଘୁ ଦଳର ମତକୁ ଉପେକ୍ଷା କରାଯାଉଛି। ମାତ୍ର ଆମେ ଭୁଲିଯାଉଛୁ ଯେ ସଂଖ୍ୟାଗରିଷ୍ଠ ଦଳର ମତ ଭୁଲ ହୋଇପାରେ ଓ ଜଣକର ସୁଚିନ୍ତିତ ମତ ଠିକ ହୋଇପାରେ। ଏକଥା ସକ୍ରେଟିସଙ୍କ ସମ୍ପର୍କରେ ପ୍ରମାଣିତ ହୋଇସାରିଛି। ଏବେ ମଧ୍ୟ ଲୋକେ ଅଜ୍ଞାନତା ଭିତରେ ବୁଡ଼ି ରହିଛନ୍ତି। ସକ୍ରେଟିସ୍‌ଙ୍କ ମତରେ ଅଜ୍ଞତା ହେଉଛି ଅନ୍ଧକାର। ଅନ୍ଧକାର ଭିତରେ ରାଷ୍ଟ୍ରର ଉନ୍ନତି ଅସମ୍ଭବ। ଯଦି ରାଷ୍ଟ୍ରର ଶାସକମାନେ ଅଜ୍ଞ ହେବେ ସେମାନେ ଜନ ସମର୍ଥନ ପାଇଲେ ମଧ୍ୟ ନ୍ୟାୟ ଅନ୍ୟାୟ ମଧ୍ୟରେ କିମ୍ବା ସତ୍ୟ ଅସତ୍ୟ ମଧ୍ୟରେ ପ୍ରଭେଦ ପାଇବେ ନାହିଁ। ଯଦି ନାଗରିକମାନେ ଅଜ୍ଞ ରହିବେ, ସେମାନେ ଅନ୍ୟାୟ ସହିଯିବେ ଓ ଅସହାୟ ଅବସ୍ଥାରେ ସବୁ ମାନିଯିବେ। ଏଣୁ ସକ୍ରେଟିସ ଲୋକଙ୍କୁ ମୁକ୍ତ ଓ ବିଚାରବନ୍ତ ହେବାକୁ ଆହ୍ୱାନ ଦେଉଥିଲେ। ମାତ୍ର ଅଢ଼େଇ ହଜାରରୁ ଅଧିକ ବର୍ଷ ଅତିକ୍ରାନ୍ତ ହେଲାପରେ ବିଶେଷ ପରିବର୍ତ୍ତନ ଘଟିନାହିଁ। ଯେଉଁ ଦେଶର ନିର୍ବାଚନରେ ଭାଗ ନେଉଥିବା ଜନତା ଅଶିକ୍ଷିତ ଓ ଅବିବେକି ଏବଂ ପ୍ରଲୋଭନର ବଶବର୍ତ୍ତୀ, ସେଠାରେ ଗଣତନ୍ତ୍ର ନିର୍ବୋଧଙ୍କ ଶାସନ, ନିର୍ବୋଧଙ୍କ ଦ୍ୱାରା ଶାସନ ଓ ନିର୍ବୋଧଙ୍କ ପାଇଁ ଶାସନ ଭାବରେ ପରିଗଣିତ ହେଉଛି। ସେହି ଦୃଷ୍ଟିରୁ ଗଣତନ୍ତ୍ରରେ ସର୍ବଦା ସଂଖ୍ୟାଧିକ ଜନମତକୁ ଅନ୍ଧଭାବରେ ଗ୍ରହଣ ନ କରି ଏକକ ମତ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ହୋଇଥିଲେ ତାକୁ ମଧ୍ୟ ଗ୍ରହଣ କଲେ ତାହା ହିତକର ହେବ। ଥରେ ଆଇନ୍‌ଷ୍ଟାଇନ୍‌ଙ୍କୁ ଜଣେ ଖବର ଦେଲେ, "ଆପଣଙ୍କ ତତ୍ତ୍ୱ ଭୁଲ ବୋଲି ୧୦୦ ଜଣ ଅଧ୍ୟାପକଙ୍କ ଦସ୍ତଖତରେ ଗୋଟିଏ ବିବୃତି ବାହାରିଛି"। ଆଇନ୍‌ଷ୍ଟାଇନ୍ ଉତ୍ତର ଦେଲେ "ମୋ ତତ୍ତ୍ୱ ଯଦି ଭୁଲ ହୋଇଥିବ ତେବେ ଗୋଟାଏ ଦସ୍ତଖତ ହିଁ ଯଥେଷ୍ଟ"। ସତ୍ୟମିଥ୍ୟା ସଂଖ୍ୟା ଦ୍ୱାରା, କୋଳାହଳ ଦ୍ୱାରା ନିରୂପିତ ହୋଇପାରେ ନାହିଁ। ମାତ୍ର ସେ ଉପଲବ୍ଧି ଦ୍ୱାରା ପରିଚାଳିତ ହେବା ଲୋକ ରାଜନୀତିରେ ନାହାନ୍ତି। ରାଜନୀତି କୋଳାହଳ ସାପେକ୍ଷ। ଏହା ହିଁ ବିଡ଼ମ୍ବନା।

ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି. ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ଦୈବାଶିଷ ପ୍ରାପ୍ତ ହେଉ ଭାବୀ କର୍ଣ୍ଣଧାରଙ୍କୁ



ବିଭୂତି ଭୂଷଣ ସେନାପତି

ସମାଜରେ ସୁଖ ଶାନ୍ତିରେ ଚଳିବା ପାଇଁ ମଣିଷ ଗଢ଼ିଛି ନୀତି ଓ ନିୟମ। ସ୍ୱକୀୟ ସୁଖ ଶାନ୍ତି ପାଇଁ ପ୍ରସ୍ତୁତ ନିୟମ କାଳକ୍ରମେ ସମାଜ, ଜାତି ଓ ଦେଶ ପାଇଁ ନୀତିରେ ପରିଣତ ହୋଇଛି। ସମୟର ପରିପ୍ରେକ୍ଷୀରେ ରାଷ୍ଟ୍ରର ନୀତି ହୋଇଥିବାରୁ ତା'ର ନାମକରଣ 'ରାଜନୀତି' ହୋଇଛି। ଏହି 'ରାଜନୀତି' ସ୍ଥାନ, କାଳ, ପାତ୍ର ଭେଦରେ ରାଜତନ୍ତ୍ର, ସମାଜବାଦ ଓ ଗଣତନ୍ତ୍ର ରୂପରେ ପରିବର୍ତ୍ତିତ ହୋଇଛି। ଏଥିରେ ସମାଜର ଯାବତୀୟ ରୀତି, ନୀତି, ଆଚାର ବିଚାର ଅନ୍ତର୍ଭୁକ୍ତ।

ରାଷ୍ଟ୍ର ବା ଦେଶର ନୀତି ହିଁ 'ରାଜନୀତି'। ଭାଷାନ୍ତରରେ ନୀତିମାନଙ୍କ ମଧ୍ୟରେ ଯିଏ ରାଜା ବା ଶ୍ରେଷ୍ଠ ତାହା 'ରାଜନୀତି'। ଯେଉଁ ପଦ୍ଧତିରେ ଦେଶର ଜନସାଧାରଣଙ୍କର ହିତ ସାଧନ ହେବ ତାହା ହେଉଛି 'ରାଜନୀତି'। ରାଜନୀତିର ଏହି ମହାନ ଆଦର୍ଶ ଆଜିର ନିର୍ବାଚନ ଓ ଦଳୀୟ ରାଜନୀତିରେ ପରିଦୃଷ୍ଟ ହେଉନାହିଁ। ଏହାର କାରଣ ହେଉଛି ଦେଶର ଉନ୍ନତି କଳ୍ପେ ନୀତି ନିର୍ଦ୍ଧାରଣରେ ଦଳୀୟ ମତଭେଦ ଓ ଅଯୋଗ୍ୟ ବ୍ୟକ୍ତିମାନଙ୍କର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ। ଦେଖିବାକୁ ଗଲେ ଛାତ୍ର ଦେଶର ଭବିଷ୍ୟତ ପରିଚାଳକ। ଭାରତରେ ରାଜା ରାମମୋହନ ରାୟ, ସ୍ୱାମୀ ବିବେକାନନ୍ଦ, ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ଜାତୀୟବାଦୀ ନେତୃବୃନ୍ଦ ସମାଜର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ରାଜନୀତିକ ସଚେତନତା ଭରିଦେବା ପାଇଁ ଉଦ୍ୟମ କରିଥିଲେ। ଗାନ୍ଧିଜୀ ଏହି କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ପ୍ରାଧାନ୍ୟ ଦେଇଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା-ଛାତ୍ରମାନେ ଦେଶର ନୀତି ସମ୍ପର୍କରେ ସଚେତନ ହେଲେ ସ୍ୱାଧୀନତା ସହଜ ଲଭ୍ୟ ହେବ। ଏଥିପାଇଁ ସେ ଛାତ୍ର ସମାଜକୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବାକୁ ସୁପରାମର୍ଶ ଦେଇଥିଲେ। ଆଜି ଦେଶ ସ୍ୱାଧୀନ ହୋଇଛି ସତ; କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଭାରତ ମାଟିରେ ଆଜି ଦୁଷ୍ଟ/ସ୍ୱାର୍ଥପର ଶାସନକର୍ତ୍ତାଙ୍କର ଦଳୀୟ ରାଜନୀତି ଚାଲିଛି। ଏହାର ପରିଣତି ସ୍ୱରୂପ 'ସେବା' ସ୍ଥାନରେ 'ନେବା' ହିଁ ସାର ହୋଇଛି। କଳେବଳେ-କୌଶଳେ ଶାସନ କ୍ଷମତାକୁ ଆସିବା ହିଁ ଆଜିର ରାଜନୀତିକ ଦଳମାନଙ୍କର ଆଦର୍ଶ। ସେମାନେ ନିର୍ବାଚନ ରାଜନୀତିରେ ବିଜୟୀ ହେବା ଉଦ୍ଦେଶ୍ୟରେ ଛାତ୍ର ସମାଜକୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି। ଫଳରେ ଛାତ୍ର ସମାଜ ସେମାନଙ୍କର ଅପରିପକ୍ୱ ବୟସରୁ ଦୁର୍ନୀତି ପରାୟଣ, ସ୍ୱାର୍ଥପର ଓ ପ୍ରତିଶୋଧ ମନୋଭାବ ସମ୍ପନ୍ନ ହୋଇ ପଡୁଛନ୍ତି।

ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଜୟପ୍ରକାଶ ନାରାୟଣଙ୍କର ମତ ଥିଲା- ଯେହେତୁ ଛାତ୍ରମାନେ ଦେଶ-ଜାତି ସମ୍ପର୍କରେ ଅନେକ କଥା ଶିକ୍ଷା କରୁଛନ୍ତି; ସ୍କୁଲ, କଲେଜ ବିଶ୍ୱବିଦ୍ୟାଳୟ ସ୍ତରରେ ରାଷ୍ଟ୍ରନୀତି ସମ୍ପର୍କରେ ମତବ୍ୟକ୍ତ କରିବା ପାଇଁ ସେମାନଙ୍କର ସୁଯୋଗ ରହିଛି; ଅଧିକନ୍ତୁ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନେ ଅବହିତ; ତେଣୁ ଗଣତନ୍ତ୍ର ରାଷ୍ଟ୍ରର ଶାସନରେ ଭାଗୀଦାର ହେବାକୁ ସକ୍ଷମ। କିନ୍ତୁ ପରିତାପର ବିଷୟ, ଛାତ୍ର-ରାଜନୀତିର ସେହି ମହତ୍ ଆଦର୍ଶ ଆଜି ଲୁପ୍ତ। ନୀତି ଓ ଆଦର୍ଶବିହୀନ ନେତାଙ୍କର ବଚସ୍କର ସାଜି, ସେମାନଙ୍କର କୂଟନୀତି ଫାଶରେ ଆବଦ୍ଧ ହୋଇ ନିଜର ଅଧୋଗତିକୁ



ଆମନ୍ତ୍ରଣ କରିବା ଦିଗରେ ଅଗ୍ରସର ହେଉଛନ୍ତି।

ଛାତ୍ର ସମାଜ ସୁବିଧାବାଦରୁ ମୁକ୍ତ ରହିବା ସକାଶେ ଓଡ଼ିଶାର ବିଶିଷ୍ଟ ରାଜନୀତିକ ଡକ୍ଟର ହରେକୃଷ୍ଣ ମହତାବ 'ଛାତ୍ର ଓ ରାଜନୀତି' ସମ୍ପର୍କରେ କହିଥିଲେ- 'ଛାତ୍ରମାନେ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ ସର୍ବଦା ଜନସାଧାରଣଙ୍କର ସୁଖ ସୁବିଧାକୁ ଆଖି ଆଗରେ ରଖି, ସେମାନଙ୍କ ସହ ଖରା-ବର୍ଷାରେ ମିଶି ପାରିବେ। ଆଜିର ଉଚ୍ଚଶିକ୍ଷିତ ଯୁବକମାନଙ୍କ ଠାରେ ଏହି ଭାବନା ଦେଖାଯାଉନାହିଁ। ନିଜେ ସେବକ ହୋଇ ସମାଜର ଅବହେଳିତ ଶ୍ରେଣୀର ଲୋକଙ୍କର ସେବା କରିବାକୁ ଛାତ୍ରମାନେ ଚେଷ୍ଟା କରୁନାହାନ୍ତି।

ଦେଶ ଆଜି ଭୟଙ୍କର ରାଜନୀତିକ ସଂକଟର ସମ୍ମୁଖୀନ ହୋଇଛି। ଏତେବେଳେ ଛାତ୍ରମାନେ ସଚେତନ ନହେଲେ, ଏ ଦେଶ ଧ୍ୱଂସାଭିମୁଖୀ ହେବ। ଛାତ୍ରମାନେ ରାଜନୀତିରେ ଅଂଶଗ୍ରହଣ କରି, ଉପସ୍ଥିତ ସମସ୍ୟା ପ୍ରତି ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପପୂର୍ବକ, ସ୍ୱକୀୟ ଜ୍ଞାନାଲୋକ ଦ୍ୱାରା, ସ୍ୱଦେଶକୁ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନନୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ବିଶେଷ ଯତ୍ନଶୀଳ ହେବା ବିଧେୟ। ଏହା ହିଁ ହେବ ଛାତ୍ର-ସମାଜର ରାଜନୀତି ପ୍ରବେଶର ଲକ୍ଷ୍ୟ। 'ରାଜନୀତି' ରାଷ୍ଟ୍ରର ଚଳିବାର ନୀତି। ନାଗରିକଙ୍କର ସୁରକ୍ଷା, ସାମାଜିକ ସମ୍ପର୍କ ଆଜିର ନିୟାମକ ହୋଇଥିବା ବେଳେ ଦୁଃଖଦ ଘଟଣା ହେଉଛି; ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ସ୍ତରରେ ନିର୍ବାଚନକୁ ସ୍ଥଗିତ ରଖି ଆଜିର ଶାସକଗୋଷ୍ଠୀ ସେମାନଙ୍କର ଅଧିକାର ଉପରେ ହସ୍ତକ୍ଷେପ କରିଛନ୍ତି। ସମାଜରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ସମାଜରେ କ'ଣ ଘଟୁଛି ବା ଘଟିବ ସେ ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ। 'ସମାଜ', 'ଜାତି', 'ଦେଶ' ଆଦି ଶବ୍ଦ ଓ ଏହାର ତାତ୍ତ୍ୱିକ ଅର୍ଥ, ସେମାନଙ୍କ ପକ୍ଷେ ମୂଲ୍ୟହୀନ। ତଥାପି ଏମାନେ ଗଣତନ୍ତ୍ର ରାଷ୍ଟ୍ରର ଏକ ଏକକ, ଏହା ଅନସ୍ୱୀକାର୍ଯ୍ୟ। ପକ୍ଷାନ୍ତରେ ସାମାଜିକ ପରିବର୍ତ୍ତନ ପାଇଁ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଶ୍ୱବିଦ୍ୟାଳୟସ୍ତରୀୟ ନିର୍ବାଚନ ଅପରିହାର୍ଯ୍ୟ।

ଆଜିର ସମାଜରେ ଛାତ୍ର ରାଜନୀତିର ଭୂମିକା କ'ଣ ହେବା ଉଚିତ ସେ ପ୍ରସଙ୍ଗରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ କାର୍ଯ୍ୟାବଳୀ ଦୃଷ୍ଟାନ୍ତ ସ୍ୱରୂପ ମାନସପଟରେ ଉଙ୍କିମାରେ। ମୁଖ୍ୟମନ୍ତ୍ରୀ ଆସନରେ ଅଧିରୂଢ଼ ଥାଇ ମଧ୍ୟ କୌଣସି ସ୍ଥାନକୁ ସରକାରୀ ଗାଡ଼ିରେ ପୋଲିସ ହେପାଜତ୍‌ରେ ନ ଯାଇ ସାଧାରଣ ନାଗରିକଙ୍କ ତୁଲ୍ୟ ବସ୍‌ରେ ଟିକେଟ୍ କରି ଯାଇଥାନ୍ତି। ତ୍ୟାଗର କି ଅପୂର୍ବ ଦୃଷ୍ଟାନ୍ତ! ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟର ଏକ ଘଟଣା। ମୁଖ୍ୟ ଅତିଥି ରୂପେ ଢେଙ୍କାନାଳର ଏକ ସଭାସ୍ଥଳକୁ ଯିବା ପରିପ୍ରେକ୍ଷୀରେ ପଥରେ ଥିବା ଏକ ଗ୍ରାମର ଯୁବକଙ୍କ ସହ ତାଙ୍କ ଗାଁ ପୋଖରୀରୁ ଦଳ ଛାଣିବା କାର୍ଯ୍ୟରେ ନିଜକୁ ନିୟୋଜିତ କରି 'କର୍ମ ହିଁ ଜୀବନର ମାନଦଣ୍ଡ' ଏହି ମହାନ ଉକ୍ତିକୁ ବାସ୍ତବରେ ରୂପାୟିତ କରିପାରିଥିଲେ। ଆଚାର୍ଯ୍ୟ ବିନୋବା ଭାବେ ଏଥିପାଇଁ ତାଙ୍କୁ 'ଉତ୍କଳର ରାଜର୍ଷି' ରୂପେ ଆଖ୍ୟାୟିତ କରିଥିଲେ। ତାଙ୍କର ଅତୁଳନୀୟ ପାବନ-ବ୍ୟକ୍ତିତ୍ୱ ଛାତ୍ର-ସମାଜର ସର୍ବଦା ଧ୍ୟେୟ ହେଉ। ପରିଶେଷରେ ଜନ-ହିତୈଷୀ-ଦୂରଦୃଷ୍ଟି ସମ୍ପନ୍ନ ସଦା ଏ ଧରାର ହିତାକାଂକ୍ଷୀ ମହାମାନବଗଣଙ୍କର ଅମରବାଣୀ ମାନବ ଜାତିକୁ ଦିଗଦର୍ଶନ ଦେଇ ଆଗାମୀ ପିଢ଼ିକୁ ସୁମାର୍ଗରେ ପରିଚାଳିତ କରୁ।

କଟକ, ମୋ: ୯୯୩୭୭୦୪୭୧୪

## ଏଇ ଭାରତରେ

ମୌସୁମୀ ଆସିବା ପୂର୍ବରୁ ମଧ୍ୟ ବନ୍ୟା କଥା ଆଲୋଚନା ହେଉଛି। ଏହା ନଦୀ ବଢ଼ି ନୁହେଁ, ବରଂ ଅତ୍ୟଧିକ ବର୍ଷ ଯୋଗୁ ହେଉଥିବା ସହରୀ ବନ୍ୟା। ନିକଟରେ ବେଙ୍ଗାଲୁରୁରେ ବର୍ଷା ଯୋଗୁ ବନ୍ୟା ସ୍ଥିତି ଉପୁଜି ୩ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଲୋକଙ୍କ ପାଖରେ ସହାୟତା ପହଞ୍ଚିବା ମଧ୍ୟ କଷ୍ଟକର ହୋଇଯାଇଥିଲା। ତେବେ ବନ୍ୟାରେ ଅସହାୟ ହୋଇପଡ଼ିଥିବା ଲୋକଙ୍କ ନିକଟରେ ଏବେ ସହାୟତା ପହଞ୍ଚାଇଦେବ ଏକ ଡ୍ରୋନ। ଏହାକୁ ଇଣ୍ଡିଆନ ରେସ୍କ୍ୟୁ ଏକାଡେମୀ ନିର୍ମାଣ କରିଛି। ଏହାର ନାମ ଇଟ୍ରସ ୱାଟର ଡ୍ରୋନ୍। ଏହା ଏମର୍ଜେନ୍ସି ଟିମ୍‌କୁ ସାହାଯ୍ୟ କରିଛି ଓ ଶୀଘ୍ର ପୀଡ଼ିତଙ୍କ ନିକଟରେ ସହାୟତା ପହଞ୍ଚାଇ ଦେଇପାରୁଛି। ଟିମ୍‌କୁ ଗାଇଡ କରିବାରେ ପ୍ରମୁଖ ଭୂମିକା ନେଉଛି। ଏହି ୱାଟର ଡ୍ରୋନ୍ ପାଣିର ଉଚ୍ଚ ଲହଡ଼ିକୁ ଅତିକ୍ରମ କରି ଯାଇପାରୁଛି। ଏହା ୧୦୦ କେଜି ଜିନିଷ ନେଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୭୬

- ଆଦିବାସୀମାନେ ଅଣଆଦିବାସୀଙ୍କୁ ଜମି ହସ୍ତାନ୍ତର କରିବା ବିରୁଦ୍ଧରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ନୂଆଦିଲ୍ଲୀଠାରେ ୬ ଏକର ଜମି ଉପରେ ନିର୍ମିତ ଏସିଆର ବୃହତ୍ତମ ଆନ୍ତଃରାଜ୍ୟ ବସ୍ ଟରମିନାଲ ଉଦ୍‌ଘାଟିତ।

## ଚିରନ୍ତନୀ

ଲଭିଅଛି ଯେ ସମ୍ପଦ
ଏ ମର ଜୀବନେ,
ମିଳଇ ସେ କେବେ
କେଉଁ ଅମର ଭୁବନେ ?
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 3 | 8 | | | 4 |
| 6 | | | | | 4 | 1 | | 7 |
| 2 | 7 | | 1 | | | | | |
| 4 | | | | | 7 | | | 3 |
| | | | 3 | | | | | 9 |
| | | | | 1 | | | | |
| | 2 | | | | | 4 | | |
| | 5 | 1 | | 9 | | | 3 | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 9 | 4 | 5 | 8 | 1 | 7 | 6 |
| 4 | 8 | 7 | 1 | 2 | 6 | 9 | 5 | 3 |
| 6 | 5 | 1 | 7 | 3 | 9 | 8 | 4 | 2 |
| 7 | 6 | 5 | 9 | 4 | 1 | 3 | 2 | 8 |
| 2 | 1 | 4 | 6 | 8 | 3 | 5 | 9 | 7 |
| 8 | 9 | 3 | 2 | 7 | 5 | 4 | 6 | 1 |
| 5 | 4 | 6 | 8 | 1 | 2 | 7 | 3 | 9 |
| 9 | 3 | 8 | 5 | 6 | 7 | 2 | 1 | 4 |
| 1 | 7 | 2 | 3 | 9 | 4 | 6 | 8 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଜ୍ଞଜନ ବିଚାର କରିବେ କି

ମହାଶୟ,

ଏବେ ଦେଖାଯାଉଛି ଯେ, ମାତାପିତାମାନେ ନିଜ ନିଜ ପୁତ୍ର/କନ୍ୟାମାନଙ୍କ ନାମ ପୂର୍ବରୁ ବାବାଙ୍କ ଉପନାମ 'ସାଇ' ଯୋଡ଼ି 'ସାଇଜଗନ୍ନାଥ' 'ସାଇରାମ' 'ସାଇକୃଷ୍ଣ' 'ସାଇଲକ୍ଷ୍ମୀ' ଇତ୍ୟାଦି ନାମ ପ୍ରଦାନ କରୁଛନ୍ତି; ଯାହାକି ଏକ ଝୁଙ୍କ୍ ପାଲଟିଛି। ଏଠାରେ ଆମେ କହି ରଖୁଛୁ ଯେ, ଉକ୍ତ ଉପନାମରେ ଥିବା 'ବାବା' ବା ତାଙ୍କ ଅନୁଗାମୀଙ୍କୁ ଅପମାନ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଆମର ଏଠାରେ କହିବାର କଥା ହେଲା ବିଶ୍ୱନିୟନ୍ତା ଜଗନ୍ନାଥ ପ୍ରଥମେ ନା ବାବା ପ୍ରଥମେ। ଏପରି କ୍ଷେତ୍ରରେ 'ସାଇ' ଉପନାମ ପରେ ଜଗନ୍ନାଥାଦି ଦେବଦେବୀଙ୍କ ନାମକୁ ରଖି ପୁତ୍ର/କନ୍ୟାମାନଙ୍କ ନାମ ଦେବା କେତେଦୂର ସମୀଚୀନ ? ଏହା କ'ଣ ଜଗନ୍ନାଥ, ରାମ, କୃଷ୍ଣ, ଦେବୀ ଲକ୍ଷ୍ମୀ ମା'ଙ୍କ ପ୍ରତି ଘୋର ଅପମାନ ନୁହେଁ ? ବିଜ୍ଞଜନମାନେ ବିଚାର କରିବେ।

-ନରେନ୍ଦ୍ର କୁମାର ନାୟକ
ମହାଦେବ ବିହାର, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିସ୍ଥାପନ ହେବାକୁ ଥିବା ୩୬୬ ପରିବାରକୁ ଥଇଥାନ ସହ ମିଳିବ ଆର୍ଥିକ ସହାୟତା

## ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଁଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ-ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେଳୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍ ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏକ ଇନର ରିଂ ରୋଡ୍ ମଧ୍ୟ ନିର୍ମାଣ କରାଯିବ। ଏହିସବୁ ନିର୍ମାଣ ଦ୍ୱାରା ଭୁବନେଶ୍ୱରରେ ପ୍ରତିଦିନ ବଢୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ ଏବଂ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନୁଜ କୁମାର ଦାସପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

## ଓଏଏସ୍ ଅଧିକାରୀ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୩।୫ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପିଏମ୍ ପୋଷଣ ଏବଂ ଏମ୍ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଦେବ ପ୍ରସାଦ ଦାଶଙ୍କ ସ୍ଥାନରେ ଅନୁଜ ଅବସ୍ଥାପିତ ହୋଇଛନ୍ତି। ଦେବ ପ୍ରସାଦ ଏବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି।

ସେହିପରି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀର ପୂର୍ବତନ ତହସିଲଦାର ତଥା ନିକଟରେ ସାଧାରଣ ପ୍ରଶାସନ ବିଭାଗରେ ଯୋଗଦେଇଥିବା ଓଏଏସ୍ ଅଧିକାରୀ ମିତାଲି ପାତ୍ରଙ୍କୁ ମୟୂରଭଞ୍ଜର ବାରିପଦା ସିଡିଏମ୍ ଏବଂ ପିଏଚ୍ଓ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିବାବେଳେ ଅଜୟ କୁମାର ପ୍ରଧାନଙ୍କୁ ଗୁଣପୁର ଆଇଟିଡିଏର ପିଏ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ରେଜିଷ୍ଟ୍ରାର (ଆଇଜିଆଇଟି)ର ଭାବେ ବଦଳି କରାଯାଇଛି।

# ୨୭ ନୁହେଁ, ୨୬ରେ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ଆସନ୍ତା ୨୭ ପରିବର୍ତ୍ତେ ୨୬ ତାରିଖରେ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବକୁ ସେ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ତେଣୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇ ୨୭ ତାରିଖରେ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ଖୋଲା ରଖିବାକୁ ଘୋଷଣା କରିଛନ୍ତି। ଏହି କ୍ରମରେ ଆସନ୍ତା ୨୬ରେ ସରକାରୀ ଛୁଟି ଘୋଷଣା କରାଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରଖାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ହେଲେ ପୁରୀ ମୁକ୍ତି ମଣ୍ଡପ, ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନଗୁଡ଼ିକ ସହ ଯୋଗାଯୋଗ ପରେ ଏହା ଜଣାଯାଇଛି। ୨୬ ତାରିଖରେ ହିଁ ସାବିତ୍ରୀ ଅମାବାସ୍ୟା ପାଳନ କରାଯିବ।

# ୩ରେ କୋଟିଆ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

କୋଟିଆକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ସରକାର ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ କମିଟି ଘୋଷଣା କରିଛନ୍ତି। ଏହି କମିଟି ହାତରେ ସମ୍ପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର ମନ୍ତ୍ରୀ ପୂଜାରୀ କହିଛନ୍ତି, ଆସନ୍ତା ୩ ତାରିଖରେ କୋଟିଆ କମିଟିର ପ୍ରଥମ ବୈଠକ ହେବ। କୋଟିଆ ପାଇଁ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିସହ କୋଟିଆ ପାଇଁ ଦୀର୍ଘ ଓ ସ୍ୱଳ୍ପ ମିଆଦୀ ଯୋଜନା କରାଯିବ। ମାମଲାର ପୁନର୍ବିଚାର ଲାଗି ସୁପ୍ରିମକୋର୍ଟରେ ଆବେଦନ କରାଯାଇଛି। କୋଟିଆବାସୀ ଓଡ଼ିଶା ସହିତ ଥିଲେ ଓ ରହିବେ ବୋଲି ସେ କହିଛନ୍ତି। ଏହାସହ ଖୁବ୍‌ଶୀଘ୍ର କୋଟିଆ ଲାଗି ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା କୋଟିଆ ସୀମା ବିବାଦ ଲାଗି ରହିଛି। ଏହାର ସମାଧାନ ଲାଗି ଗତ ଏପ୍ରିଲ ୨୨ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି, କୋଟିଆ ପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଯୋଜନା ପ୍ରସ୍ତୁତ କରାଯିବ। ସମସ୍ତଙ୍କ ନିକଟରେ ଯେପରି ଗୋଟିଏ ଏଜେନ୍ସି ଜରିଆରେ ସବୁ ପ୍ରକାର ସରକାରୀ ସୁବିଧା ପହଞ୍ଚିବ ତାକୁ ନିଶ୍ଚିନ୍ତ କରିବେ।

# ବେଆଇନ ମାଦକଦ୍ରବ୍ୟ ବିରୋଧରେ ୩୧ରୁ ଜୁନ୍ ୨୬ ଯାଏ ସଚେତନତା କାର୍ଯ୍ୟକ୍ରମ

- ପାଲା, ଦାସକାଠିଆ, ଘୋଡ଼ାନାଚ, ପଥପ୍ରାନ୍ତ ନାଟକ ଜରିଆରେ ହେବ ସଚେତନତା
- ସ୍କୁଲସ୍ତରରେ ହେବ ପ୍ରବନ୍ଧ ପ୍ରତିଯୋଗିତା, ସଚେତନତା ରଥ ବୁଲିବ
- ପ୍ରତିଦିନ କେଉଁ କାର୍ଯ୍ୟକ୍ରମ ହେବ ତା'ର ତାଲିକା ପ୍ରସ୍ତୁତ ପାଇଁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ନୂଆ ସରକାର ରାଜ୍ୟର ଶାସନ ଭାର ହାତକୁ ନେବା ପରେ ବେଆଇନ ମାଦକଦ୍ରବ୍ୟ କାରବାର ଅନେକାଂଶରେ ହ୍ରାସ ପାଇଛି। ଅବକାରୀ ବିଭାଗ, ପୋଲିସ ପ୍ରଶାସନ ଏବଂ ସ୍ପେଶାଲ ସ୍କ୍ୱାଡ୍ ଜରିଆରେ ନିୟମିତ ଚଢ଼ାଉ କରାଯାଇ ଅନେକ ବେଆଇନ ମଦଭାଟିକୁ ବନ୍ଦ କରାଯିବା ସହ ପ୍ରସ୍ତୁତି ସାମଗ୍ରୀ ଓ ଗାଡ଼ି ଜବତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତଥାପି ଏ ଦିଗରେ ଅଧିକ କାର୍ଯ୍ୟକରି ରାଜ୍ୟରୁ ବେଆଇନ ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆସନ୍ତା ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ରୋକିବା ଦିଗରେ ସଚେତନତା କାର୍ଯ୍ୟକ୍ରମ ନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବେଆଇନ ମାଦକଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଦ୍ୟାଳୟ ସ୍ତରରୁ ଆରମ୍ଭକରି ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେବ। ଏହାସହ ଜିଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସବୁବର୍ଗଙ୍କୁ ସଚେତନ କରାଇବା ନେଇ ଉପସ୍ଥିତ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ କ'ଣ କାର୍ଯ୍ୟକ୍ରମ କରାଯିବ ତା'ର ତାଲିକା ପ୍ରସ୍ତୁତ କରିବା ନେଇ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକଦ୍ରବ୍ୟ କାରବାର ଓ ସେବନ ବିରୋଧରେ ନିୟମିତ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି।

# ଜୁନ୍ ୨୫ରୁ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର, ୨୩।୫ (ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଜୁନ୍ ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ମେ ୨୮ରୁ ଜୁନ୍ ୨ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ଚାଲିବ। ଜୁନ୍ ୨ ଓ ୩ ତାରିଖରେ ଦେୟ ପୈଠ କରିବାକୁ ପଡ଼ିବ। ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଏଗ୍ରିଗେଟ୍‌ରେ ପାସ୍ ମାର୍କ ୨୧୦ ରଖିଥିବେ ଏବଂ ମାତ୍ର କୌଣସି ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ, ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ୨୦୨୫ ଶିକ୍ଷାବର୍ଷରେ ଯେଉଁ କମ୍ପାର୍ଟମେଣ୍ଟାଲ ପରୀକ୍ଷାର୍ଥୀ କୌଣସି ବିଷୟରେ ପରୀକ୍ଷା ଦେଇ ଫେଲ୍ ହୋଇଥିଲେ ଏହି ପରୀକ୍ଷା ପାଇଁ ଆବେଦନ କରିପାରିବେ। ସେହିପରି କୌଣସି ପରୀକ୍ଷାର୍ଥୀ ଏକ ବିଷୟର ଉଭୟ ପ୍ରାକ୍ଟିକାଲ କିମ୍ବା ଥିଓରୀରେ ଫେଲ୍ ହୋଇଥିଲେ ତାଙ୍କୁ ଉଭୟ ପରୀକ୍ଷା ଦେବାକୁ ହେବ। ଥିଓରୀରେ ଫେଲ୍ ହୋଇ ପ୍ରାକ୍ଟିକାଲରେ ପାସ୍ ହୋଇଥିଲେ, କେବଳ ଥିଓରୀ ପରୀକ୍ଷା ଦେବାକୁ ହେବ। ସେହିପରି ପ୍ରାକ୍ଟିକାଲରେ ଫେଲ୍ ହୋଇ ଥିଓରୀରେ ପାସ୍ ହୋଇଥିଲେ, କେବଳ ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ହେବ। ତେବେ ପରୀକ୍ଷାରେ କପି କରି ଧରାପଡ଼ିଥିଲେ କିମ୍ବା ପରୀକ୍ଷା ଫଳ ସ୍ଥଗିତ ରହିଥିଲେ ଉକ୍ତ ପରୀକ୍ଷାର୍ଥୀ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ ନାହିଁ।

# ଜିନମ୍ ସିକ୍ୱେସିଂ ପାଇଁ ଗଲା କୋଭିଡ୍ ସଂକ୍ରମିତଙ୍କ ନମୁନା

## ବହୁବିଧ ରୋଗୀ ମାସ୍କ ପିନ୍ଧିବା ଆବଶ୍ୟକ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୩।୫ (ବନ୍ଦନା ସେଠୀ)

ରାଜ୍ୟରେ ଚଳିତ ବର୍ଷର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କ ନମୁନା ସଂଗ୍ରହ କରାଯାଇ ଜିନମ ସିକ୍ୱେସିଂ ପାଇଁ ପଠାଯାଇଛି। ଏହା କୋଭିଡ୍‌ର ପୁରୁଣା ସବ୍‌ଭାରିଆଣ୍ଟ୍ ନା ଆଉ କେଉଁ ପ୍ରଜାତିର, ତାହା ଜିନମ୍ ସିକ୍ୱେସିଂ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। କୋଭିଡ୍ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେହିପରି ସଂକ୍ରମିତ ବ୍ୟକ୍ତିଙ୍କ ଘରେ କିମ୍ବା ଆଖପାଖରେ ଆଉ କେଉଁମାନଙ୍କଠାରେ କୋଭିଡ ଲକ୍ଷଣ ନାହିଁ ବୋଲି ସୂଚନା ଦିଆଯାଇଛି। ତେବେ ଯେଉଁମାନଙ୍କର ବହୁବିଧ ରୋଗ ରହିଛି ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ସେହିପରି ଗର୍ଭବତୀ, ଛୋଟପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ସହିତ ମାସ୍କ ପିନ୍ଧିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ରାତିରେ ଭୁବନେଶ୍ୱରରୁ ରାଜ୍ୟର ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ୭୫ବର୍ଷୀୟ ହୋଇଥିବାବେଳେ ସେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ସହକାରୀ ଆବଶ୍ୟକ**
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସଂପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଉର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

**REQUIREMENT**
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

**ଅମ୍ବିକା ସର୍ଭିସେସ୍ (ଭୁଜ୍)**
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

**SHRE HEALTH CARE HOSPITAL**
Athagarh, Cuttack
URGENTLY REQUIRED
G.N.M. Nurse
with good Salary & Boarding Lodging Free. Kindly Contact & Submitted Bio-Data immediately.
Contact
7381588664 / 9437654025

**WANTED**
Honest, Responsible **Peon-cum-Caretaker** for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

See Career Appointment on every Wednesday & Saturday

**RECRUITMENT**
**ZENITH ENGINEERING & MANAGEMENT STUDIES**
Approved by AICTE, New Delhi, Affiliated to BPUT, Odisha
1. **Principal :** (Ph.D with 5-10 Year's Experience)
2. **Professor / Asso. Prof. / Asst. Prof :** PhD / M.Tech in Civil, EE, Mech., CSE, Mining with (0-5 years experience)
3. **Lab Assistant :** Civil, EE, Mech, CSE, Mining (B.Tech with 0-3 years experience)
4. **Administrative Officer :** Graduate & above with 3 years minimum experience in Educational field.
5. **Placement Officers / Librarian & Accountant :** Minimum 0-3 years experience in respective field.

Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083


# ଓଲଟିଲା ମିନିଟ୍ରକ୍: ୨ ଦୁଲ୍‌ଦୁଲି କଳାକାର ମୃତ

## ଯାଉଥିଲେ ୨୬ କଳାକାର



ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରୁଛନ୍ତି।

ସୋନପୁର,୨୩।୪ (ମୃତ୍ୟୁଞ୍ଜୟ ଶତପଥୀ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡ଼ଖୋଲ ଛକର ଛୁଇବନ୍ଧ ନିକଟରେ ଦୁଲ୍‌ଦୁଲି ବାଦ୍ୟ କଳାକାରଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟି ପଡିବାରୁ ୨ କଳାକାରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨୪ କଳାକାର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ହୋଇଛନ୍ତି। ମୃତ ବାଦ୍ୟ କଳାକାର ହେଲେ ବରଗଡ ଜିଲା ତୁରା ଅଞ୍ଚଳର ମଣ୍ଟୁ ଛତ୍ରିଆ(୨୪) ଓ ମାଷ୍ଟରଟିକ୍ରା ଅଞ୍ଚଳର ସୁଦାମ ସିକା(୨୪)।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ଦୁଲ୍‌ଦୁଲି କଳାକାରମାନେ ବୌଦ୍ଧ ଜିଲା ମନମୁଣ୍ଡାର ଏକ ବରଯାତ୍ରୀ ଦଳର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସାରି ଏହି ଦଳ କଳାହାଣ୍ଡି ଜିଲାକୁ ଅନ୍ୟ ଏକ ଶୋଭାଯାତ୍ରାରେ ବାଦ୍ୟ ଓ ନୃତ୍ୟ ପରିବେଷଣ ପାଇଁ ଯାଉଥିଲା। ଏକ ମିନିଟ୍ରକ୍ ଡାଲାରେ ଡିଜେ ସାଉଣ୍ଡ ସିଷ୍ଟମ ଥିବା ବେଳେ ଉପରେ ସ୍ୱତନ୍ତ୍ର ଭାବେ ନିର୍ମିତ ସେଲ୍ଫରେ ୨୬ କଳାକାର ଥିଲେ। ଶୁକ୍ରବାର ଭୋର ୪ଟାରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଛୁଇବନ୍ଧ ନିକଟରେ ମିନିଟ୍ରକ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ମାଲ ପରିବହନ ଗାଡ଼ିରେ ଅସୁରକ୍ଷିତଭାବେ ଯାତ୍ରା କରୁଥିବା କଳାକାରମାନେ ଚାପି ହୋଇଯାଇଥିଲେ। ଖବରପାଇ ସୋନପୁର ଅଗ୍ନିଶମ ସେବାକେନ୍ଦ୍ର କର୍ମଚାରୀ ଓ ହରଡ଼ଖୋଲ ଫାଣ୍ଡି ପୋଲିସ ପ୍ରୋକଲିନ୍ ସହାୟତାରେ ମିନିଟ୍ରକ୍‌କୁ ଉଠାଇବା ସହ କଟରରେ କାଟି ସେମାନଙ୍କୁ ଉଦ୍ଧାର କରିଥିଲେ। ମଣ୍ଟୁ ଓ ସୁଦାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ୭ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍(ନଂ.ଓଡି୧୭ଏବି-୦୦୮୭)କୁ ଜବତ କରିବା ସହ ଏକ ମାମଲା ରୁଜୁ ହୋଇଥିବା ହରଡ଼ଖୋଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ମାଲ୍ ପରିବହନ ଗାଡ଼ିରେ ଲୋକମାନେ ଅସୁରକ୍ଷିତ ଭାବେ ଯାତ୍ରା କରୁଥିବା ବେଳେ ପୋଲିସ ଓ ପରିବହନ ବିଭାଗ ଏଭଳି ଗାଡ଼ିଗୁଡ଼ିକୁ ଜବତ କରୁ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି।

# ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ, ନୀତି ଆୟୋଗ ବୈଠକରେ ଯୋଗଦେବେ

## ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ

ଭୁବନେଶ୍ୱର, ୨୩।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ଆୟୋଜିତ ନୀତି ଆୟୋଗରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଅଧିକାଂଶ ରାଜ୍ୟର ଅର୍ଥମନ୍ତ୍ରୀ ଏହି ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଅର୍ଥ ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ ସେ ଏହି ବୈଠକରେ ଯୋଗଦେବେ। ଅନ୍ୟପଟେ ଆସନ୍ତା ୨୫ରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀମାନଙ୍କ ବୈଠକ ନୂଆଦିଲ୍ଲୀଠାରେ ହେବା କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଉକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ନୂଆଦିଲ୍ଲୀ ଗସ୍ତ କରିଥିବା ତାଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେ ୨୬ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।




## ପଦୋନ୍ନତି କ୍ଷେତ୍ରରେ ପାତରଅନ୍ତର ଦୂର ଦାବି

ମୋହନା,୨୩।୫(ମନ୍ମଥ ମିଶ୍ର)- ରାଜ୍ୟ ଅନୁସୂଚିତ ଜାତି ଜନଜାତି ବିଭାଗ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟର ପିଜିଟି ଶିକ୍ଷକମାନେ ଯକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦୋନ୍ନତି ପାଉଛନ୍ତି। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ସମାନ ଯୋଗ୍ୟତାଧାରୀ ଶିକ୍ଷକ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତି ପାଉନାହାନ୍ତି। ଶିକ୍ଷକମାନଙ୍କ ମଧ୍ୟରେ ଏପରି ତାରତମ୍ୟ ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କ ମନୋବଳ ଭାଙ୍ଗି ଦେଉଛି। ପୂର୍ବତନ ସରକାରଙ୍କ ଭୁଲ ନିଷ୍ପତ୍ତି ଯୋଗୁ ଏଭଳି ହେଉଥିବା ଶିକ୍ଷକମାନେ ପ୍ରକାଶ କରି ବର୍ତ୍ତମାନର ସରକାର ଏହି ସମସ୍ୟା ସମାଧାନ ଲାଗି ଦାବି କରିଛନ୍ତି।

# ଓଟିଇଟି ପରୀକ୍ଷା ପ୍ରତ୍ୟାହାର ପାଇଁ ଦାବିପତ୍ର

ଭଞ୍ଜନଗର,୨୩।୫(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ଓଟିଇଟି ପରୀକ୍ଷା ପ୍ରତ୍ୟାହାର ଦାବି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି । ଏଭଳି ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଦୀର୍ଘବର୍ଷ ଚାକିରି କରିବା ପରେ ଆଶାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ପରୀକ୍ଷା ବ୍ୟବସ୍ଥା ସରକାରଙ୍କ ଏକ ହୀନ ଚକ୍ରାନ୍ତ।



ଦାବିପତ୍ର ପ୍ରଦାନ କରାଯାଉଛି।

ସରକାର ଶିକ୍ଷକଙ୍କ ବୟସ ଓ ମାନସିକ ଅବସ୍ଥା ପ୍ରତି ଆଦୌ ସଚେତନ ନହୋଇ ସମସ୍ତ ଶିକ୍ଷକଙ୍କୁ ପଦୋନ୍ନତି ପାଇଁ ଓଟିଇଟି ପରୀକ୍ଷା ବାଧ କରିବା ଏକ ନିନ୍ଦନୀୟ ବ୍ୟବସ୍ଥା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାଥମିକ ଶିକ୍ଷାରେ ଠିକା ବ୍ୟବସ୍ଥା ଉଚ୍ଛେଦ, ୬ରୁ ୮ ବର୍ଷକୁ ମୂଳ ଚାକିରିରେ ଗଣନା କରି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଏବଂ ୨୨ଟି ରାଜ୍ୟ ଭଳି ଅବିକଳ କେନ୍ଦ୍ରୀୟ ହାରରେ ଆମ ରାଜ୍ୟର ଶିକ୍ଷକ ମାନଙ୍କୁ ଦରମା ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ

**■ପଦୋନ୍ନତି ପାଇଁ ନିନ୍ଦନୀୟ ବ୍ୟବସ୍ଥା: ଶିକ୍ଷକ ସଂଘ**

ଦାବି କରାଯାଇଛି। ଓଟିଇଟି ବ୍ୟବସ୍ଥାକୁ ସରକାର ତୁରନ୍ତ ପ୍ରତ୍ୟାହାର କରନ୍ତୁ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ତ୍ରିନାଥ ପଟ୍ଟନାୟକ, ସରୋଜ ଶତପଥୀ, ସୁଧୀର ବେହେରା, ଗୋକୁଳ ମଲ୍ଲିକ, ଜଗଦୀଶ ନାୟକ, ମନୋଜ କୁମାର ବେହେରା, ଶିଶିରକାନ୍ତ ପତି, ସୁଜିତ କୁମାର ସ୍ୱାଇଁ, ଅବିନାଶ ପଣ୍ଡା, ସୁଧାଂଶୁ ମହାପାତ୍ର, ଦେବୀ ପ୍ରସାଦ ଦାଶ, ବିଭୂ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲା, ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡ

ଦିଗପହଣ୍ଡି,୨୩।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ ଏକ ଚୋରି ମାମଲା (ଜିଆର -୫୪୪/୨୪)ର ବିଚାର କରି ଶୁକ୍ରବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ପାଟପୁର ଥାନା ଜଗନ୍ନାଥପୁର ଗ୍ରାମର ଜଗନ୍ନାଥ ବିଷୋୟୀଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦୟେ ହେଲେ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ସମ୍ମୁଖରେ ଥିବା ଅଶୋକ ସ୍ୱାଇଁଙ୍କ ମାର୍କେଟ କମ୍ପ୍ଲେକ୍ସରେ ବିଭିନ୍ନ ସାମଗ୍ରୀ ବ୍ୟବସାୟ କରୁଥିବା ସୁମିତ ପଟ୍ଟନାୟକ, ଆଶିଷ ରାଉତ, ସନିଆ ଡାକୁଆ, ଦନାର୍ଦ୍ଦନ ନାୟକଙ୍କ ଦୋକାନ ଘର ତାଲା ଭାଙ୍ଗି ୨୧।୧୧।୨୦୨୪ ରାତିରେ ଚୋରି ହୋଇଥିଲା। ଦୋକାନଗୁଡିକରୁ ଲାପଟପ୍, ସେଲୁନ ସାମଗ୍ରୀ, ସିସିଟିଭି କ୍ୟାମେରା, ସ୍ପିକର ବକ୍ସ, ସିସିଟିଭି ଯନ୍ତ୍ରାଂଶ, ଖାଦ୍ୟ ସାମଗ୍ରୀ ଏବଂ ୧୭ ହଜାର ୩୦୦ ଟଙ୍କା ଚୋରି ହୋଇଥିଲା। ଘଟଣା ପରଦିନ ଏନେଇ ଦୋକାନ ମାଲିକମାନେ ଜାଣିବା ପରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୪୬୩/୨୪ରେ ମାମଲା ରୁଜୁ କରି ଏଏସ୍‌ଆଇ ନିଗମ ଚନ୍ଦ୍ର ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏଏସ୍‌ଆଇ ପ୍ରଧାନ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରିଥିଲେ। ସେତେବେଳ ତାଙ୍କ ନିକଟରୁ ତାଲା ଭାଙ୍ଗିବା ପାଇଁ ବ୍ୟବହୃତ ସାମଗ୍ରୀ ଏବଂ ଚୋରି ଲାପଟପ୍ ଜବତ କରାଯାଇଥିଲା। ୨୮।୧୧। ୨୦୨୪ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଚାର୍ଜସିଟ ଦାଖଲ ପରେ ସେବେଠାରୁ ଏହି ମାମଲା ଦିଗପହଣ୍ଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବିଚାରାଧୀନ ଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତଙ୍କୁ କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ କ୍ୟାଡର ଏପିପି ବିପ୍ଳବ ମୁଦୁଲି ଏବଂ ସରକାରୀ ଓକିଲ ନକୁଳ ପ୍ରଧାନ ପରିଚାଳନା କରୁଥିଲେ। ଗିରଫ ହେବା ପରଠାରୁ ଅଭିଯୁକ୍ତ ଜଣକ ଦିଗପହଣ୍ଡି ସବ ଜେଲରେ ରହୁଥିବା ଜଣାପଡିଛି।

## ଅନ୍ୟ ପାଇଁ ଉଦାହରଣ ଲୋକୋ ପାଇଲଟ୍ ସରିତା



ଶେରଗଡ଼,୨୩।୫(ସୂର୍ଯ୍ୟ ନାରାୟଣ ଦାଶ)

ଘୁଶେରଗଡ଼ ମାଟିର ଝିଅ ସରିତା ସୁବୁଦ୍ଧି। ବଡ଼ଦାଣ୍ଡ ସାହିର ବାସିନ୍ଦା ସ୍ୱର୍ଗତ ସିଏଚ୍ ପ୍ରକାଶ ରାଓ ସୁବୁଦ୍ଧିଙ୍କ ଝିଅ ସରିତା ମାତ୍ର ୨୪ ବର୍ଷ ବୟସରେ ରେଳ ବିଭାଗରେ ଲୋକ ପାଇଲଟ ଭାବେ ଚାକିରି କରି ଅଞ୍ଚଳ ପାଇଁ ଗୌରବ ଆଣିଥିଲେ। ଜଣେ ଝିଅ ହୋଇ ସେ ତାଲଚେର ଡିଭିଜନରେ ନିର୍ଭୟରେ ମାଲବାହୀ ଟ୍ରେନ ଚଳାଇ ନିଜ ନିର୍ଭିକତାର ପରିଚୟ ଦେଇଥିଲେ। କିଛି ବର୍ଷ ପରେ ସରିତାଙ୍କ ତାଲଚେର ଡିଭିଜନରୁ ଖୋର୍ଦ୍ଧା ରେଳ ଡିଭିଜନକୁ ବଦଳି ହୋଇଥିଲା। ଏହି ଡିଭିଜନରେ ସେ ଖୋର୍ଦ୍ଧା ପୁରୀ ପାସେଞ୍ଜର, ବ୍ରହ୍ମପୁର ଖୋର୍ଦ୍ଧା ପାସେଞ୍ଜର ଟ୍ରେନରେ ଲୋକୋ ପାଇଲଟ ଭାବେ କାର୍ଯ୍ୟ କରିଥିଲେ। ସେ ବିଶାଖାପାଟଣା ପର୍ଯ୍ୟନ୍ତ ମଧ ଟ୍ରେନ ଚଳାଇଛନ୍ତି। ବିବାହ ପରେ ଚାକିରିକୁ ଯେତିକି ଗୁରୁତ୍ୱ ଦେଇଛନ୍ତି ସରିତା ପରିବାରକୁ ମଧ ସେ ସେତିକି ଗୁରୁତ୍ୱ ଦେଇଛନ୍ତି। ଲୋକୋ ପାଇଲେଟ ଚାକିରି ମହିଳାଙ୍କ ପକ୍ଷରେ କଷ୍ଟସାଧ ହୋଇଥିବା କୁହାଯାଉଥିବା ବେଳେ ସରିତା ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଝିଅଟିଏ, ମହିଳାଟିଏ ଧର୍ଯ୍ୟ ନିଷ୍ଠାର ସହ କାର୍ଯ୍ୟ କଲେ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।

# ଘୁମୁସର ବନଖଣ୍ଡରେ ମେଗା ରକ୍ତଦାନ ଶିବିର

ଭଞ୍ଜନଗର,୨୩।୫(ବାବୁଲା ପ୍ରଧାନ)- ଓଡ଼ିଶା ଅଣ ଗେଜେଟେଡ ବନ ସେବା ସଂଘ ଭଞ୍ଜନଗର ଶାଖା କାର୍ଯ୍ୟାଳୟର ଶିଳାନ୍ୟାସ ଶୁକ୍ରବାର ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୂର୍ବରୁ ସଂଘର ନିଜସ୍ୱ କାର୍ଯ୍ୟାଳୟ ନ ଥିବା ଯୋଗୁ କର୍ମଚାରୀ ମାନେ ଏଣେତେଣେ ସଭା କରୁଥିଲେ। ଆଗାମୀ ଦିନରେ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ ହେଲେ ଏଠି ସେମାନେ ବସି କାର୍ଯ୍ୟ କରିପାରିବେ। ଏଥିସହ ସେ ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଏବଂ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ମିଳିତ ଭାବେ ଆୟୋଜିତ ହୋଇଥିବା ମେଗା ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ରକ୍ତ ଆବଶ୍ୟକ କରୁଥିବା ରୋଗୀକୁ ରକ୍ତଦାତା ନିଃସ୍ୱାର୍ଥପର ଭାବେ ରକ୍ତଦାନ କରି ନିଜର ମହାନତା ପରିଚୟ ଦେଇଥାନ୍ତି। ଏଭଳି ମହାନ କାର୍ଯ୍ୟରେ ବନ ବିଭାଗ ସାମିଲ ହୋଇଥିବା ଯୋଗୁ ବିଧାୟକ ସମସ୍ତଙ୍କୁ




ମେଗା ରକ୍ତଦାନ ଶିବିରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବନ୍ୟପ୍ରାଣୀ ସ୍ୱେଚ୍ଛାସେବୀ ତଥା ପୂର୍ବତନ ମୁଖ୍ୟ କିରାଣି ରମେଶ ପାତ୍ର, ସରକାରୀ ଓକିଲ ରଞ୍ଜିତ ମିଶ୍ର, ମାନସ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଦକ୍ଷିଣ ଘୁମୁସର ବନଖଣ୍ଡ ଏସିଏଫ ପ୍ରଦୀପ ବେହେରା, ରଜତ ମିଶ୍ର, ଉତ୍ତର ଘୁମୁସର ବନଖଣ୍ଡ ଏସିଏଫ ରଶ୍ମି ରଞ୍ଜନ ସ୍ୱାଇଁ, ବିବେକ ଦାସ, ରେଞ୍ଜର ବିମ୍ବାଧର ସାହୁ, ପୃଥ୍ୱୀରାଜ ପ୍ରଧାନ, ଓଡିଶା ଅଣ ଗେଜେଟେଡ ବନସେବା ସଂଘ ବ୍ରହ୍ମପୁର ଜୋନ ସଭାପତି ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ, ସନ୍ତୋଷ ପାତ୍ର, ପ୍ରଦ୍ୟୁମ୍ନ ବିଷୋୟୀ, ବୁଗୁଡ଼ା ରେଞ୍ଜର ପ୍ରଦୀପ ମିଶ୍ର, ଆସିକା ରେଞ୍ଜର ପ୍ରମୋଦ ପଣ୍ଡା, ସୋରଡା ଏସିଏଫ ନିହାର ମଲ୍ଲିକ, ପୋଲସରା ରେଞ୍ଜର ଅନିଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ଛତ୍ରପୁର,୨୩।୫(ସନ୍ତୋଷ ପାଢ଼ୀ):

ଚମାଖଣ୍ଡି ଥାନା ଅଧୀନ ପୁଟବଗଡ଼ ଗାଁରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଛତ୍ରପୁର ଥାନା ଅଧୀନ ଜଗତପଲି ଗାଁର ଚକ୍ରପାଣି ପ୍ରଧାନ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚକ୍ରପାଣି ଝିଅ ଦେଖିବାକୁ ଉକ୍ତ ଗାଁକୁ ଆସୁଥିଲେ। ଗୁରୁବାର ପୂର୍ବାହ୍ନରେ ଗାଁର ଜଣେ ଯୁବତୀ ଗାଧୋଇବାକୁ ବନ୍ଧକୁ ଯାଉଥିବାବେଳେ ଉକ୍ତ ଯୁବତୀଙ୍କୁ ଚକ୍ରପାଣି ତାଙ୍କୁ ଟଣାଓଟରା କରିଥିଲେ। ଯୁବତୀ ଜଣକ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୨୧୫/୨୫) ରୁଜୁ କରି ଚକ୍ରପାଣିଙ୍କୁ ଗିରଫ କରିଥିଲା।

## ଆର୍ ନୂଆ ଗାଁରେ ଷ୍ଟ୍ରିଟ୍ ଲାଇଟ ଅଚଳ

ଖଜୁରିପଡ଼ା,୨୨।୫ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଆର୍ ନୂଆ ଗାଁ ରାସ୍ତା କଡ଼ରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଛି। ଲାଇଟ ଗୁଡ଼ିକ ମରାମତି କରାଯାଉ ନ ଥିବାରୁ ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ରାସ୍ତା ଅନ୍ଧାର ଯୋଗୁ ଚୋରି, ଡକାୟିତ ସହିତ ସରୀସୃପ ଭୟ ରହୁଛି। ତେଣୁ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଲାଇଟ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ରଣାଙ୍କ ପାଚାରିବାରୁ ସେ କହିଛନ୍ତି ଯେ ଏହି ଲାଇଟ ଗୁଡ଼ିକ ଡିଆର୍‌ଡିଏ ଲଗେଇଛି। ଅଞ୍ଚଳବାସୀ ଦରଖାସ୍ତ ଲେଖି ଆମକୁ ଜଣାଇଲେ। ଆମେ ଉକ୍ତ ବିଭାଗକୁ ଜଣାଇବୁ ତାଙ୍କର ଗ୍ୟାରେଣ୍ଟି ସରି ଯାଇଥିଲେ ଆମେ ପଞ୍ଚାୟତ ତରଫରୁ ମରାମତି କରିବୁ ବୋଲି କହିଛନ୍ତି।

## ଜାଲ ଚାଷୀ ପଞ୍ଜୀକରଣ ଅଭିଯୋଗର ତଦନ୍ତ

ହିଞ୍ଜିଳିକାଟୁ ୨୩।୫( ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ପୁଟିଆପଦର ପଞ୍ଚାୟତର ବାଳକୃଷ୍ଣପୁର ସେବା ସମବାୟ ସମିତିରେ ଜାଲ ଚାଷୀ ପଞ୍ଜୀକରଣ କରି ବ୍ୟାପକ ଦୁର୍ନୀତି ଅଭିଯୋଗର ତଦନ୍ତ ଶୁକ୍ରବାର ହୋଇଛି। ରାଜ୍ୟ ସମବାୟ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଅଧିକାରୀ ସୁଧାଂଶୁ ମହାରଣା ଓ ଛତ୍ରପୁର ଆଞ୍ଚଳିକ ଅଧିକାରୀ ଜି. କ୍ରିଷ୍ଣା ମୁର୍ତ୍ତି ରାଓ ବାଳକୃଷ୍ଣପୁର ସେବା ସମବାୟ ସମିତିରେ ପହଞ୍ଚି ତଦନ୍ତ କରିଥିଲେ। ପୂର୍ବରୁ ଏଆରସିଏସ ଛତ୍ରପୁର ସର୍କଲ ପକ୍ଷରୁ ତଦନ୍ତ କରାଯିବାକୁ ଚିଠି ସଂଖ୍ୟା ୧୧୪୨ରେ ନିର୍ଦ୍ଦେଶ ହୋଇଥିଲା। ତଦନ୍ତ ପରେ ପ୍ରାଥମିକ ସମବାୟ ସମିତିର ପୂର୍ବତନ ସମ୍ପାଦକ ଭୀମସେନ ରାଉତଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଅପରାଧିକ ମାମଲା ରୁଜୁ ପାଇଁ ସୁପାରିଶ କରିବେ ବୋଲି ତଦନ୍ତକାରୀ ଅଧିକାରୀ ମହାରଣା କହିଛନ୍ତି।

ପ୍ରକାଶ ଯେ, ପୂର୍ବତନ ସମ୍ପାଦକ ରାଉତ ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫୁଡ ଓଡ଼ିଶା ପୋର୍ଟାଲ ୱେବ୍ ସାଇଟରେ ସମବାୟ ସମିତିର ବହୁ ଜାଲ ଚାଷୀଙ୍କ ନାମ ପଞ୍ଜୀକରଣ କରି ଧାନ ଦେଣନେଣ କରିଛନ୍ତି। ଖରିଫ ଫସଲ ଧାନ ସଂଗ୍ରହ ସହ ଋଣ ଜାଲିଆତି ମଧ କରାଯାଇଛି। ବହୁ ଚାଷୀଙ୍କ ନାମରେ ଜାଲ୍ କାଗଜପତ୍ର ପ୍ରସ୍ତୁତ ହୋଇଛି। ପୁଟିଆପଦର ପଞ୍ଚାୟତର ୫ ଜଣ ଚାଷୀଙ୍କ ନାମରେ ଜାଲ କରାଯାଇଥିବା ଜଣା ପଡିବା ପରେ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛତ୍ରପୁର ଏଆରସିଏସ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ କରିଥିବା ୫ ଜଣ ଚାଷୀଙ୍କୁ ଶୁକ୍ରବାର ଉପସ୍ଥିତ ରହିବାକୁ ନୋଟିସ କରାଯାଇଥିଲା। ତେବେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ଅଭିଯୋଗକାରୀ ଉମା ଚରଣ ପାଳ ଓ ବଦ୍ରିନାଥ ଗନ୍ତାୟତ ଉପସ୍ଥିତ ରହି ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ନିଜ ମତ ଓ ପ୍ରମାଣିକ ତଥ୍ୟ ରଖିଥିଲେ। ଅନ୍ୟ ପକ୍ଷରେ ଅଜିତ ଚୌଧୁରୀ ନିଜର ପୂର୍ବପୁରୁଷାନୁକ୍ରମେ ଥିବା ଜମିରେ ଜାଲିଆତି କରି ବୀମା ଓ ଋଣ କରାଯାଇଥିବା ନେଇ ପୂର୍ବତନ ସମ୍ପାଦକ ରାଉତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବତନ ସମ୍ପାଦକ ରାଉତ ଏହି ସମବାୟ ସମିତିର ବିଭିନ୍ନ ଗ୍ରାମର ଚାଷୀଙ୍କ ନାମ ନିଜ ଅଜାଣତରେ ଭୁଲ ପଟାରେ ଭୁଲ ଚାଷୀଙ୍କ ନାମରେ ପଞ୍ଜୀକରଣ କରିଦେଇଥିବା ତଦନ୍ତକାରୀ ଅଧିକାରୀଙ୍କୁ କହିଥିଲେ। ଏନେଇ ଅଭିଯୋଗକାରୀ ଚାଷୀ ଉମା ଚରଣ ପାଳ, ବଦ୍ରୀନାଥ ଗନ୍ତାୟତ ଓ ଜିତେନ୍ଦ୍ର ଚୋଧୁରୀ ସେମାନଙ୍କୁ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ବୁଗୁଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

### ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ : ମନ୍ତ୍ରୀ

ବୁଗୁଡ଼ା,୨୩।୫ (କାଳିଚରଣ ଦାଶ)

ବୁଗୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ପକ୍ଷରୁ ଶୁକ୍ରବାର ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗଦେଇଥିବା ବେଳେ ବ୍ଲକ୍ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ଓ ସଦସ୍ୟା ଚାନ୍ଦିନୀ ନାୟକ, ଭାରପ୍ରାପ୍ତ ବିଡିଓ ଧର୍ମରାଜ ପରିଡ଼ା, ବ୍ଲକ ଏଫ୍ ଓ ପରାଶର ଦାଶ, ଏଇଇ ସୁରେନ୍ଦ୍ର ନାଥ ନାୟକ, ଜିପିଇଓ ଲଛମନ୍ କହଁର ପ୍ରମୁଖ ମଞ୍ଚାସୀନ ଥିଲେ। ୨୧ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କୁ ନେଇ ଆୟୋଜିତ ଏହି ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଆଧାରରେ ଗ୍ରାମାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ



ବୈଠକରେ ଉପସ୍ଥିତ ଅତିଥିମାନେ।

ଆଲୋଚନା କରାଯାଇଥିଲା। ଏଥିସହ ଗ୍ରାମାଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ପରିମଳ ଓ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ ଏବଂ ହିତାଧିକାରୀମାନେ ଯେପରି ଯଥା ସମୟରେ ସୂଚାରୁ ରୂପେ ଭତ୍ତା ପାଇ ପାରିବେ ତହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦିନରେ ଜନପ୍ରତିନିଧିମାନଙ୍କ ସହଯୋଗରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିବା ସହ ଗାଁଗୁଡ଼ିକର ବିକାଶ ହେଲେ ଓଡ଼ିଶାର ବିକାଶ ଏବଂ ରାଜ୍ୟର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ବିଡିଓ ଧର୍ମରାଜ ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ପଞ୍ଚାୟତର ଉନ୍ନତି ପାଇଁ ଜନପ୍ରତିନିଧିମାନେ ଅଧିକାରୀଙ୍କ ସହ ଉପଯୁକ୍ତ ଯୋଗାଯୋଗ ସ୍ଥାପନ କରିବାକୁ ସୂଚନା ଦେଇଥିଲେ। ଶେଷରେ ବ୍ଲକ୍ ଏଫ୍‌ଓ ପରାଶର ଦାଶ ଧନ୍ୟବାଦ ଦେଇଥିଲେ।

## ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଶିବିର

ଛତ୍ରପୁର,୨୩।୫(ସନ୍ତୋଷ ପାଢୀ):

ଛତ୍ରପୁରସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ୟୁନିୟନ ବ୍ୟାଙ୍କ ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ପ୍ରଶିକ୍ଷାର୍ଥିଙ୍କୁ ନେଇ ଆଚାର,ପାମ୍ପଡ ଓ ମସଲା ପାଉଡର ପ୍ରସ୍ତୁତି ତାଲିମ ଶିବିର ଶୁଭାରମ୍ଭ ହୋଇଛି । ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ଅନୀଲ ମାଝିଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିରରେ ଏଲଡିଏମ ହିମାଂଚଳ ସାହୁ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ତାଲିମ କୌଶଳ ଶିକ୍ଷା ଲାଭ କରିବା ସହ ଆତ୍ମନିର୍ଭରଶୀଳତା, ଦକ୍ଷତା ସଶକ୍ତୀକରଣ ଏବଂ ଉଦ୍ୟୋଗିତା ଦିଗରେ ମଧ ସହାୟକ ହେବ ବୋଲି କୁହାଯାଇଛି।

## ଭାରସାମ୍ୟ ହରାଇ ଓଲଟିଲା କାର୍

ଖଜୁରିପଡ଼ା,୨୩।୫ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ବରଡେଗାରେ ଏକ କାର୍ (ଓଡି୦୨ଏୱାଇ ୬୮୩୩) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। କାର୍‌ଟି ଗୁରୁବାର ରାତିରେ ଫୁଲବାଣୀ ଆଡୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ସକାଳେ ଅଞ୍ଚଳବାସୀ ଦେଖି ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସର କହିବା ଅନୁଯାୟୀ ଗାଡ଼ିରେ କିଏ କିଏ ଥିଲେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କ'ଣ ଅଛି କିଛି ଜଣାପଡ଼ି ନାହିଁ। ଏହାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଚାପଧାରୀ ପ୍ରଧାନ କହିଛନ୍ତି।

## ମଙ୍ଗଳା ବୁଢ଼ୀ ଠାକୁରାଣୀଙ୍କ ହାଣ୍ଡିଯାତ୍ରା ସରିବ ଆଜି

ଛତ୍ରପୁର,୨୩।୫(ସନ୍ତୋଷ ପାଢୀ):

ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ଗାଁରେ ଗତ ୧୭ ତାରିଖରୁ ମା' ମଙ୍ଗଳା ବୁଢୀ ଠାକୁରାଣୀଙ୍କ ହାଣ୍ଡିଯାତ୍ରା ଚାଲିଛି। ସ୍ଥାୟୀ ମନ୍ଦିରରେ ମା'ଙ୍କ ମସ୍ତକରୁ ଫୁଲ ଚାଙ୍ଗୁଡାରେ ପଡିଥିଲା । ୧୮ ତାରିଖରୁ ଏସ. ଗଙ୍ଗାଦେବୀଙ୍କ ସହ ୮ଜଣ ମହିଳା ନିଜ ମୁଣ୍ଡରେ ମା'ଙ୍କ ଘଟ ଧରି ଗାଁ ପରିକ୍ରମା କରୁଛନ୍ତି। ଗ୍ରାମବାସୀ ଏହି ଯାତ୍ରାରେ ସହଯୋଗ କରୁଛନ୍ତି। ଲକ୍ଷ୍ମୀପୁର ସାରଳା ବନ୍ଧ ହୁଡାରେ ଥିବା ଅସ୍ଥାୟୀ ମନ୍ଦିରରେ ମା'ଙ୍କ ଘଟ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି । ପ୍ରତ୍ୟେକ ସନ୍ଧ୍ୟାରେ ପୂଜାର୍ଚ୍ଚନା, ହୋମ ଯଜ୍ଞ, ଆଳତୀ କରାଯାଉଛି। ପରେ ଘଟ ସାହି ପରିକ୍ରମା କରୁଛନ୍ତି। ଏଥିପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଛି। ଏହି ଯାତ୍ରା ଆସନ୍ତା ଶନିବାର ଉଦ୍‌ଯାପିତ ହେବ। ଶେଷଦିନ କନିଷି ଓ ମାଣ୍ଡିଆପଲୀ ପକ୍ଷରୁ ଗୋଲା ନାଟକ ପରିବେଷଣ ହେବ ବୋଲି ସୂଚନା ମିଳିଛି। ପରେ ସ୍ଥାୟୀ ମନ୍ଦିରକୁ ମା' ଫେରିବେ।

# ଭତ୍ତା ବଣ୍ଟନରେ ଅନିୟମିତତା

ଡୁମୁଡିବନ୍ଧ,୨୩।୫(ଦିପକ କୁମାର ପରାସେଠ)

ଗ୍ରୀଷ୍ମ ପ୍ରଭାବରେ ଭତ୍ତା ହିତାଧିକାରୀଙ୍କ ସୁରକ୍ଷାକୁ ନେଇ ସରକାର ଜୋତା ଓ ଛତା ପାଇଁ ୪୦୦ ଟଙ୍କା ମିଶାଇ ଭତ୍ତା ବଣ୍ଟନ କରାଯିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଖାତାରେ ୧୪୦୦ ଟଙ୍କା ଲେଖାଯାଇ ୧୨୦୦ ଟଙ୍କା ଦିଆଯାଇଛ। ଏପରି ଘଟଣା ଡୁମୁଡିବନ୍ଧ ବ୍ଲକ କୁଟିଆ କନ୍ଧ ଅଧୁଷିତ ବେଲଘର ପଞ୍ଚାୟତରେ ଗୁରୁବାର ଜଣାପଡ଼ିଛି। ସୂଚନାନୁସାରେ ପାଣ୍ଡା ମାସ୍କା ଗ୍ରାମର ସୁବୁନାଥ ମାଝି ଭତ୍ତା ଦେବା ଖବର ପାଇ ବୁଧବାର ନିଜ ଭତ୍ତା ଖାତା ଧରି ପଞ୍ଚାୟତ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ଏହା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଖାତାରେ ୧୪୦୦ ଟଙ୍କା ଲେଖି ୧୨୦୦ଟଙ୍କା ସେହି ଖାତାରେ ଭରି ତାଙ୍କୁ ବିଦା କରିଦେଲେ। ସୁବୁନାଥ ଟଙ୍କା ଭରା ଖାତା ଧରି ନିଜ ଘରକୁ ଫେରିବା ବାଟରେ ସରପଞ୍ଚ ଗୋବିନ୍ଦ ମାଝୀଙ୍କୁ ଦେଖା ହେଲେ। ସରପଞ୍ଚ ସୁବୁନାଥଙ୍କୁ ଭତ୍ତା ଟଙ୍କା ପାଚାରିଥିଲେ। ସବୁନାଥ



ହିତାଧିକାରୀ

ଗଣିଲା ବେଳେ ମାତ୍ର ୧୨୦୦ଟଙ୍କା ଦିଆଯାଇଛି। ଏହା ପରେ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ପଣ୍ଡାଙ୍କୁ କାହିଁକି ୨୦୦ଟଙ୍କା କାଟି ହିତାଧିକାରୀଙ୍କୁ ଦିଆଯାଉଛି ବୋଲି ପ୍ରଶ୍ନ କରି ରେଜିଷ୍ଟର ଛଡ଼ାଇ ନେଇ ଭତ୍ତା ବଣ୍ଟା ବନ୍ଦ କରିଥିଲେ। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ଉକ୍ତ ବିଷୟକୁ ନେଇ ହୋହାଲ୍ଲା ହୋଇଥିଲା। ଏହି ବାବଦରେ ସରପଞ୍ଚ ଗୋବିନ୍ଦ ମାଝି କହିଛନ୍ତି ଯେ, ନିରୀହ ସରଳତାର ସୁଯୋଗ ନେଇ ୨୦୦ଟଙ୍କା କାଟି ଭତ୍ତା ହିତାଧିକାରୀଙ୍କୁ ଦିଆଯାଇଛି ଏହାକୁ ମୁଁ ବିରୋଧ କରୁଛି। ତଦନ୍ତ କରାଯାଇ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରୁଛି। ତେବେ ଏହା ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ପଣ୍ଡାଙ୍କୁ ପଚାରିବରୁ ଭୁଲ ଭଟକା ଭାବରେ ହୋଇଥାଇପାରେ ଜଣାପଡ଼ିଲା ପରେ ଦିଆଗଲା ବୋଲି କହିଛନ୍ତି।

# ବିକାଶଠାରୁ ଦୂରରେ ପିତାପଣସ ଗାଁ

ଆର.ଉଦୟଗିରି,୨୩।୫ (ମନୋଜ କୁମାର ପାଢୀ)

**ପର ପିଣ୍ଡାରେ ଗଢା ହେଉଛି କୁନିକୁନି ଶିଶୁଙ୍କ ଭବିଷ୍ୟତ**



ଦୁର୍ଗମ ଅଞ୍ଚଳରେ ଥିବା ଗଜପତି ଜିଲାର ପିତାପଣସ ଗାଁରେ ବିକାଶ ଅପହଞ୍ଚ। ରାସ୍ତା, ପାନୀୟ ଜଳ, ଆବାସ ସହ ଅନ୍ୟାନ୍ୟ ସବୁ ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି ଗ୍ରାମବାସୀ। ଗ୍ରାମରେ ୩୦ରୁ ୩୫ ଆଦିବାସୀ ପରିବାର ବସବାସ କରନ୍ତି। ବଣପାହାଡ ଘେରା ପର୍ବତ ପାଦ ଦେଶରେ ବସବାସ କରୁଥିବା ଏହି ଆଦିବାସୀମାନେ ରାସ୍ତା, ପାନୀୟ ଜଳ, ଆବାସ ଘର ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି। ଗ୍ରାମରେ ନଳକୂପ ଅଛି ମାତ୍ର ଏଥିରୁ ପାଣି ବାହରୁନି । ଯାହା ମଧ ପାଣି ବାହାରୁଛି ତାହା ଗୋଳିଆ ଓ ଲୌହଯୁକ୍ତ ହେତୁ ବ୍ୟବହାର କରି ହେଉନି। ଚାଷକୁ ଜୀବିକା କରିଥିବା ଗ୍ରାମବାସୀ ବର୍ଷ ସାରା ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳିଥାନ୍ତି। ମୁଣ୍ଡ ଗୁଞ୍ଜିବାକୁ କାହାର ହେଲେ ନାହିଁ ପକ୍କା ଘର । ଏନେଇ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇଥିଲେ ମଧ କିଛି ସୁଫଳ ମିଳିନି। ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ଅଛି ତାହା ସମ୍ପୂର୍ଣ ହୋଇ ନ ଥିବାରୁ ବାହାରେ ଗ୍ରାମବାସୀଙ୍କ ପିଣ୍ଡାରେ ଚାଲୁଛି କେନ୍ଦ୍ର। ପର ପିଣ୍ଡାରେ ଗଢା ହେଉଛି କୁନିକୁନି ଶିଶୁଙ୍କ ଭବିଷ୍ୟତ। ଗ୍ରାମ ରାସ୍ତା ପଥୁରିଆ ହୋଇଥିବାରୁ ଚାଲିବା କଷ୍ଟକର ହୁଏ । ସାସ୍ଥ୍ୟ ସେବା ପାଇବା ଲାଗି ମଧ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡେ। ଖରା ଦିନେ କଷ୍ଟ ହେଲେ ସୁଦ୍ଧା ଖବର ପାଇ ଗ୍ରାମକୁ ଆମ୍ବୁଲାନ୍ସ ଆସିଥାଏ । ବର୍ଷା ଦିନେ ଆସେନାହିଁ। ଗ୍ରାମର ପାନୀୟ ଜଳ ସମସ୍ୟା ନେଇ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମୁନି ବାବୁଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏ ବିଷୟରେ ଜାରି ନ ଥିଲି। ଆଗାମୀ ଦିନରେ ଗ୍ରାମକୁ ଝରଣା ପାଣିରୁ ଜଳଯୋଗାଣ ବ୍ୟବସ୍ଥା କରିବି। ଏଥିସହ ଗଭୀର ନଳକୂପ ଖୋଳି ସୌଲାର ଦ୍ୱାରା ଗ୍ରାମବାସୀଙ୍କୁ ଜଳ ଯୋଗାଣ ନେଇ ସରକାରଙ୍କୁ ଅବଗତ କରାଇବି। ଟଙ୍କା ଆସିଲେ କାମ ହେବ ବୋଲି ସେ କହିଛନ୍ତି। ଗ୍ରାମର ରାସ୍ତା ସମସ୍ୟା ସହ ଅନ୍ୟ ସମସ୍ୟା ନେଇ ମହେନ୍ଦ୍ରଗଡ ପଞ୍ଚାୟତ ପିଇଓ ସୁରେନ୍ଦ୍ର ମଣ୍ଡଳଙ୍କ ସହ ବହୁବାର ଅଫିସକୁ ଯିବା ସହ ଫୋନ ଦ୍ୱାରା ଯୋଗାଯୋଗ କରିଥିଲେ ମଧ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ ଅଧାରୁ ଚାଲି ଆସିଥିବା ଜନ ପ୍ରତିନିଧିଙ୍କ ପ୍ରତିବାଦ
### ବିଧାୟକଙ୍କ ଉତ୍ତର ଦେବା ନେଇ ନାପସନ୍ଦ କଲେ

ପାତ୍ରପୁର, ୨୩।୫(ଉମା ଚରଣ ନେପାକ)

ପାତ୍ରପୁର ପଞ୍ଚାୟତ ସମିତିରେ ୫ମ ସାଧାରଣ ଅଧିବେଶନ ଶୁକ୍ରବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଲୋଚନା ବେଳେ ପାଟିତୁଣ୍ଡ ହେବାରୁ ବିଜେଡି ସମର୍ଥିତ ସଭ୍ୟାସଭ୍ୟମାନେ ଅଧାରୁ ଉଠି ଚାଲିଯାଇଥିଲେ। ଏ ସମ୍ପର୍କରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସମିତି ବୈଠକରେ ବ୍ଲକର ଜନ ପ୍ରତିନିଧିଙ୍କ କଣ୍ଠରୋଧ କରାଯାଉଥିବା ବିଜେଡି ଅଭିଯୋଗ କରିଛି। ଟିକିଟି ରାଜଉଆସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମର୍ଥିତ ସଭ୍ୟାସଭ୍ୟମାନେ କହିଛନ୍ତି ଯେ, ସମିତି ବୈଠକରେ ଜଣେ ଲୋକ ପ୍ରତିନିଧି ହିସାବରେ ବିକାଶ ଓ ସମସ୍ୟା ନେଇ ପ୍ରଶ୍ନ କରିବାର ଅଧିକାର ରହିଛି। ମାତ୍ର ବୈଠକରେ ପ୍ରଶ୍ନ କଲେ ଏକ ଗୋଷ୍ଠୀ ଗୃହରେ ଧମକଚମକ ଦେଉଛନ୍ତି । ଏହି ସମୟରେ ବିଡ଼ିଓ ନୀରବଦ୍ରଷ୍ଟା ସାଜୁଛନ୍ତି ବୋଲି ବ୍ଲକ ବିଜେଡି ସମର୍ଥିତ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ବୈଠକରେ ପ୍ରଶ୍ନର ଉତ୍ତର ଗୃହରେ ଅଧକ୍ଷା ଦେବେ ନଚେତ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ତର ଦେବା ପାଇଁ ନିର୍ଦ୍ଦେଶ ଦେବେ। ମାତ୍ର ପାତ୍ରପୁର ବ୍ଲକରେ କେହି ଲୋକ ପ୍ରତିନିଧି କିଛି ପ୍ରଶ୍ନ ପଚାରିଲେ ବିଧାୟକ ହିଁ ତାର ଉତ୍ତର ଦେବା କେତେଦୂର ଠିକ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଖବରଦାତା ସମ୍ମିଳନୀରେ ଜରଡ଼ା ଜୋନ ଜିଲା ପରିଷଦ ସଭ୍ୟା ଯଶୋଦା ଶବର, ଗୁଣ୍ଠୁରା ସରପଞ୍ଚ ଭଗବତୀ ପ୍ରସାଦ ପାଣିଗ୍ରାହୀ, ବାଦପୁର ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ, ତୁମ୍ବା ସରପଞ୍ଚ ପ୍ରଶାନ୍ତ ସେଠୀ, ଆମ୍ବପୁର ସମିତିସଭ୍ୟା ସୁଜାତା ପ୍ରଧାନ, ଖରଣୀପଡା ସରପଞ୍ଚ ଜିତେନ୍ଦ୍ର ପଣ୍ଡା, ସମିତିସଭ୍ୟା ଅମିତା ପ୍ରଧାନ, ଗୁଣ୍ଠୁରା ସମିତିସଭ୍ୟ ନିତ୍ୟାନନ୍ଦ ବିଷୋୟୀ, କେଶରୀପଡା ସରପଞ୍ଚ ଡି. ରୁକ୍ମିଣୀ, ଖମ୍ବାରିଗାଁ ସରପଞ୍ଚ କାପା ଜ୍ୟୋତି, ସମିତିସଭ୍ୟା ଏନ. ସାନ୍ତାମ୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

ତୁମୁଡ଼ିବନ୍ଧ, ୨୩।୫ (ଦୀପକ କୁମାର ପରାସେଠ)

ତୁମୁଡ଼ିବନ୍ଧ ବ୍ଲକ୍ ସଭା ଗୃହରେ ଶୁକ୍ରବାର ଜଳ ଗୁଣବତ୍ତା ପରୀକ୍ଷଣ ଓ ପରିମଳ ସର୍ବେକ୍ଷଣ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ଚୌଧୁରୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତୁମୁଡ଼ିବନ୍ଧ ବିଡିଓ ବନବିହାରୀ ହରପାଲ, ସମ୍ମାନିତ ଅତିଥି ରୂପେ ଏବିଡିଓ ଗୋବିନ୍ଦ ଚନ୍ଦ୍ର ଦାସ, ଭାରପ୍ରାପ୍ତ ଜିପିଓ ବିଘ୍ନେଶ୍ୱର ଦିଗାଲ, ବିପିଏମ୍ ଅକ୍ଷୟ ପ୍ରଧାନ ଓ ଲ୍ୟାବ ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ତୁମୁଡ଼ିବନ୍ଧ ବ୍ଲକର ୧୧ଟି ପଞ୍ଚାୟତର ଏମ୍‌ବିକେମାନଙ୍କୁ ଲ୍ୟାବ ପ୍ରଶିକ୍ଷକ ଜଳର ୧୨ ପ୍ରକାରର ପରୀକ୍ଷା ସମ୍ପର୍କରେ ଶିବିରରେ ତାଲିମ ଦେଇଥିଲେ।

### ସେବା ସଂସ୍ଥାନର ବାର୍ଷିକୋତ୍ସବ

ଟିକିଟି, ୨୩।୫(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଟିକିଟି ପେଣ୍ଠସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ସାମାଜିକ ଅନୁଷ୍ଠାନ ସେବା ସଂସ୍ଥାନର ୨ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ସମାଜ ସଂସ୍କାରକ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ସେବାର ମହତ୍ତ୍ୱ, ପ୍ରକାରଭେଦ ଏବଂ ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ହରିଶ୍ଚନ୍ଦ୍ର ସାହୁ, ଶିଶୁମନ୍ଦିର ସଭାପତି ପି.ରାମାରାଓ ସୁବୁଦ୍ଧି, ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ, ସାଧୁ ସୁଦର୍ଶନ ଦାସ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା କେ. ସୀମାଞ୍ଚଳ ପରିଚାଳନା ଏବଂ ସମରଥ ବେହେରା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସମ୍ପାଦକ ନାରାୟଣ ସେଠୀ ବିବରଣୀ ପାଠ କରିଥିଲେ। ସେବା ସଂସ୍ଥାନ ତରଫରୁ ସଭ୍ୟ ସୁନୀଲ ବେହେରା ଏବଂ ବିଘ୍ନରାଜ ବେହେରାଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା।

# ଅଧାରୁ ଉଠି ଚାଲିଗଲେ ବିଜେଡି ସମର୍ଥିତ ସଭ୍ୟାସଭ୍ୟ

**ପାତ୍ରପୁର ପଞ୍ଚାୟତ ସମିତି ବୈଠକ**




ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ପାତ୍ରପୁର, ୨୩।୫(ଉମା ଚରଣ ନେପାକ)

ପାତ୍ରପୁର ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ ଶୁକ୍ରବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସମିତି ଅଧକ୍ଷା ୱାଇ. ସଂଯୁକ୍ତା ରେଡ୍ଡୀଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିଲେ। ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ ପଟ୍ଟନାୟକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ପ୍ରଧାନ ଉପସ୍ଥିତ ଥିଲେ। ଅଧକ୍ଷା ତାଙ୍କ ବିବରଣୀ ପାଠ ଅବସରରେ ତେଲୁଗୁ ଭାଷାଭାଷୀ ଅଞ୍ଚଳରେ ନିୟମିତ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। ଏହାର ସମାଧାନ କରିବା ନିମନ୍ତେ ବିଧାୟକଙ୍କୁ ପ୍ରସ୍ତାବ ଦେଇଥିଲେ। ଗୁଣ୍ଠରା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଠିକ ସମୟରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଲ ପୈଠ କରୁନାହାନ୍ତି। ସେଥିପାଇଁ ପଞ୍ଚାୟତର ବହୁ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ପଞ୍ଚାୟତରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଥାଇ ମଧ୍ୟ ଲୋକଙ୍କର ହିତରେ ଲାଗି ପାରୁନାହିଁ ବୋଲି ଗୁଣ୍ଠରା ସରପଞ୍ଚ ଭଗବତୀ ପାଣିଗ୍ରାହୀ କହିଥିଲେ। କୃଷି ବିଭାଗ ପକ୍ଷରୁ ବିଭିନ୍ନ ସମୟରେ କେବଳ କାଗଜ କଲମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରକୃତରେ ଗ୍ରାମଗୁଡିକର ଚାଷୀମାନେ କିଛି ଜାଣି ପାରୁନାହାନ୍ତି ବୋଲି ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ ଅଭିଯୋଗ କରିଥିଲେ। ବାଦପୁର ସରପଞ୍ଚ ଶଶାଙ୍କ ପାଣିଗ୍ରାହୀ କିଛି ପ୍ରଶ୍ନ ପଚାରିବା ସମୟରେ ବିଧାୟକ ହସ୍ତକ୍ଷେପ କରି ଜଣେ ଜଣେ କରି ସଭ୍ୟମାନେ କହିଲେ ସମସ୍ତ ସମସ୍ୟା ସମ୍ପର୍କରେ ଜାଣ ହେବ। ଆପଣ ଏମିତି ମିଳିମିଶି କହିଲେ କିଛି ଜଣାପଡ଼ିବ ନାହିଁ ବୋଲି କହିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ସାମନ୍ତିଆପଲ୍ଲୀ ସରପଞ୍ଚ ଏନ. ତିରୁପତି, ତଣ୍ଡିପୁର ଓ ସାମନ୍ତିଆପଲ୍ଲୀ ସମିତିସଭ୍ୟ ସେମାନଙ୍କ ନିକଟରେ ପହଞ୍ଚି ପାଟି କରି ବସିବା ପାଇଁ କହିଥିଲେ। ପରେ ଉଭୟ ବିଜେଡି ଓ ଭାଜପା ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହୋହାଲ୍ଲା ହୋଇଥିଲା। ସେଠାରୁ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟା ଏବଂ ଜିଲା ପରିଷଦ ସଭ୍ୟ ମିଳିତ ଭାବେ କକ୍ଷତ୍ୟାଗ କରି ବାହାରକୁ ଚାଲିଯାଇଥିଲେ। ଏହା ପରେ ମଧ୍ୟ ସମିତି ବୈଠକ ଚାଲୁ ରହିଥିଲା। ମତ୍ସ୍ୟ, ଉଦ୍ୟାନ, ପ୍ରାଣୀ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ରହିଥିବା ଯୋଜନା ସମ୍ପର୍କରେ ସମସ୍ତ ତଥ୍ୟ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ଚିଠି ଦ୍ୱାରା ଅବଗତ କରାଇବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ।

# କ୍ରେଡେଲ ବେବି ପଏଣ୍ଟରୁ ପ୍ରଥମ ଶିଶୁ ପୁତ୍ର ଉଦ୍ଧାର

**ଜିଲା ମୁଖ୍ୟ ଚିକିତ୍ସାଳୟ**

ପାରଳାଖେମୁଣ୍ଡି, ୨୩।୫(ଗିରିଧାରୀ ପରିଛା)



ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ କ୍ରେଡେଲ ବେବି ପଏଣ୍ଟରୁ ଏକ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ବର୍ଷ ବୟସର ଏହି ଶିଶୁ ପୁତ୍ରକୁ କେହି ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟ କ୍ରେଡେଲ ବେବି ପଏଣ୍ଟରେ ଛାଡି ଚାଲିଯାଇଥିଲେ। ସେହି ସମୟରେ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମୀ କୌଣସି କାର୍ଯ୍ୟରେ ଏହି ସ୍ଥାନରେ ଉପସ୍ଥିତ ଥିଲେ। ଶିଶୁଟିର କାନ୍ଦ ଶୁଣି, ଶିଶୁଟି କାହାର ବୋଲି ସେ ପଚରା ଉଚୁରା କରିଥିଲେ। କିନ୍ତୁ କୌଣସି ବ୍ୟକ୍ତିଙ୍କୁ ପାଇ ନ ଥିଲେ। ପରେ ଶିଶୁଟିକୁ ସତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମୀ ଶିଶୁ ମଙ୍ଗଳ ସମିତିଙ୍କ ସମ୍ମୁଖରେ ହାଜର କରିବା ସହ ଶିଶୁଟିର ପ୍ରାଥମିକ ଚିକିତ୍ସା କରାଇଥିଲେ। ଏହି କ୍ରେଡ଼ଲ ବେବି ପଏଣ୍ଟ ମାଧ୍ୟମରେ ଉଦ୍ଧାର ହୋଇଥିବା ଏହି ଶିଶୁଟି ଜିଲାରେ ପ୍ରଥମ ପରିତ୍ୟକ୍ତ ଶିଶୁ। ସୂଚନାଯୋଗ୍ୟ, ପରିତ୍ୟକ୍ତ ଶିଶୁର ସୁରକ୍ଷା ପାଇଁ ଜିଲା ପ୍ରଶାସନ ପୂର୍ବରୁ ଏପରି ନୂଆ ପଦକ୍ଷେପ ନେଇଥିଲା। ଏହି ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କାର୍ଯ୍ୟାଳୟ ବାହାରେ କ୍ରେଡ଼େଲ ବେବି ପଏଣ୍ଟ ସ୍ଥାପନ କରାଯାଇଛି। ଯେଉଁ ବ୍ୟକ୍ତି ତାଙ୍କ ଶିଶୁର ଯତ୍ନ ଓ ସୁରକ୍ଷା ନେବେ ନାହିଁ ସେହି ବ୍ୟକ୍ତି ଶିଶୁକୁ ବାହାରେ ଫୋପାଡି ନ ଦେଇ ଏହି କ୍ରେଡ଼େଲ ବେବି ପଏଣ୍ଟରେ ସୁରକ୍ଷିତ ଭାବେ ଛାଡ଼ି ସେଠାରେ ଥିବା ବେଲ୍ ବଜାଇବେ। ଉକ୍ତ ଅନୁଷ୍ଠାନର ଆଶୁ ଚିକିତ୍ସା ୱାର୍ଡ଼ରେ କାର୍ଯ୍ୟରତ ଥିବା କର୍ମଚାରୀ ଶିଶୁକୁ ଉଦ୍ଧାର କରିବେ। ଉଦ୍ଧାର ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ କହିଛନ୍ତି। ଏବେ ଶିଶୁଟିକୁ ରାଣୀପେଣ୍ଠସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରରେ ରଖି ତାର ଆବଶ୍ୟକ ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଛି । ପରବର୍ତ୍ତୀ ସମୟରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ-୨୦୨୨ ଅନୁଯାୟୀ ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃମୁକ୍ତ ଘୋଷଣା ପାଇଁ ଶିଶୁ ମଙ୍ଗଳ ସମିତି କାର୍ଯ୍ୟ ଆରମ୍ଭ କରିବ ବୋଲି ତ୍ରିପାଠୀ କହିଛନ୍ତି।

# ପିକଅପ୍ ଭ୍ୟାନ୍ ଓଲଟି ଜଣେ ମୃତ,

ରମ୍ଭା/ଗଞ୍ଜାମ, ୨୩।୫ (ବନବାସୀ ସେଠୀ/ବିଦ୍ୟାଧର ସାହୁ)

ବାଲୁଗାଁ ଠାରୁ ଏକ ପିକଅପ୍ ଭ୍ୟାନ୍ (ନଂ. ଓଡି ୦୨ ଡିଏ ୫୫୯୭)ରେ ୮ରୁ ଉର୍ଦ୍ଧ୍ୱ ଯୁବକ ଭୋଜି କରିବା ପାଇଁ ଅଲେଶ୍ୱର ଯାଇଥିଲେ। ସେଠାରୁ ସମୁଦ୍ରକୂଳକୁ ବୁଲିବା ପାଇଁ ଯାଉଥିବା ସମୟରେ ରାସ୍ତାରେ ପିକଅପ୍ ଭ୍ୟାନଟି ଓଲଟି ଯାଇଥିଲା। ଘଟଣା ସ୍ଥଳରେ ସ୍ୱରଜିତ ବିଶ୍ୱାଳ (୧୯)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନେ ଗଞ୍ଜାମ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ବେଳେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନକୁ ପଠାଯାଇଛି।

# ୧୪ ବର୍ଷ ପରେ ତୃତୀୟ ଅଭିଯୁକ୍ତ ଗିରଫ

**ବ୍ରାହ୍ମଣ ସିଂ ହତ୍ୟା ଘଟଣା**

ମୋହନା, ୨୩।୫( ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ମଲ୍ଲିପଦର ଗାଁର ବ୍ରାହ୍ମଣ ସିଂ ହତ୍ୟା ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେ ହେଲେ ଦେଉଳଖଣି ଗାଁର ରାମ ବିଷୋୟୀ (୭୩) । ଘଟଣାର ୧୪ ବର୍ଷ ପରେ ତୃତୀୟ ଅଭିଯୁକ୍ତ ରୂପେ ସେ ଗିରଫ ହୋଇଛନ୍ତି। ଏହା ପୂର୍ବରୁ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ଏହି ମାମଲାରେ ଜଡିତ ଆଉ ଜଣେ ଅଭିଯୁକ୍ତ ଏବେ ସୁଦ୍ଧା ଫେରାର ଅଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ୩।୯।୨୦୧୧ରେ ମଲ୍ଲିପଦର ଗାଁରେ ଜମି ବିବାଦକୁ ନେଇ ଗାଁର ବ୍ରାହ୍ମଣ ସିଂଙ୍କୁ ହତ୍ୟା କରାଯାଇଥିଲା । ତାଙ୍କୁ ଘରୁ ଘୋଷାରି ଆଣି ଘର ଠାରୁ କିଛି ଦୂରରେ ପଥର ଛେଚି ହତ୍ୟା କରି ଅଭିଯୁକ୍ତମାନେ ତାଙ୍କ ଯୌନାଙ୍ଗକୁ କାଟି ଦେଇଥିଲେ। ଏନେଇ ମୋହନା ଥାନାରେ ଅଭିଯୋଗ ପରେ ନଂ. ୪୧/୧୧ରେ ଏକ ମାମଲା ରୁଜୁ ହୋଇଥିଲା ।ସେତେବେଳେ ଏହି ହତ୍ୟା ଘଟଣାରେ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ୨ ଜଣ ଫେରାର ଥିଲେ । ମାମାଲା କୋର୍ଟରେ ବିଚାରାଧୀନ ଥିବାବେଳେ ଫେରାର ୨ ଜଣକୁ ପୋଲିସ ଖୋଜୁଥିଲା। ମାମଲାର ତୃତୀୟ ଅଭିଯୁକ୍ତ ରାମ ବନ୍ଧପଡା ଗାଁରେ ଥିବା ଖବର ପାଇ ପୋଲିସ ଗୁରୁବାର ଗ୍ରାମରେ ଚଢ଼ାଉ କରି ତାଙ୍କୁ ଗିରଫ କରଥିଲା। । ତେବେ ଗିରଫ ପରେ ରାମ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେ ସୁସ୍ଥ ହେବା ପରେ ତାଙ୍କୁ ଆଣି ପୋଲିସ କୋର୍ଟ ଚାଲାଣ କରିଛି। ଏଥିସହ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବ୍ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି।

# ପାରିବାରିକ ଗଣ୍ଡଗୋଳ, ୩ ଗିରଫ

ବୁଗୁଡ଼ା, ୨୩।୫(କାଳିଚରଣ ଦାଶ)

ବୁଗୁଡ଼ା ଥାନା ବାଲିପଦର ଗ୍ରାମ ବେଲଗୁଣ୍ଠାରୋଡ ସାହିର ସ୍ୱର୍ଗତ ହରେକୃଷ୍ଣ କରଙ୍କ ୨ପୁଅଙ୍କ ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳକୁ ନେଇ ୨ଟି ପୃଥକ୍ ଅଭିଯୋଗ କ୍ରମେ ୩ଜଣଙ୍କୁ ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସ୍ୱାମୀ ବିଘ୍ନେଶ୍ୱର କର (୩୬) ଓ ସ୍ତ୍ରୀ ତପସ୍ୱିନୀ ପଣ୍ଡା (୨୭)ଙ୍କ ସମେତ ଭାଇ ଶେଷଦେବ କର (୨୨)। ଏ ନେଇ ଶେଷଦେବଙ୍କ ଅଭିଯୋଗ କ୍ରମେ କେଶ୍ ନଂ. ୩୩୮/୨୫ ଏବଂ ତପସ୍ୱିନୀଙ୍କ ଅଭିଯୋଗ କ୍ରମେ କେଶ୍ ନଂ. ୩୩୯/୨୫ରେ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

୨୧ ତାରିଖ ଦିନବେଳା ଶେଷଦେବ ତାଙ୍କ ମାଆ ଓ ଭଉଣୀଙ୍କ ସହ ମିଶି ଭାଇ ବିଘ୍ନେଶ୍ୱରଙ୍କ ଘରକୁ ଯାଇଥିଲେ। ସେଠାରେ ଥିବା ବିଘ୍ନେଶ୍ୱର ଓ ଅନ୍ୟ ସମ୍ପର୍କୀୟମାନେ ୩ ଜଣଙ୍କୁ ମିଳିମିଶି ଗାଳିଗୁଲଜ କରିବା ସହ ଶୀଘ୍ର ଘରଛାଡି ନ ଗଲେ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଏହିସମୟରେ ବିଘ୍ନେଶ୍ୱରଙ୍କ ସ୍ତ୍ରୀ ତପସ୍ୱିନୀ ତାଙ୍କ ଭଉଣୀଙ୍କୁ ଆକ୍ରମଣ କରିଥିଲେ। ସେଠାରୁ ଫେରିଆସି ଶେଷଦେବ ପୋଲିସରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ତପସ୍ୱିନୀ ମଧ୍ୟ ଶେଷଦେବ ଓ ତାଙ୍କର ସମ୍ପର୍କୀୟମାନେ ତାଙ୍କ ଘରେ ଅନଧିକାର ପ୍ରବେଶ କରି ତାଙ୍କର ମଙ୍ଗଳସୂତ୍ର ଓ ମୋବାଇଲ ଛଡାଇନେବା ସହ ହତ୍ୟା ଧମକ ଦେଇଥିବା ନେଇ ପୋଲିସରେ ପାଲଟା ଅଭିଯୋଗ କରିଥିଲେ। ତେବେ ଉଭୟ ମାମଲାର ତଦନ୍ତ ଦାୟିତ୍ୱ ବାଲିପଦର ଫାଣ୍ଡି ଅଧିକାରୀ ଏନ୍.ନିଳାଦ୍ରୀ ରେଡ୍ଡି ନେଇଛନ୍ତି।

# ଫୁଲବାଣୀ ବିଇଓଙ୍କୁ ନେଇ ବଢ଼ୁଛି ଅସନ୍ତୋଷ

**ଭୁଶୁଡି ଯିବ ପ୍ରାଥମିକ ଶିକ୍ଷା**

ଫୁଲବାଣୀ, ୨୩।୫
(ରାକେଶ କୁମାର ରାଉତ)

ନିକଟରେ ରାଜ୍ୟ ସରକାର କ୍ୟାବିନେଟରେ ପରିବର୍ତ୍ତନ ଆଣିଛନ୍ତି। ଏଥିରେ ମନ୍ତ୍ରୀ ମାନଙ୍କୁ ଅଧିକ ଗୁରୁତ୍ୱ ଦିଆ ଯାଇଥିବା ବେଳେ ସଚିବ ମାନଙ୍କୁ ଦୂରେଇ ରଖା ଯାଇଛି। କିନ୍ତୁ ଏବେ ବି ବିଭାଗରେ ଅଧିକାରୀମାନଙ୍କ ରାଜ୍ ଚାଲିଛି। ମନ୍ତ୍ରୀ ଜାଣିବା ପୂର୍ବରୁ ସବୁ ରଫାଦଫା କରି ଦିଆଯାଉଛି। ସେମାନଙ୍କୁ ଧରି ଜିଲାରେ କାର୍ଯ୍ୟରତ ଅଧିକାରୀମାନେ ଗୋଟିଏ ସ୍ଥାନରେ ବହୁ ବର୍ଷ ରହି ରାଜ ଚଳାଇ ଆସୁଛନ୍ତି। କନ୍ଧମାଳ ଜିଲା ଫୁଲବାଣୀ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ରଞ୍ଜନ କହଁର ଏହାର ଜ୍ୱଳନ୍ତ ଉଦାହରଣ। ବିଇଓ ରଞ୍ଜନ ଫୁଲବାଣୀ ବ୍ଲକରେ ବହୁ ବର୍ଷ ରହି କାମ କରିବା, ଅଭିଯୋଗ ହେବା ପରେ ଭୁବନେଶ୍ୱର ବଦଳି ହେବା ଏବଂ କିଛି ଦିନ ପରେ ପୁଣି ଫୁଲବାଣୀ ବିଇଓ ଭାବେ ନିଯୁକ୍ତ ହେବା କଥାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ତାଙ୍କୁ ତୁରନ୍ତ ଜିଲା ବାହାରକୁ ବଦଳି କରିବାକୁ ଦାବି ହେଉଛି । ବିଇଓ ରଞ୍ଜନ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକରେ ବହୁ ବର୍ଷ ହେବ କାର୍ଯ୍ୟ କରୁଥିଲେ। ସେତେବେଳେ ତାଙ୍କ ନାମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନସିକ ନିର୍ଯାତନା, ଅର୍ଥ ମାଗିବା, ପଦବୀର ଅପବ୍ୟବହାର ଉପରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଶିକ୍ଷକ ବିରୁପାକ୍ଷ ବେହେରା, ସଦାନନ୍ଦ ଦିଗାଳ ପ୍ରମୁଖ ଲିଖିତ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ବାରମ୍ବାର ଅଭିଯୋଗ ପାଇବା ପରେ ତତ୍କାଳୀନ ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ ତାଙ୍କୁ ବଦଳି କରିଥିଲେ। ୨୦୨୦ ଜୁନ୍ ୧୯ରେ ରଞ୍ଜନ ଫୁଲବାଣୀ ବିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ହେଲେ ଏଠାରେ ତାଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ସେଠାରେ ଯେଭଳି ହେଉଥିଲେ, ଏଠାରେ ମଧ୍ୟ ଅନୁରୂପ ଆଚରଣ କଲେ। ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ ତାଙ୍କର କୌଣସି ସ୍ଥାନକୁ ବଦଳି ହେଲା ନାହିଁ। ନୂଆ ସରକାର ଆସିବା ପରେ ପୁଣି ଶିକ୍ଷକ ସଂଘ ଗତ ଜାନୁୟାରୀ ୩ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ବିଭାଗ ପକ୍ଷରୁ ଫେବୃଆରୀ ୪ରେ ଚିଠି ନଂ. ୩୫୭୩ରେ ବିଇଓ ରଞ୍ଜନଙ୍କୁ ତୁରନ୍ତ ଆସି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ସେ ମଧ୍ୟ ସେଠାକୁ ଯାଇଥିଲେ। ମାତ୍ର ୩ ମାସ ବ୍ୟବଧାନ ପରେ ମେ ୩ରେ ଚିଠି ନଂ ୧୨୬୦୨ରେ ପ୍ରକାଶ ପାଇଥିବା ବିଇଓମାନଙ୍କ ବଦଳୀ ତାଲିକାର ୧୬ ନଂ. ରେ ପୁନର୍ବାର ଫୁଲବାଣୀ ବିଇଓ ଭାବେ ରଞ୍ଜନ କହଁରଙ୍କୁ ବଦଳି କରାଯାଇଛି। ଯାହା ଜିଲାର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଆଶ୍ଚର୍ଯାନ୍ୱିତ କରିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ବ୍ୟାପକ ଅର୍ଥ ନେଇ ଏଭଳି କରିଥିବା ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିଛି । ଖୋଦ ବିଇଓ ରଞ୍ଜନ ନିଜ କାର୍ଯ୍ୟାଳୟରେ ମୋ ଘର ଏହି ଜିଲା କଳାଡି ଗ୍ରାମରେ। ମୁଁ ଏଠାରୁ କୁଆଡେ ଯିବି ନାହିଁ। ମୋର ବଦଳି ହେଲେ ଉପରେ ଟଙ୍କା ଦେଇ ଫୁଲବାଣୀରେ ରହିବି ବୋଲି ସମସ୍ତଙ୍କ ଆଗରେ କହୁଛନ୍ତି।


## ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ଗଞ୍ଜାମ, ଛତ୍ରପୁର
## ଗୃହରକ୍ଷୀ ସ୍ୱେଚ୍ଛାସେବୀ ନିଯୁକ୍ତି ନିମନ୍ତେ ସୂଚନା

ପତ୍ର ସଂଖ୍ୟା ୧୮୨/ଗୃ.ର. — ତାରିଖ:୨୩।୦୫।୨୦୨୫

ଶ୍ରୀମାନ ମହାସମାଦେଷ୍ଟା, ଗୃହରକ୍ଷୀ ବାହିନୀ, କଟକଙ୍କ ଅନୁମୋଦନ କ୍ରମେ ଗଞ୍ଜାମ ଜିଲ୍ଲା ଗୃହରକ୍ଷୀ ବାହିନୀର ୧୩୫ ଗୋଟି (ପୁରୁଷ -୧୦୧ ଏବଂ ମହିଳା -୩୪) ଗୃହରକ୍ଷୀ ପଦବୀରେ ଭର୍ତ୍ତି ନିମନ୍ତେ ସମାଦେଷ୍ଟା, ଗୃହରକ୍ଷୀ ବାହିନୀ, ଗଞ୍ଜାମ ଇଚ୍ଛୁକ ସମସ୍ତ ବର୍ଗର ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛନ୍ତି। ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act, 1961, Odisha Home Guards Rules, 1962 and Home Guards Circular Order No.01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ଗୃହରକ୍ଷୀ ସଂସ୍ଥାରେ ପଞ୍ଜୀକୃତ ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ଫର୍ମ- କ (Form-A) ସମ୍ପୂର୍ଣ୍ଣ ରୂପେ ପୂରଣ କରି ତା ସହିତ ଉଦ୍ଦିଷ୍ଟ ପ୍ରମାଣପତ୍ର ସଂଲଗ୍ନ କରି ସମାଦେଷ୍ଟା,ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ, ଛତ୍ରପୁରଙ୍କ ଠିକଣାରେ ଆବେଦନପତ୍ର ତା ୦୬.୦୬.୨୦୨୫ ରିଖ ସନ୍ଧ୍ୟା ୪ ଘଟିକା ସୁଦ୍ଧା ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ତା ୨୮.୦୫.୨୦୨୫ ରିଖ ଦିବା ୧୦ ଘଟିକାଠାରୁ ଗ୍ରହଣ କରାଯିବ। ଆବେଦନର ଶେଷ ତାରିଖ ପରେ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବନାହିଁ। ଏକାଧିକ ଦରଖାସ୍ତ ଆବେଦନ ନ କରିବା ପାଇଁ ନିବେଦନ କରାଯାଉଛି। ଯଦି କୌଣସି ପ୍ରାର୍ଥୀ ଓ ପ୍ରାର୍ଥିନୀ ଏକାଧିକ ଆବେଦନପତ୍ର ପଠାଇବେ, ଶେଷ ଆବେଦନ ପତ୍ରଟିକୁ ଗ୍ରହଣ କରାଯିବ । କେବଳ ଗଞ୍ଜାମ ଆରକ୍ଷୀ ଜିଲ୍ଲା (Ganjam Police District)ର ସ୍ଥାୟୀ ବାସିନ୍ଦା ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଆବେଦନ କରିପାରିବେ । ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଆବେଦନ ପତ୍ରଗୁଡିକ ନିଜ ନିଜ ଥାନାରେ ଦାଖଲ କରି ପାରିବା ସହ ଜିଲ୍ଲା ମୁଖ୍ୟାଳୟର ଗୃହରକ୍ଷୀ କାର୍ଯ୍ୟାଳୟରେ ମଧ ଦାଖଲ କରିପାରିବେ ।

| | |
|---|---|
| **ପୂରଣ ହେବାକୁ ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା-** | **୧୩୫ (ପୁରୁଷ -୧୦୧ ଏବଂ ମହିଳା -୩୪)** |
| ସାମୁଦ୍ରିକ ଗୃହରକ୍ଷୀ (Marine Home Guards) - | ୧୫ |
| (ସାଧାରଣ ଡିଉଟି -୧୧ ଏବଂ ଦକ୍ଷତାଯୁକ୍ତ ଗୃହରକ୍ଷୀ - | ୪ |
| (କମ୍ପ୍ୟୁଟର -୨ ଏବଂ ଡ୍ରାଇଭର -୨ ) | |
| ସାଧାରଣ ଡିଉଟି (General Duty) ଗୃହରକ୍ଷୀ - | ୫୫ |
| ଦକ୍ଷତାଯୁକ୍ତ ଗୃହରକ୍ଷୀ (Skilled(Trades)HGs) | |
| କମ୍ପ୍ୟୁଟର (Computer)- | ୪୦ |
| ଡ୍ରାଇଭର (Driver)- | ୧୦ |
| ରୋଷେୟା (Cook)- | ୦୬ |
| ବୈଦ୍ୟୁତିକ ମିସ୍ତ୍ରୀ (Electrician) - | ୦୨ |
| ଧୋବୀ (Laundry-man)- | ୦୧ |
| ବାରିକ (Barber)- | ୦୧ |
| ଦରଜୀ (Tailor)- | ୦୧ |
| ପାଣି ପାଇପ ମିସ୍ତ୍ରୀ (Plumber)- | ୦୧ |
| ମୋଚି (Cobbler)- | ୦୧ |
| ମେସ ଆଟେନଡାଣ୍ଟ/ହାଉସ କିପିଙ୍ଗ (Mess Attendant/House Keeping- | ୦୨ |
| ସର୍ବମୋଟ -୧୩୫ | |

**ଆବେଦନ କରିବା ପାଇଁ ଜଣେ ପ୍ରାର୍ଥୀ ଓ ପ୍ରାର୍ଥିନୀର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-**

୧) ପ୍ରାର୍ଥୀ ଓ ପ୍ରାର୍ଥିନୀ ଭାରତୀୟ ନାଗରିକ ହୋଇଥିବେ ଓ ଗଞ୍ଜାମ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ।
୨) ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଅଧିକ ହୋଇନଥିବ।
୩) ପ୍ରାର୍ଥୀ ଓ ପ୍ରାର୍ଥିନୀ ଅତିକମ୍‌ରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ପାସ୍ ହୋଇଥିବେ।
୪) ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡିଆ ଭାଷା କହି, ପଢି ଏବଂ ଲେଖି ପାରୁଥିବେ।
୫) ପ୍ରାର୍ଥୀ ଓ ପ୍ରାର୍ଥିନୀ ଜଣେ ଭଲ ନୈତିକ ଚରିତ୍ରର ଅଧିକାରୀ ହୋଇଥିବେ ଏବଂ ସେ କୌଣସି ଫୌଜଦାରି ମାମଲାରେ ବିଚାରର ସମ୍ମୁଖୀନ ହୋଇ ନ ଥିବେ କିମ୍ବା କୌଣସି ଫୌଜଦାରି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇନଥିବେ।
୬) ପ୍ରାର୍ଥୀ ଓ ପ୍ରାର୍ଥିନୀ ଜଣେ ସୁସ୍ଥ ଶରୀରର ଅଧିକାରୀ ହୋଇଥିବେ ଏବଂ ତାଙ୍କର କୌଣସି ଶାରୀରିକ ଅକ୍ଷମତା ନଥିବ।
୭) ପ୍ରାର୍ଥୀ ନିଜସ୍ୱ ମୋବାଇଲ ନମ୍ବର ନିହାତି ଭାବେ ଦେବେ ଏବଂ ଇ-ମେଲ ଠିକଣା, ଯଦି ଥାଏ ଜଣାଇବେ।
୮) ସାମୁଦ୍ରିକ (Marine) ଥାନା ପାଇଁ ପୂରଣ ହେବାକୁ ୧୫ ଗୋଟି ପଦବୀର ଯୋଗ୍ୟତା - ସେ ସମୁଦ୍ର ଉପକୂଳୀୟ ବାସିନ୍ଦା ହୋଇଥିବେ। ସେ ସାମୁଦ୍ରିକ ଜଳବାୟୁ ସହ ସେଠାକାର ଭୂପୃଷ୍ଠ ସମ୍ବନ୍ଧିତ ଜ୍ଞାନ ସହିତ ପରିଚିତ ଥିବେ। କ) ସେ ସନ୍ତରଣ (ପହଁରା) ନିହାତି ଜାଣିଥିବା ଆବଶ୍ୟକ ଏବଂ ଖ) ସେ Marine, Chamakhandi, Chatrapur, Ganjam, Rambha ଏବଂ Khallikote ଥାନା ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ।

ଆବେଦନକାରୀଙ୍କୁ କେଉଁ କାଗଜପତ୍ର ଆବେଦନ ପତ୍ର ଫର୍ମ-କ ସହିତ ସଂଲଗ୍ନ କରିବାକୁ ପଡ଼ିବ:-
୧) ଗଞ୍ଜାମ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର - ଆବାସିକ ପ୍ରମାଣପତ୍ର (Residence Certificate ) ସ୍ୱ-ଅନୁପ୍ରମାଣିତ ଅବିକଳ ନକଲ।
୨) ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡ କିମ୍ବା ଭୋଟର କାର୍ଡ)।
୩) ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ସ୍ୱ-ଅନୁପ୍ରମାଣିତ ଅବିକଳ ନକଲ।
୪) ବର୍ତ୍ତମାନର ଚାରିଗୋଟି ରଙ୍ଗୀନ ପାସପୋର୍ଟ ଆକାରର ଫଟୋ।
୫) ବୈଷୟିକ(Technical) ଦକ୍ଷତା ପ୍ରମାଣପତ୍ରର (of at least one year) ସ୍ୱ-ଅନୁପ୍ରମାଣିତ ଅବିକଳ ନକଲ, ଯଦି ଥାଏ ପୈଠ କରିବେ skilled (trades) ଗୃହରକ୍ଷୀ ପଦ apply କରିବା ପାଇଁ।

**ବୈଷୟିକ (Technical) ସୂଚନା :-**

ପୂରଣ ହେବାକୁ ଥିବା ୧୩୫ ଗୋଟି ଗୃହରକ୍ଷୀ ପ୍ରାର୍ଥୀ ଓ ପ୍ରାର୍ଥିନୀ ଙ୍କ ମଧ୍ୟରୁ ୬୯ ଗୋଟି ବୈଷୟିକ ଦକ୍ଷତା ଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଚୟନ କରାଯିବ। ବୈଷୟିକ ଦକ୍ଷତାଗୁଡିକ ହେଲା - କମ୍ପ୍ୟୁଟର ଜ୍ଞାନ ସହିତ good typing speed, ଡ୍ରାଇଭର (ହାଲୁକା ଏବଂ ଭାରି ଯାନ), ରୋଷେୟା (Cook), ବିଦ୍ୟୁତ ମିସ୍ତ୍ରୀ (Electrician), ଧୋବୀ (Laundry-man), ବାରିକ (Barber), ଦରଜୀ (Tailor), ପାଣି ପାଇପ ମିସ୍ତ୍ରୀ (Plumber), ମୋଚି (Cobbler) ଏବଂ ମେସ ଆଟେନଡାଣ୍ଟ/ହାଉସ କିପିଙ୍ଗ (Mess Attendant/House Keeping), ଦକ୍ଷତା ଗୃହରକ୍ଷୀ (HG) ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀମାନେ କେବଳ ଯେକୌଣସି ଗୋଟିଏ ଦକ୍ଷତା ବର୍ଗ ପାଇଁ ଆବେଦନ କରିପାରିବେ।

**ଗୁରୁତ୍ୱପୂର୍ଣ୍ଣ ସୂଚନା :-**

୧) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କର ଚୟନ ତଥା ଗୃହରକ୍ଷୀ ରୂପେ ତାଲିକାଭୁକ୍ତ ହେବା ତାଙ୍କ ଲିଖିତ ଓ ଶାରୀରିକ କୁଶଳତା, ଡାକ୍ତରୀ ପ୍ରମାଣପତ୍ର ଓ ଆରକ୍ଷୀ ସତ୍ୟାପଣ (Police Verification) ଉପରେ ନିର୍ଭର କରେ।
୨) ଶାରୀରିକ ପରୀକ୍ଷା ଓ ସାକ୍ଷାତକାର - ଯୋଗ୍ୟ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କର ପରୀକ୍ଷା କେଉଁଠି ଓ କେବେ ଅନୁଷ୍ଠିତ ହେବ, ତାହା ପରବର୍ତ୍ତୀ ସମୟରେ ତାରିଖ ନିର୍ଦ୍ଧାରଣ କରି ନୋଟିସ ଓ ମୋବାଇଲ ମାଧ୍ୟମରେ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କର ଥାନା ଜରିଆରେ ଜଣାଇଦିଆଯିବ।
୩) ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଗୃହରକ୍ଷୀ ସ୍ୱେଚ୍ଛାସେବୀ ସଂସ୍ଥାର ସବିଶେଷ ତଥ୍ୟ ନିମନ୍ତେ ନିକଟସ୍ଥ ପୋଲିସ ଥାନା / ଗୃହରକ୍ଷୀ କାର୍ଯ୍ୟାଳୟ, ଜିଲ୍ଲା ପୋଲିସ ମୁଖ୍ୟାଳୟ, ଗଞ୍ଜାମ, ଛତ୍ରପୁରଙ୍କ ସହ ଯୋଗାଯୋଗ କରିପାରିବେ।
୪) ଆବେଦନ ନିମନ୍ତେ ବ୍ୟବହୃତ ହେଉଥିବା ଆବେଦନ ଫର୍ମ- କ (Form-A) ଗଞ୍ଜାମ ଜିଲ୍ଲାର ସମସ୍ତ ଥାନାମାନଙ୍କ ସହିତ ଗୃହରକ୍ଷୀ କାର୍ଯ୍ୟାଳୟ, ଜିଲ୍ଲା ପୋଲିସ ମୁଖ୍ୟାଳୟ, ଗଞ୍ଜାମ, ଛତ୍ରପୁରଙ୍କଠାରେ ଉପଲବ୍ଧ ହେବ।
୫) ଅବେଦନକାରୀ ଯଦି କିଛି ଭୁଲ ତଥ୍ୟ ଦେଇଥିବେ ତେବେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ପ୍ରାର୍ଥିତ୍ୱ ରଦ୍ଦ କରାଯିବ।
୬) ପ୍ରାର୍ଥୀମାନଙ୍କୁ ସୂଚିତ କରାଯାଉଅଛି କି ସେମାନେ କୌଣସି ପ୍ରକାର ବ୍ୟକ୍ତିଙ୍କ ଦ୍ୱାରା ନିଯୁକ୍ତି ପାଇଁ ପ୍ରଲୋଭିତ ହେବେ ନାହିଁ, ଯଦି କୌଣସି ବ୍ୟକ୍ତି ବିଶେଷ ପ୍ରଲୋଭିତ କରିବା ପାଇଁ ଚେଷ୍ଟା କରନ୍ତି, ତାହା ହେଲେ ସମାଦେଷ୍ଟା ଗୃହରକ୍ଷୀ ବାହିନୀ କାର୍ଯାଳୟ, ଗଞ୍ଜାମଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ।
୭) ଆବେଦନପତ୍ର ଗ୍ରହଣ କରିବାର ଠିକଣା- ସମାଦେଷ୍ଟା,ଗୃହରକ୍ଷୀ ବାହିନୀ ତଥା ଆରକ୍ଷୀ ଅଧିକ୍ଷକ, ଗଞ୍ଜାମ, ଛତ୍ରପୁର, ପିନ୍- ୭୬୧୦୨୦, ଆବେଦନ ପତ୍ର ଡାକ ଜରିଆରେ ପଠାଇହେବା ସହ ବ୍ୟକ୍ତିଗତ ଭାବେ ଦେଇପାରିବେ।
୮) ଏକ ଅଭ୍ୟର୍ଥନା କକ୍ଷ ଜିଲ୍ଲା ଗୃହରକ୍ଷୀ କାର୍ଯାଳୟ, ଛତ୍ରପୁରଠାରେ ଆବେଦନ ଫର୍ମ ଗ୍ରହଣ କରିବା ନିମନ୍ତେ ଖୋଲାଯାଇଛି। ଏହା ଦିବା ୧୦ ଘଟିକାରୁ ୪ ଘଟିକା ଯାଏ ତା ୨୮.୦୫.୨୦୨୫ରୁ ୦୬.୦୬.୨୦୨୫ଯାଏ ଖୋଲା ରହିବ। ଆବେଦନ ପତ୍ର ଦେଇ ଏହାର ପ୍ରାପ୍ତି ସ୍ୱୀକାର (acknowledgement copy) ନେବେ। ଏହିପରି ଭାବେ ସବୁ ଥାନାରେ ମଧ୍ୟ ଆବେଦନପତ୍ର ଗ୍ରହଣ କରାଯିବ।
୯) ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ନିଜ ଠିକଣାରେ ନିଜ ଥାନାର ନାମ ନିହାତି ଉଲ୍ଲେଖ କରିବେ।
୧୦) ଯେଉଁମାନେ ଆଗରୁ ଗୃହରକ୍ଷୀ ରୂପେ କାର୍ଯ୍ୟ କରିଥିବେ ଏବଂ ଚାକିରିରୁ ରିଜାଇନ ଦେଇଥିବେ ଅଥବା ଡିସ୍‌ଚାର୍ଜଡ (discharged) ହୋଇଥିବେ ସେମାନେ ଆଉଥରେ ଫ୍ରେସ ପ୍ରାର୍ଥୀ ଅଥବା ପ୍ରାର୍ଥିନୀ ଭାବେ ଆବେଦନ କରିପାରିବେ।
୧୧) ପୂରଣ ହେବାକୁ ଥିବା ପଦବୀ ସଂଖ୍ୟା ପରିବର୍ତ୍ତନଶୀଳ ଏବଂ ଏହା ଆବଶ୍ୟକ ଅନୁଯାୟୀ ଥାନାମାନଙ୍କ ସହ ଜିଲ୍ଲା ମୁଖ୍ୟାଳୟରେ ବିତରଣ କରାଯିବ।
୧୨) ଯଦି ସୂଚିତ ସଂଖ୍ୟାର ଦକ୍ଷତାଯୁକ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀ ଉପଲବ୍ଧ ନ ହୁଅନ୍ତି, ତେବେ ସେମାନଙ୍କ ସ୍ଥାନରେ ସାଧାରଣ ଡ୍ୟୁଟିର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ନିଆଯିବ ଏବଂ ବିପରୀତ ମଧ ହେବ (vice versa)।
୧୩) ସାଧାରଣ ସେବାର ସ୍ୱାର୍ଥ ପାଇଁ ନିର୍ଦ୍ଦିଷ୍ଟ ଦକ୍ଷତା/ପ୍ରତିଭା ଥିବା ସ୍ୱେଚ୍ଛାସେବକଙ୍କ ପାଇଁ ଏବଂ ମୃତ ହୋମଗାର୍ଡ କର୍ମଚାରୀଙ୍କ ନିକଟ ସମ୍ପର୍କୀୟଙ୍କ (next of kin) ପାଇଁ ଗୃହରକ୍ଷୀ ମହାସମାଦେଷ୍ଟାଙ୍କ ପୂର୍ବ ଅନୁମୋଦନ ସହିତ ଯୋଗ୍ୟତା ସର୍ତ୍ତାବଳୀକୁ କୋହଳ କରାଯାଇପାରିବ।

ସ୍ୱା./- ସମାଦେଷ୍ଟା, ଗୃହରକ୍ଷୀ ବାହିନୀ,
ଗଞ୍ଜାମ, ଛତ୍ରପୁର

## ସଂକ୍ଷେପରେ

### ଲଜରୁ ଗଞ୍ଜେଇ ଜବତ, ଚାଲାଣକାରୀ ଫେରାର

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ): ଗେଟବଜାର ସ୍ଥିତ ଏକ ଲଜରୁ ଗଞ୍ଜେଇ ଜବତ ହୋଇଛି। ଲଜର ଯେଉଁ ରୁମରୁ ଗଞ୍ଜେଇ ଜବତ ହୋଇଛି ସେହି ରୁମରେ ରହୁଥିବା ଲୋକେ ଫେରାର ହୋଇଯାଇଛନ୍ତି। ଟାଉନ ଥାନା ପୋଲିସ ଗଞ୍ଜେଇ ଜବତ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଲଜର ଏକ ରୁମରେ ଥିବା ୨ ଜଣ ଲୋକ ଏକ ବ୍ୟାଗ ଛାଡି ଚାଲି ଯାଇଥିବା ମାଲିକ ଜାଣିବାକୁ ପାଇଥିଲେ। ଏହି ୨ ଜଣ ବ୍ୟକ୍ତି ଗଜପତି ଜିଲାର ହୋଇଥିବା ବେଳେ ସେମାନେ ଏହି ଲଜରେ ରହିଥିଲେ। ହେଲେ ସେମାନେ କାହାକୁ କିଛି ନକହି ରୁମ ଛାଡି ଚାଲିଯାଇଥିଲେ। ରୁମବୟ ରୁମ ଚେକ କରିବା ବେଳେ ସେଠାରେ ଏକ ବ୍ୟାଗ ଦେଖି ଲଜ୍ ମାଲିକଙ୍କୁ ଜଣାଇଥିଲେ। ଯାଞ୍ଚ ପରେ ବ୍ୟାଗ ୨ଟିରୁ ୬ କେଜି ଗଞ୍ଜେଇ ଥିଲା। ପୋଲିସ ମାଜିଷ୍ଟ୍ରେଟଙ୍କୁ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ପରେ ତାହାକୁ ଜବତ କରିଥିଲା। ରୁମରେ ରହିଥିବା ଲୋକଙ୍କୁ ଚିହ୍ନଟ ପରେ ଏହି ଚୋରା କାରବାର ବିଷୟରେ ଅଧିକ ତଥ୍ୟା ସାମ୍ନାକୁ ଆସିବ ।

### ବନ୍ଧାହେଲେ ବସ୍ ହେଲପରଙ୍କ ସମେତ ୪

ଭଞ୍ଜନଗର,୨୩।୫(ବାବୁଲା ପ୍ରଧାନ): ପୋଲିସ ଏବଂ ଅବକାରୀ ବିଭାଗ ବିଭିନ୍ନ ସମୟରେ ଚଢ଼ାଉ କରୁଥିଲେ ମଧ ଗଞ୍ଜେଇ ଚୋରା କାରବାର ଥମୁନାହିଁ। ଶୁକ୍ରବାର ମଧ୍ୟାହ୍ନରେ ଭଞ୍ଜନଗର ଥାନା ଏସଆଇ ଲକ୍ଷ୍ମୀଧର ମହାନ୍ତି ଏବଂ ଷ୍ଟାଫ ଭଞ୍ଜନଗର-ଦୁର୍ଗାପ୍ରସାଦ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ନିଧିଆପଲ୍ଲୀ ବସଷ୍ଟପଠାରେ ୩ ଜଣ ଠିଆ ହୋଇଥିଲେ। ପୋଲିସ ସେମାନଙ୍କ ପାଖରେ ଥିବା ୨ଟି ବ୍ୟାଗ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲା। ତଦନ୍ତ କରି ବସ ହେଲପର ଜଗନ୍ନାଥପ୍ରସାଦ ଅଞ୍ଚଳର ଧର୍ମେନ୍ଦ୍ର ପଟ୍ଟନାୟକ ଓ ପଶ୍ଚିମବଙ୍ଗର ରାଜୁ ଶଙ୍କର, ଉତ୍ତମ କୁମାର ସିଂ, ସମୀର କୁମାର ଦୁବେଙ୍କୁ ଗିରଫ କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଗଜପତି ନଗର ଉନ୍ନୟନ କମିଟି ତରଫରୁ ଶୋକସଭା

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ) ଷ୍ଟେଟ ବ୍ୟାଙ୍କ ଅବସର ପ୍ରାପ୍ତ କର୍ମଚାରୀ ସଂଘ ଗଞ୍ଜାମ ଶାଖାର ସଭାପତି, ଗଜପତି ନଗର ହନୁମାନ କମିଟିର ପୂର୍ବତନ ସମ୍ପାଦକ, ଗଜପତି ନଗର ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସଭାପତି, ବ୍ରାହ୍ମଣ ମହାସଭା ପୂର୍ବାଞ୍ଚଳ ସଭାପତି ଓ ଗଜପତି ନଗର ଉନ୍ନୟନ କମିଟିର ପୃଷ୍ଠପୋଷକ ଜଗନ୍ନାଥ ଶତପଥୀ(୮୧)ଙ୍କ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କ ସଂସ୍କାର କରାଯାଇଛି। ଗଜପତିନଗର ୫ମ ଲାଇନ ପାଠାଗାର ଠାରେ ଗୁରୁବାର ହୋଇଥିବା ଶୋକସଭାରେ ଅଞ୍ଚଳ ଜଣେ ମୁରବିଙ୍କୁ ହରାଇଲା ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, କମିଟି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, କମିଟି ସମ୍ପାଦକ ରାଜେଶ ସାହୁ , ମନ୍ଦିର କମିଟି ସଭାପତି ବିନୋଦ ମହାପାତ୍ର, ଶରତ ଚନ୍ଦ୍ରମହାପାତ୍ର ,ସଞ୍ଜୟ ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ପଶୁପାଳକ, ରାମ ମୋହନ ପଟ୍ଟନାୟକ, ବିଷ୍ଣୁ ପଣ୍ଡା, ବିଜୟ ବେହେରା, ଦିଗମ୍ବର ପଣ୍ଡା, ଦେବୀ ଶତପଥୀ, ବ୍ରାହ୍ମଣ ମହା ସଭାର ଶଙ୍କର୍ଷଣ ପାତ୍ର ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ ।

# କୌଣସି କାର୍ଯ୍ୟରେ ଅବହେଳା ହେଲେ ଆରଟିଓ ଦାୟୀ

## ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ସମୀକ୍ଷା କଲେ ପରିବହନ କମିଶନର



ବୈଠକରେ ଉପସ୍ଥିତ ପରିବହନ କମିଶନର ଓ ଅନ୍ୟ ଅଧିକାରୀମାନେ ।

ଛତ୍ରପୁର,୨୩।୫(ଦିଲୀପ ସାମଲ)

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ସ୍ତରୀୟ ଆରଟିଓମାନଙ୍କ କାର୍ଯ୍ୟ ଦକ୍ଷତା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ ରାଜସ୍ୱ ଆଦାୟ, ଏନଫୋର୍ସମେଣ୍ଟ, ଆଧୁନିକୀକରଣ ଓ ସଡକ ସୁରକ୍ଷା ଉପରେ ସମୀକ୍ଷା କରିଥିଲେ। ଆରଟିଓମାନେ ନିଜ କାର୍ଯ୍ୟ ଶୈଳୀ ଉପରେ ଅଧିକ ଫୋକସ ଦେବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ଇନ୍ସପେକ୍ଟର, ଟ୍ରାଫିକ ସବ ଇନ୍ସପେକ୍ଟର ଏବଂ ଆରଟିଓ, ଏଆରଟିଓ ଓ ଏମଭିଆଇମାନେ ନିଜ ମଧ୍ୟରେ ସମନ୍ୱୟ ରଖି ବିଭିନ୍ନ କାର୍ଯ୍ୟ କରିବା ଆବଶ୍ୟକ। ଗାଡି ପଞ୍ଜୀକରଣ, ଏରିଅର ଟାକ୍ସ, ପେନାଲଟି, ଚାଲାଣ ଇସ୍ୟୁ ଓ ଏନ୍‌ଫୋର୍ସମେଣ୍ଟକୁ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କୁହାଯାଇଛି । ବିଭାଗର କୌଣସି ବି କାର୍ଯ୍ୟରେ ଅବହେଳା ହେଲେ ଆରଟିଓମାନେ ଦାୟୀ ରହିବେ ବୋଲି ମଧ କମିଶନର କଡା ନିର୍ଦ୍ଦେଶ ଦେଇଛନ୍ତି।

ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଜୋନ୍‌ର ଗଞ୍ଜାମ, କନ୍ଧମାଳ, ଗଜପତି, ବୌଦ୍ଧ, ଭଞ୍ଜନଗର, କଳାହାଣ୍ଡି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା ଓ ମାଲକାନଗିରି ଆର୍‌ଟିଓ ବୈଠକରେ ଉପସ୍ଥିତ ରହିଥିବା ବେଳେ ପରିବହନ କମିଶନର ସମସ୍ତ ଜିଲାର ସମୀକ୍ଷା କରିଥିଲେ। ଏହି ୧୧ଟି ଜିଲାରେ ମୋଟ ୯୮୮୭୬ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ କେସ୍ ରହିଥିବା ବେଳେ ୯୧,୩୭୦ଟି ଫିକ୍ସଡ ହୋଇଛି । ୭୧୪୬ ପ୍ଲେଟ ପଡିରହିଛି । ଅଧିକାରୀମାନେ ନିଜ ଚାକିରି ସୁରକ୍ଷା ନିମନ୍ତେ ଧର୍ମକୁ ଆଖି ଠାର ଭଳି ଏନଫୋର୍ସମେଣ୍ଟ ନ କରିବାକୁ କୁହାଯାଇଛି। ବର୍ଷ ବର୍ଷ ଧରି ଫିଟନେସ ନ ଥାଇ ଚାଲୁଥିବା ଗାଡିଗୁଡିକୁ ଧରି ସିଜ୍ କରିବା, ହେଲମେଟ ଚେକିଂ, ମଦ୍ୟପାନ କରି ଗାଡି ଚଳାଇବା, ଓଭର ଲୋଡିଂ ଆଦି ସମସ୍ତ ଦିଗ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗର ଆଡିଶନାଲ କମିଶନର (ପ୍ରଶାସକ) ଇନ୍ଦ୍ରମଣି ନାୟକ, ଆଡିଶନାଲ କମିଶନର (ସଡକ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଆଡିଶନାଲ କମିଶନର (ଏନଫୋର୍ସମେଣ୍ଟ) ଲାଲମୋହନ ସେଠୀ, ଜେସି ଟି ସମରେନ୍ଦ୍ର ପଟ୍ଟନାୟକଙ୍କ ସମେତ ୨ଜଣ ଡେପୁଟି କମିଶନ ଏବଂ ସମସ୍ତ ଆରଟିଓ, ଏମଭିଆଇ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**ଦୁର୍ଘଟଣାରେ ଘଟିଥିବା ମୃତ୍ୟୁ ସଂଖ୍ୟା**

| ଜିଲା | ୨୦୨୨ | ୨୦୨୩ | ୨୦୨୪ | ୨୦୨୫ ମେ' ସୁଦ୍ଧା |
|---|---|---|---|---|
| ଗଞ୍ଜାମ | ୪୧୪ | ୪୨୦ | ୩୯୨ | ୧୬୦ |
| କନ୍ଧମାଳ | ୧୧୦ | ୧୦୦ | ୧୩୨ | ୮୭ |
| ଗଜପତି | ୪୯ | ୫୧ | ୬୨ | ୪୫ |

# ୪୦ ଲକ୍ଷ ଠକେଇ ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଟ୍ରାନ୍ସପୋର୍ଟ) ଅନନ୍ୟା ଅପରିମିତା ଏକ ଠକେଇ ମାମଲାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଠକେଇ ହୋଇଥିବା ସଂସ୍ଥାର ତତ୍କାଳୀନ କର୍ମଚାରୀ ସୁମନ ଶେଖର ରାଉତ(୩୩)। ମାମଲାରୁ ପ୍ରକାଶ ଯେ, ବ୍ରହ୍ମପୁର ବିଜିପୁର ଟ୍ୟାଙ୍କରୋଡରେ ଶିକ୍ଷା ଓ ଅର୍ଥନୈତିକ ବିକାଶ ସମିତି ନାମରେ ଏକ ବେସରକାରୀ ସଂସ୍ଥା ରହିଛି। ଏହି ସଂସ୍ଥାରେ ବିଜପୁରର ସୁମନ ଫାଇନାନ୍ସ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ସଂସ୍ଥାର ବିଭିନ୍ନ ଆର୍ଥିକ କାରବାର ମଧ ବୁଝୁଥିଲେ । ୨୦୨୩ ଡିସେମ୍ବର ୧୫ ତାରିଖରେ ସଂସ୍ଥାର ଦିଲ୍ଲୀସ୍ଥିତ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟରୁ ସୁମନ ନିଜ ବ୍ୟାଙ୍କ ଆକାଉଣ୍ଟକୁ ୨ଟି ପର୍ଯ୍ୟାୟରେ ୪୦ ଲକ୍ଷ ୬୫ ହଜାର ଟଙ୍କା ଚଞ୍ଚକତା କରି ଟ୍ରାନ୍ସଫର କରି ନେଇଥିବା ଅଭିଯୋଗ ହୋଇଥିଲା। ସେ ସଂସ୍ଥାର ମୋବାଇଲ ନମ୍ବର ବଦଳରେ ବ୍ୟାଙ୍କରେ ନିଜ ନମ୍ବର ଦେଇଥିଲେ। ତେଣୁ ସଂସ୍ଥାର କର୍ତ୍ତୃପକ୍ଷ ଟଙ୍କା ଟ୍ରାନ୍ସଫର ସମ୍ପର୍କରେ ଜାଣିପାରି ନ ଥିଲେ । ପରେ ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଖାଲି ହୋଇଯାଇଥିବା କଥା ସାମ୍ନାକୁ ଆସିବା ପରେ ସଂସ୍ଥାର ସମ୍ପାଦକ ହନକ ରଞ୍ଜନ ନାୟକ ଗୋଷାଣି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ୨୦୨୩ ଫେବୃଆରୀ ୨୮ରେ ସୁମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ଜେଲରେ ଥିବା ସୁମନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନରୁ ପ୍ରମାଣ ମିଳି ନ ଥିବାରୁ ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଉପମୁଖ୍ୟ ଆଇନ ପରାମର୍ଶଦାତା ତଥା ଓକିଲ ଭାବେ କେ. କମଲ ରଞ୍ଜନ ଦାସ ମକଦ୍ଦମା ପରିଚାଳନା କରିଥିଲେ।

# ଦାସକାଠିଆ ସମାରୋହ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୩।୫(ସ୍ମୃତି ରଞ୍ଜନ ମହାଲିକ):

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଶୁକ୍ରବାର ପ୍ରକାଶମ ହଲ ସ୍ଥିତ ଆନ୍ଧ୍ର ଭାଷା ବିବର୍ଦ୍ଧନି ସମାଜମ ସଭା କକ୍ଷରେ ଦାସ କାଠିଆ ସମାରୋହ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୀମାନ୍ତ ନଟରାଜ ଡା ତିରୁପତି ସାହୁ ଅଧକ୍ଷତା କରିଥିଲେ। ସଂପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ବରିଷ୍ଠ କଳାକାର ଶଙ୍କର୍ଷଣ ସାବତ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ସହ ସଂପାଦକ ବଳଦେବ ସାହୁ ଓ କୋଷାଧକ୍ଷ ଅଭିରାମ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୩ ରେ ସଂସ୍କୃତି ଭବନ ପରିସରରେ ବାର୍ଷିକୋତ୍ସବ, ଦାସକାଠିଆ ସମାରୋହ ଓ କଳାକାର ଶୋଭାଯାତ୍ରା କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା। ଆଲୋଚନାରେ ପ୍ରଫୁଲ ବେହେରା, ହରିଶ୍ଚନ୍ଦ୍ର ବରଡ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଦେବେନ୍ଦ୍ର ପ୍ରସାଦ ଶର୍ମା ଓ ସୁଦାମ ଚରଣ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଦୀପ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ଚିତ୍ତ ରଞ୍ଜନ ଦଲାଇ ଓ ବନ୍ଦନା ମହାପାତ୍ର ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ନାଲନ୍ଦାଶ୍ରୀ ହାୟର ସେକେଣ୍ଡାରୀ ସ୍କୁଲର ସଫଳତା

ବ୍ରହ୍ମପୁର,୨୩।୫(ସ୍ମୃତି ରଞ୍ଜନ ମହାଲିକ) ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ନାଲନ୍ଦାଶ୍ରୀ ହାୟର ସେକେଣ୍ଡାରୀ ସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଛାତ୍ରୀଛାତ୍ର ୯୯.୨% ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏଥିମଧ୍ୟରୁ ୮୪.୨୫% ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ୫୦୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧ ଜଣ ଏ-୧ ତଥା ୯୦%ରୁ ଅଧିକ ମାର୍କ ରଖିଥିବା ବିଦ୍ୟାଳୟର ଚେୟାରମ୍ୟାନ ତଥା ପ୍ରତିଷ୍ଠାତା କାଳି ଚରଣ ସାହୁ କହିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକାଶ ମଣ୍ଡଳ ୮୯୯ ମାର୍କ, ସୀମାଞ୍ଚଳ ବିଶୋୟୀ ୫୬୯ ମାର୍କ, ରାମକୃଷ୍ଣ ମହାପାତ୍ର ୫୬୬ ମାର୍କ, ଧର୍ମେଶ ବେହେରା ୫୬୪, ମନସ୍ୱିନ ନାହାକ ୮୯୯, ସ୍ୱାଗତ ସ୍ୱରୁପ ମହାନ୍ତି ୫୬୨, ଜଗନ ନାୟକ ୫୫୭, ଲିଜା ଜେନା ୫୫୭, ପୁଷ୍ପଲତା ବାରିକ ୫୫୬, ଶ୍ରୀୟା ସାଲିନି ସାହୁ ୫୫୬ ଓ ଅଙ୍କିତା ନାୟକ ୫୫୫ ମାର୍କ ରଖିଥିବା ବେଳେ ୮୯ ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକାଙ୍କ ଉନ୍ନତ ଶିକ୍ଷା ପଦ୍ଧତି ଓ ହଷ୍ଟେଲ ଇନଚାର୍ଜ ଏବଂ ନନ ଟିଚିଂ ଷ୍ଟାଫଙ୍କ ଯୋଗୁ ସଫଳତା ମିଳିପାରିଛି ବୋଲି ଚେୟାରମ୍ୟାନ କହିଛନ୍ତି। ବିଦ୍ୟାଳୟର ଡାଇରେକ୍ଟର ଉମାକାନ୍ତ ପାତ୍ର ଓ ଅଧକ୍ଷ ମନୋଜ କୁମାର ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

# ଜ୍ଞାନବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ) ଛତ୍ରପୁର ବ୍ଲକ ଗୋବିନ୍ଦପୁରଠାରେ ଥିବା ଜ୍ଞାନ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ପରୀକ୍ଷାରେ ଶତପ୍ରତିଶତ ସଫଳତା ପାଇଛି। ଗତ ୧୦ ବର୍ଷ ହେଲା ଏହି ବିଦ୍ୟାଳୟ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ବଜାୟ ରଖିଛି। ଚଳିତବର୍ଷ ବିଜ୍ଞାନରେ ଛାତ୍ର ରୋହନ କୁମାର ମହାଙ୍କୁଡ ୫୭୪, ଛାତ୍ରୀ ଇତିଶ୍ରୀ ସ୍ୱାଇଁ ୫୭୪ ମାର୍କ ରଖିଛନ୍ତି। ପ୍ରାୟ ୩୫ରୁ ଅଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତ ମାର୍କ ରଖିଛନ୍ତି। ୧୦୬ ଛାତ୍ରୀଛାତ୍ର ୮୫ ପ୍ରତିଶତରୁ ଅଧିକ ମାର୍କ ରଖିବା ଏକ ଗର୍ବର ବିଷୟ ବୋଲି ସ୍କୁଲ ପକ୍ଷରୁ କୁହାଯାଇଛି। ଏହି ସଫଳତା ପଛରେ ସ୍କୁଲର ଚେୟାରମ୍ୟାନ ସନତ କୁମାର ବେହେରା, ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଏକାଡେମିକ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ବେହେରା, ଉନ୍ନୟନ ନିର୍ଦ୍ଦେଶକ ଦୀପନ କୁମାର ବେହେରା, ପ୍ରଶାସନିକ ଅଧିକାରୀ ଅରୁଣ କୁମାର ମିଶ୍ର, ଜନ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ପାଢ଼ୀ ଏବଂ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅଭିଭାବକମାନଙ୍କ ବଡ ଭୂମିକା ଥିବା କୁହାଯାଇଛି। କୃତି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଭ୍ୟାସଭ୍ୟ ମନୋନୀତ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୨୪ ଆଇନ ପ୍ରକାରେ ନୂତନ ସିଣ୍ଡିକେଟ ସଭ୍ୟାସଭ୍ୟ ମନୋନୀତ ହୋଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷା ଭାବେ ରହୁଥିବା ବେଳେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରତିନିଧି ଭାବେ ଅତିରିକ୍ତ ସଚିବ ଡ଼.ଧରଣୀ ଧର ନନ୍ଦ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ସମୂହ କଲେଜର ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପଣ୍ଡା, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ଏଚଆରଡ଼ିସିର ନିର୍ଦ୍ଦେଶକ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ, ବ୍ରହ୍ମପୁର ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ସିଦ୍ଧାର୍ଥ ଶଙ୍କର ପାଢ଼ୀ ପରବର୍ତ୍ତୀ ବିଜ୍ଞପ୍ତିପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ଏଥିସହିତ କୁଳପତିଙ୍କ ପ୍ରତିନିଧି ଭାବେ ପ୍ରାଣୀ ବିଜ୍ଞାନ ବିଭାର ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ, ଲାଇବ୍ରେରୀ ଏଣ୍ଡ ଇନଫରମେଶନ ସାଇନ୍ସ ବିଭାଗର ପ୍ରଫେସର ଜ୍ୟୋତ୍ସ୍ନା ସାହୁ ଏହି ୨ ଜଣ ୪ବର୍ଷ ପାଇଁ ମନୋନୀତ ହୋଇଥିବା ଚିଠି ନଂ.୩୭୩୪ ତାରିଖ ୨୨/୫/୨୫ ପ୍ରକାରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ବିଜ୍ଞପ୍ତି କରିଛନ୍ତି। କୁଳାଧିପତିଙ୍କ ଚାରି ଜଣ ସଭ୍ୟାସଭ୍ୟ ଏବଂ ସିନେଟ ପକ୍ଷରୁ ଜଣେ ଅଣ ଶିକ୍ଷକ କର୍ମଚାରୀ, ଏକାଡେମୀ କାଉନସିଲ ପକ୍ଷରୁ ଜଣକୁ ମନୋନୀତ କରି ମୋଟ ୧୫ ଜଣ ରହିବେ । ନୂତନ ନିୟମ ପ୍ରକାରେ ସିଣ୍ଡିକେଟ ଗଠନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଥମ ହୋଇଥିବା ଜଣାପଡ଼ିଛି।

# ନକଲି ନମ୍ବର ପ୍ଲେଟ ଥିବା ବୁଲେଟ ଜବତ, ଜଣେ ଗିରଫ

ବ୍ରହ୍ମପୁର,୨୩।୫(ସୁବାସ ଚନ୍ଦ୍ର ପାଢ଼ୀ):

ବଡ଼ବଜାର ଥାନା ପୋଲିସ ଏକ ନକଲି ନମ୍ବର ପ୍ଲେଟ ଲାଗିଥିବା ବୁଲେଟ ଜବତ କରିଛି । ଏହି ବୁଲେଟ ଚଲାଉଥିବା ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସିଟି ହାଇସ୍କୁଲ ପଡିଆ ଦଳିତ ସାହିର ଚନ୍ଦନ କାଣ୍ଡି (୨୧) । ବୁଲେଟଟି ଆନ୍ଧ୍ରପ୍ରଦେଶରୁ ଚୋରି ହୋଇଥିବା ଗାଡିର ନମ୍ବର ଟ୍ରାକିଂ କରିବା ପରେ ପୋଲିସ ଜାଣିବାକୁ ପାଇଛି। ବଡବଜାର ଥାନାର ଏକ ଟିମ ଗାଡିମଟର ଯାଞ୍ଚ କରୁଥିଲେ । ଏହି ସମୟରେ ଚନ୍ଦନ ବୁଲେଟରେ ଫାଷ୍ଟଗେଟରୁ ଗେଟବଜାର ଆଡକୁ ଆସୁଥିଲେ। ଆଗରେ ପୋଲିସ ଯାଞ୍ଚ ହେଉଥିବା ଦେଖି ସେ ବୁଲେଟକୁ ବିପରୀତ ରାସ୍ତାରେ ବୁଲାଇ ଫେରାର ହୋଇଯିବାକୁ ଚେଷ୍ଟା କରିଥିଲେ । ପୋଲିସ ତାଙ୍କର ପିଛା କରି ଧରିଥିଲା। ପଚରାଉଚରା କରିବାରୁ ଚନ୍ଦନ ବୁଲେଟଟି ସଦର ଥାନା ଅନ୍ତର୍ଗତ ଲାଠିର ସାଙ୍ଗ ସାଇକିରଣ ଗୌଡଙ୍କ ଠାରୁ ଆଣିଥିବା ଅଭିଯୁକ୍ତ ଚନ୍ଦନ କହିଥିଲା । ପୋଲିସ ବୁଲେଟ ନମ୍ବର ଯାଞ୍ଚ କରିବା ପରେ ଏହା ହିଞ୍ଜିଳିକାଟୁର ପ୍ରଭାକର ମହାନ୍ତିଙ୍କ ନାମରେ ଥିବା ଜଣାପଡିଥିଲା। ପ୍ରଭାକରଙ୍କ ଫୋନ୍ ନମ୍ବର ବାହାର କରି ତାଙ୍କୁ ଯୋଗାଯୋଗ କରିବାରେ ବୁଲେଟରେ ଯେଉଁ ନମ୍ବର ପ୍ଲେଟ ଲଗାଯାଇଛି ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ବୁଲେଟର ଚେସିସ ନମ୍ବର ଯାଞ୍ଚ କରାଯିବାରେ ବୁଲେଟଟି ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ଜି. ଆଦିଲକ୍ଷ୍ମୀଙ୍କ ବୋଲି ଜଣାପଡିଥିଲା । ଚୋରା ଗାଡି ବୋଲି ସ୍ପଷ୍ଟ ହେବା ପରେ ପୋଲିସ ତାହାକୁ ଜବତ କରିବା ସହ ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିଶୃଙ୍ଖଳାରେ ସରିଲା ସମିତି ବୈଠକ



ବୈଠକରେ ମଞ୍ଚାସୀନ ଅତିଥି।

ଆସିକା,୨୩।୫ (ସୁରେନ୍ଦ୍ର ନାଥ ସାହୁ) ଆସିକା ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକକୁ ନେଇ ପ୍ରବଳ ବିଶୃଙ୍ଖଳା ଦେଖାଯାଇଛି । ବୈଠକ ଲାଗି ପୂର୍ବାହ୍ନ ୧୦ଟା ସମୟ ଧାର୍ଯ୍ୟ କରାଯାଇବାରୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଆସିଥିଲେ ମଧ ବୈଠକ ଆରମ୍ଭ ହୋଇପାରି ନ ଥିଲା । ଆସିକା ବିଧାୟକ ସରୋଜ କୁମାର ପାଢୀ ବୈଠକରେ ଯୋଗଦେବା ଲାଗି ଆସି ବିଡିଓଙ୍କ ଅଫିସ ପ୍ରକୋଷ୍ଠରେ ବସିଥିଲେ। ବୈଠକର ବିଳମ୍ବ ଯୋଗୁଁ କ୍ଷୁବ୍ଧ ହୋଇ ସେ ଚାଲିଯାଇଥିଲେ। ବିଧାୟକଙ୍କ ସହ ନିକଟ ଅତୀତରେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା କେତେଜଣ ହାତଗଣତି ସରପଞ୍ଚ ଓ ସମିତିସଭ୍ୟ ମଧ ତାଙ୍କ ସହ ଚାଲିଯାଇଥିଲେ। କିଛିସମୟ ପରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ବୈଠକରେ ଯୋଗଦେବା ଲାଗି ଆସିବାରୁ ପଞ୍ଚାୟତର ପ୍ରତିନିଧିମାନେ ସଭା ଗୃହକୁ ଆସିଥିଲେ। ବିଡିଓ ଲିପିନା ଦାଶ ଶାରିରୀକ ଅସୁସ୍ଥତା ଦର୍ଶାଇ ବୈଠକରେ ଯୋଗଦେବା ଲାଗି ମନା କରିଥିଲେ । କେତେଜଣ ନିର୍ବାଚିତ ପ୍ରତିନିଧିଙ୍କ ଅନୁରୋଧ କ୍ରମେ ବୈଠକରେ ମାତ୍ର କିଛି ମୁହୂର୍ତ୍ତ ପାଇଁ ଉପସ୍ଥିତ ରହି ବ୍ଲକର ହିସାବ ଅଧିକାରୀ ପ୍ରିୟମ୍ବଦା କହଁରଙ୍କୁ ଦାୟିତ୍ୱ ଦେଇ ସେ ଚାଲିଯାଇଥିଲେ । ସମିତି ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପାନୀୟ ଜଳ, ବିଦ୍ୟୁତ, ସୁଭଦ୍ରା ଯୋଜନା, ପ୍ରଧାନ ମନ୍ତ୍ରୀ ମାତୃବନ୍ଦନା ଯୋଜନା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସେବା, ରାଶନ କାର୍ଡ, ସାମାଜିକ ସେବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ବହୁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିବା ଯୋଗୁ ବିସ୍ତୃତ ଆଲୋଚନା ହୋଇପାରିନାହିଁ। ଅନ୍ୟପଟେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ମଧ ଅଭିଯୋଗ କରାଯାଇଥିଲା।

# ବାର୍ଷିକ ବଜେଟ ୧୫ କୋଟି, ତଥାପି କାର୍ଯ୍ୟ ଶୂନ

ବ୍ରହ୍ମପୁର,୨୩।୫(ସ୍ମୃତି ରଞ୍ଜନ ମହାଲିକ): କାଳବୈଶାଖୀ ବର୍ଷାରେ ଗୁରୁବାର ସନ୍ଧ୍ୟାରେ ସମଗ୍ର ବ୍ରହ୍ମପୁର ସହର ଉବୁଟୁବୁ ହୋଇଥିଲା। ପ୍ରତ୍ୟେକ ସାହିରେ ଘରେ ନର୍ଦ୍ଦମା ପାଣିର ସୁଅ ଛୁଟିଥିଲା। ଏପରିକି ବହୁ ହୋଟେଲ ଓ ସାଧାରଣ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶିଥିଲା। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ସହରରେ ବର୍ଷାଜଳ ନିଷ୍କାସନ କରିବାରେ ବିଫଳ ହୋଇଥିଲା। ଆଗକୁ ବର୍ଷାଦିନ ଆସୁଥିବାରୁ ବିଏମସି ସହରବାସୀଙ୍କୁ ଜଳବନ୍ଦୀରୁ ସୁରକ୍ଷା ଦେଇପାରିବନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

କାଳବୈଶାଖୀ ପ୍ରଭାବରେ ଗୁରୁବାର ସନ୍ଧ୍ୟାରୁ ଘଡଘଡି ସହ ପବନ ହୋଇଥିଲା। ରାତି ସାଢ଼େ ୯ଟାରୁ ୧୨ଟା ଯାଏଁ ପ୍ରବଳ ବର୍ଷିଥିଲା। ଫଳରେ ସହରର ସେଲ ଟ୍ୟାକ୍ସ, ଗାନ୍ଧୀନଗର, ଗଜପତି ନଗର, ବିଜିପୁର, ନୂଆ ବସଷ୍ଟାଣ୍ଡ, ବିଏମସି ସମ୍ମୁଖ ରାସ୍ତାରେ ବର୍ଷା ପାଣି ଓ ନର୍ଦ୍ଦମା ପାଣି ସୁଅ ଛୁଟିଥିଲା। ସହର ମଧ୍ୟରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେ ସମୟରେ ଯାତାୟତ କରୁଥିବା ସହରବାସୀ ନର୍ଦ୍ଦମା ପାଣିରେ ଫସି ରହିଥିଲେ। ସେହିଭଳି ଅଶୋକ ନଗର, କମାପଲୀ, ଲାଞ୍ଜିପଲୀ ଚନ୍ଦନ ନଗର, ନୀଳାଞ୍ଚଳ ନଗର, ତୁଳସୀ ନଗର ଓ ସହରତଳି ଅଞ୍ଚଳଗୁଡିକରେ ଘର ମଧ୍ୟରେ ନର୍ଦ୍ଦମା ପାଣି ପଶିଥିଲା। ସାହି ବାସିନ୍ଦା ଘରୁ ପାଣି ଉଖାଳିବାରେ ଲାଗିଥିଲେ। ତେବେ ଡ୍ରେନ ଠିକ ଭାବେ ସଫେଇ ହେବା ଏହି ସମସ୍ୟାର ମୁଖ୍ୟ କାରଣ। ବିଏମସି ପକ୍ଷରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବଜେଟ କରାଯାଉଛି। ୨୦୨୩-୨୪ରେ ୧୦ କୋଟି ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୫ କୋଟି ଟଙ୍କା ବଜେଟ କରାଯାଇଛି। ଏହା ସତ୍ତ୍ୱେ ବି ସହରରେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ବର୍ଷା ସମୟରେ ନିଗମ ପକ୍ଷରୁ ୩ଟି ପରିମଳ ଏଜେନ୍ସିକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ପରିମଳ ଏଜେନ୍ସି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ବିଏମସି, ଏନଏଚ ଓ ପୂର୍ତ୍ତ ବିଭାଗର ସମନ୍ୱୟରେ ବର୍ଷା ଜଳ ନିଷ୍କାସନ ପାଇଁ ଯୋଜନା କରାଯାଇଥିଲା। ପୂର୍ତ୍ତ ବିଭାଗ ଓ ଏନ୍‌ଏଚର ନର୍ଦ୍ଦମା ଗୁଡିକୁ ସଫେଇ ପାଇଁ ବିଏମସି ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ନିଗମର ୪୨ଟି ୱାର୍ଡରେ କୁଇକ ରେସପନ୍ସ ଟିମ ଗଠନ ସହ ଅଧିକ ୧୦୦ କର୍ମଚାରୀଙ୍କୁ ପରିମଳ ବିଭାଗ ପକ୍ଷରୁ ନିୟୋଜିତ କରାଯାଇଥିଲା। କିନ୍ତୁ ସହରକୁ ଜଳ ବନ୍ଦୀରୁ ମୁକ୍ତ ପାଇଁ ନିଗମ ସଂପୂର୍ଣ୍ଣ ରୂପେ ବିଫଳ ହୋଇଛି। ଏ ନେଇ ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଟିମ ପକ୍ଷରୁ ନର୍ଦ୍ଦମା ଆବର୍ଜନା ନିଷ୍କାସନ କାର୍ଯ୍ୟ କରାଯାଉଛି। ଜୁନ ୧୫ ପୂର୍ବରୁ ସହରର ସମସ୍ତ ନର୍ଦ୍ଦମା ସଫେଇ କରାଯିବ। ବର୍ଷା ଦିନେ ସହର ଯେଭଳି ଜଳବନ୍ଦୀ ନ ହେବ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।


ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି।

**ବର୍ଷା ମୁକାବିଲାରେ ବିଏମ୍‌ସି ବିଫଳ**

# ୨.୫୨ ଲକ୍ଷ କୋଟିର ବାର୍ଷିକ ଋଣ ଯୋଜନା ଧାର୍ଯ୍ୟ ଲକ୍ଷ୍ୟ



୧୭୯ତମ ଏସ୍‌ଏଲ୍‌ବିସି ବୈଠକରେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୫

୧୭୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଏ ନେଇ ୟୁକୋ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧ୍ୟକ୍ଷ ବିଜୟ କୁମାର ନିବୃତ୍ତି କାମ୍ବଲେ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବାର୍ଷିକ କ୍ରେଡିଟ୍ ଯୋଜନା ଅଧୀନରେ ଓଡ଼ିଶାର ବ୍ୟାଙ୍କଗୁଡ଼ିକ ୧.୯୪ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି, ଯାହା ଧାର୍ଯ୍ୟ ଲକ୍ଷ୍ୟର ୯୨.୬୧% ବୋଲି କୁହାଯାଉଛି। ରାଜ୍ୟର ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରରେ ୧୦୨.୨୭% ଏବଂ ଏମ୍‌ଏସ୍‌ଏମ୍‌ଇ ଲକ୍ଷ୍ୟ ଅନୁଯାୟୀ ୯୨.୬୮% ହାସଲ କରିଛନ୍ତି। ସେହିଭଳି ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବ୍ୟାଙ୍କଗୁଡ଼ିକର ସଫଳତା ଉଲ୍ଲେଖନୀୟ ରହିଛି। ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଅଧୀନରେ ୧୨୯.୮୩%, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୧୧୬.୬୪%, ଅଟଳ ପେନ୍‌ସନ ଯୋଜନା ଅଧୀନରେ ୧୧୦.୮୫% ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୧୦୬.୦୧% ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ୨୭,୦୦୦ରୁ ଅଧିକ ବୀମା ଦାବିର ସମାଧାନ କରାଯାଇଛି।

ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୨.୫୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏପରିକି ବ୍ୟାଙ୍କଗୁଡ଼ିକୁ କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ସହ ସମଗ୍ର ଓଡ଼ିଶାର ଅଭିବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ଋଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଲକ୍ଷ୍ୟ ହାସଲ କରିବା ପାଇଁ ଆରମ୍ଭରୁ ପ୍ରୟାସ କରିବାକୁ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ସେ ଦେଇଥିଲେ। ଜିଲ୍ଲାସ୍ତରରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ସମସ୍ୟାର ସମାଧାନ ପାଇଁ ଟାଉନ ହଲ୍ ବୈଠକ ଆୟୋଜନ କରିବା ପାଇଁ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକମାନଙ୍କର ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଥିଲେ। ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବ୍ୟାଙ୍କଗୁଡ଼ିକୁ ସାମାଜିକ ସୁରକ୍ଷା ଯୋଜନାରେ ପଞ୍ଜୀକରଣ ଏବଂ ସହଜ ଦାବି ସମାଧାନ ଉପରେ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କିଷାନ କ୍ରେଡିଟ୍ କାର୍ଡ ସାଚୁରେଶନ ବୃଦ୍ଧି ଏବଂ ଆଲାଏଡ୍ କୃଷି କ୍ଷେତ୍ରର ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସାମଗ୍ରିକ ବିକାଶ ଏବଂ ନାଗରିକ କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା 'ଆମ ସୁବାହକ ଏବଂ ଇ-ବସ୍ ସୁଧ ରିହାତି' ନାମକ ଦୁଇଟି ଯୋଜନାକୁ ଓଡ଼ିଶା ସରକାର ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛନ୍ତି। ଏହି ଯୋଜନାଗୁଡ଼ିକର ଉନ୍ନତି ପାଇଁ ସମସ୍ତ ବ୍ୟାଙ୍କକୁ ପରାମର୍ଶ ଦେବାକୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଣ୍ଠି ଅଧୀନରେ ପ୍ରତିପୂରଣ ସୁବିଧା ପ୍ରଦାନ କରୁଛି। ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ଏସ୍‌ଏଲ୍‌ବିସି ଓଡ଼ିଶାର ସଂଯୋଜକ ଗୌତମ ପାତ୍ର ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ପାଇଁ ସମସ୍ତ ବ୍ୟାଙ୍କର ପ୍ରଦର୍ଶନ ବିଷୟରେ ବିଶଦ ଆଲୋଚନା କରିଥିଲେ। ପରିଶେଷରେ ଏସ୍‌ଏଲ୍‌ବିସିର ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

# ନାଲ୍‌କୋ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକର ସମ୍ପୂର୍ଣ୍ଣ ଉପରେ ସିଏମ୍‌ଡିଙ୍କ ଗୁରୁତ୍ୱ



ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୩।୫ (ଅଭୟ ଦାଶ)

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ତଥା ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷ ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କୁ ସମ୍ୱର୍ଦ୍ଧିତ କରିବା ଅବସରରେ ନାଲ୍‌କୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲ୍‌କୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ। ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲ୍‌କୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣି ମନ୍ତ୍ରଣାଳୟ ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେହିଭଳି ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି। କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷ ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ଗୁରୁତ୍ୱପୂର୍ଣ୍ଣ । ନାଲ୍‌କୋର ସମ୍ପ୍ରସାରଣ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ୍ ରିଫାଇନେରୀ ସମ୍ପ୍ରସାରଣ, ପଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍‌ଟର ପ୍ଲାଣ୍ଟ ତଥା କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଦର୍ଶାଇଥିଲେ। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲ୍‌କୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସିଂହ କହିଥିଲେ।

ଏହି ଅବସରରେ ନାଲ୍‌କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପିଆଣ୍ଡପି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସିଂହ ତାଙ୍କ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତାମୂଳକ ଧାରା ବଜାୟ ରଖିବା ପାଇଁ ନାଲ୍‌କୋ ପରିବାରକୁ ହୃଦୟର ସହ ଅଭିନନ୍ଦନ ଜଣାଇଥିଲେ। ନାଲ୍‌କୋର ଆର୍ଥିକ ଫଳାଫଳ ଅନୁଯାୟୀ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନେଟ୍ ଲାଭ ରେକର୍ଡକରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮% ଅଭିବୃଦ୍ଧି । କମ୍ପାନୀ ଆର୍ଥିକ ବର୍ଷ ୨୦୨୪-୨୫ ଆରଇ ମଧ୍ୟ ସର୍ବକାଳୀନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୩।୫: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୬୯.୦୯ ପଏଣ୍ଟ ହ୍ରାସ ଘଟି ୮୧,୭୨୧.୦୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪୩.୪୫ ପଏଣ୍ଟ କମି ୨୪,୮୫୩.୧୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ ଏବଂ ଷ୍ଟକ୍ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୭୫,୦୦୦ କୋଟି ନିବେଶ ଲକ୍ଷ୍ୟ: ମୁକେଶ



ମୁକେଶ ଅମ୍ବାନୀ

ଭୁବନେଶ୍ୱର,୨୩।୫

ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡିକ ବର୍ତ୍ତମାନ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି। ଏହି ଅଭିବୃଦ୍ଧିରେ ରିଲାଏନ୍ସ ଗ୍ରୁପ୍ ମଧ୍ୟ ଭାଗୀଦାରି ହୋଇପାରିଛି ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କମ୍ପାନୀର ପୁଞ୍ଜିନିବେଶକୁ ୭୫,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଏହି ରାଜ୍ୟଗୁଡ଼ିକରେ କମ୍ପାନୀର ପ୍ରାୟ ୩୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ରହିଛି। ଅର୍ଥାତ୍ ଆଗାମୀ ୫ ବର୍ଷ ମଧ୍ୟରେ ରିଲାଏନ୍ସ ଏହି ରାଜ୍ୟଗୁଡ଼ିକରେ ପ୍ରାୟ ୪୫,୦୦୦ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ କରିବାକୁ ଯାଉଛି। ଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ 'ରାଇଜିଂ ନର୍ଥଇଷ୍ଟ ନିବେଶକ ସମ୍ମିଳନୀ'ରେ ଯୋଗଦେଇ ମୁକେଶ ଅମ୍ବାନୀ ଏଭଳି କହିଛନ୍ତି। ଏହି ପ୍ରସ୍ତାବିତ ନିବେଶ ଫଳରେ ୨୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ବୋଲି ପ୍ରକାଶ କରିବା ସହିତ ମୁକେଶ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ୩୫୦ଟି ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବା ନେଇ ପ୍ରତିବଦ୍ଧତା ଦୋହରାଇଛନ୍ତି। ଏପରିକି ରିଲାଏନ୍ସ ଜିଓ ସମ୍ପର୍କରେ ସୂଚନା ଦେଇ ମୁକେଶ କହିଛନ୍ତି, ରିଲାଏନ୍ସ ଜିଓର ୫ଜି ନେଟ୍‌ୱାର୍କ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପ୍ରାୟ ୯୦% ଜନସଂଖ୍ୟା ପାଖରେ ପହଞ୍ଚିସାରିଛି। ୫୦ଲକ୍ଷ ଲୋକ ବର୍ତ୍ତମାନ ଜିଓ ୫ଜି ନେଟ୍‌ୱର୍କ ସହ ଯୋଡ଼ିହୋଇଛନ୍ତି ଏବଂ ଏହି ବର୍ଷ ଉକ୍ତ ସଂଖ୍ୟା ଦ୍ୱିଗୁଣିତ ହେବ। ରିଲାଏନ୍ସ ରିଟେଲ୍ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ସେମାନଙ୍କଠାରୁ ସିଧାସଳଖ କ୍ରୟକୁ ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସାକରି ମୁକେଶ ଅମ୍ବାନୀ କହିଛନ୍ତି, ଆପଣଙ୍କ ପ୍ରୟାସ ଯୋଗୁ ଉତ୍ତର-ପୂର୍ବାଞ୍ଚଳ ଭାରତର ବିକାଶ ମାନଚିତ୍ରରେ ଦୃଢ଼ ଭାବେ ଉଭା ହୋଇଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେଶନର କାର୍ଯ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ରିଲାଏନ୍ସ ଫାଉଣ୍ଡେଶନ ମଣିପୁରରେ ୧୫୦ ଶଯ୍ୟା ବିଶିଷ୍ଟ ଏକ କର୍କଟ ହସ୍ପିଟାଲ ପ୍ରତିଷ୍ଠା କରିଛି। ଏହା ସହ ଫାଉଣ୍ଡେଶନ ଜିନୋମିକ୍ ତଥ୍ୟ ବ୍ୟବହାରକରି ସ୍ତନ କର୍କଟ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ମିଜୋରାମ ବିଶ୍ୱବିଦ୍ୟାଳୟ ସହିତ ସହଯୋଗ କରୁଛି। ଫାଉଣ୍ଡେଶନ ପକ୍ଷରୁ ଗୁଆହାଟୀଠାରେ ଏକ ଅତ୍ୟାଧୁନିକ ମଲିକୁଲାର ଡାଇଗ୍ନୋଷ୍ଟିକ ଏବଂ ଗବେଷଣା ଲାବ୍ ସ୍ଥାପନ କରାଯାଇଛି। ଏହା ଭାରତରେ ଅନ୍ୟତମ ସର୍ବବୃହତ୍ ଜିନୋମ୍ ସିକ୍ୱେନ୍ସିଂ କ୍ଷମତା ହେବ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ରିଲାଏନ୍ସ ଫାଉଣ୍ଡେଶନ ସମସ୍ତ ଆଠଟି ରାଜ୍ୟ ସହ ମିଶି ଅଲିମ୍ପିକ୍ ତାଲିମ କେନ୍ଦ୍ର ସ୍ଥାପନ କରିବ। ସେଠାରୁ ବାହାରୁଥିବା ଯୁବପିଢ଼ି ଅଲିମ୍ପିକ୍ସରେ ପଦକ ବିଜେତା ହୋଇପାରିବେ।

# ଆଜିଠାରୁ ୨ଦିନିଆ ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ

ଭୁବନେଶ୍ୱର,୨୩।୫

କ୍ରାଫ୍ଟ କାଉନସିଲ ଅଫ୍ ଓଡ଼ିଶାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ 'ମାଷ୍ଟର କ୍ରାଫ୍ଟର୍ସ' ପ୍ରଦର୍ଶନୀ ଶନିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ୨୦୨୫ ମେ ୨୪ ଓ ୨୫ ତାରିଖରେ ଭୁବନେଶ୍ୱର କ୍ଲବ୍‌ର ବାଙ୍କ୍ୱେଟ ହଲ୍‌ରେ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଆୟୋଜନ ହେବ। ସେହିଭଳି 'ମାଷ୍ଟର କ୍ରାଫ୍ଟର୍ସ'ରେ ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ କାରିଗରଙ୍କ ସମେତ ୨୦ ଜଣ ମାଷ୍ଟର କାରିଗର ସାମିଲ ହେବେ, ଯେଉଁମାନେ ଓଡ଼ିଶାର ହସ୍ତଶିଳ୍ପଗୁଡିକର ବିବିଧ ଶୃଙ୍ଖଳାକୁ ପ୍ରଦର୍ଶିତ କରିବେ। ବିଶେଷକରି ପଟ୍ଟଚିତ୍ର, ତାଳପତ୍ର ଖୋଦନ, ଟେରାକୋଟା, ପଥର ଓ କାଠ ଖୋଦିତ ବସ୍ତୁ, ଆପ୍ଲିକ୍, ଗୋଲ୍ଡେନ ଗ୍ରାସ୍, ସବାଇ ଘାସ, ରୁପା ତାରକସି, ସିସେଲ ଆର୍ଟ, ଡୋକ୍ରା କାଷ୍ଟିଙ୍ଗ୍, ଆଦିବାସୀ ପେଣ୍ଟିଂ ଓ ହାତବୁଣା ଇକ୍କତ ଆଦି କଳାକୃତିକୁ ପ୍ରଦର୍ଶନ ଓ ବିକ୍ରି କରାଯିବ। ଏହି କାର୍ଯ୍ୟକ୍ରମ କାରିଗରିର ଉତ୍କର୍ଷର ପ୍ରଚାରପ୍ରସାର କରିବା, ସବୁ ସମୟରେ ବଜାର ସୁଯୋଗ ପ୍ରଦାନ କରିବା ଏବଂ କାରିଗର ଓ କ୍ରେତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ କାରିଗରମାନଙ୍କୁ କେବଳ ଆର୍ଥିକ ରୂପେ ସହଯୋଗ କରିବ ନାହିଁ ବରଂ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପର ପ୍ରୋଫାଇଲକୁ ଉନ୍ନତ କରିବ।


**PARADIP PORT AUTHORITY**
**HARBOUR WORKS DIVISION No.I,**
**e-TENDER CALL NOTICE**
e-TCN No.CE/HWDI/ACCTS-19/24/161, dtd.21.05.2025

Name of the work: "Improvement to the existing backup space of NQ-II Berth inside Harbour area". Put to tender value: Rs.4,11,79,577.17 plus GST as applicable. Last date & time of submission of tender through online bidding is 12.06.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.

Sd/- Executive Engineer,
Horbour Works Division No.I,
Paradip Port Authority
PPA/PR/12/2025-2026 dtd.22.05.2025



**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୫ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପି-ୱେଷ୍ଟ-୧୬-୨୦୨୫,** ଖଡ଼ଗପୁର-ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ ଅଧୀନରେ ଘାଟଶିଳା, ଗାଲୁଡିହ, ଗିଧନୀ ଏବଂ ଝାରଗ୍ରାମଠାରେ ୟାର୍ଡର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୩୯,୩୦,୩୭୩.୪୨ । **ଅମାନତ ରାଶି:** ₹୨,୬୯,୭୦୦/-। **(୨) ଇ-କେଜିପି-ୱେଷ୍ଟ-୧୭-୨୦୨୫,** ଖଡ଼ଗପୁର: ଏଡିଇଏନ୍/ପଶ୍ଚିମ/କେଜିପିଙ୍କ ଅଧୀନରେ ଓଭରରନ୍ ଲାଇନ୍, ଡେଡ୍ ଏଣ୍ଡ ଏବଂ ସ୍ୟାଣ୍ଡ ହମ୍ପର ଉନ୍ନତୀକରଣ ଓ ମାନକୀକରଣ । **ଟେଣ୍ଡର ମୂଲ୍ୟ:** ₹୧,୩୭,୦୨,୪୨୪.୧୩ । **ଅମାନତ ରାଶି:** ₹୨,୧୮,୫୦୦/-। **(୩) ଇ-କେଜିପି-ୱେଷ୍ଟ-୧୮-୨୦୨୫,** ଖଡ଼ଗପୁର-ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଓଭରରନ୍ ଲାଇନ୍, ଡେଡ୍ ଏଣ୍ଡ ଏବଂ ସ୍ୟାଣ୍ଡ ହମ୍ପର ଉନ୍ନତୀକରଣ ଓ ମାନକୀକରଣ । **ଟେଣ୍ଡର ମୂଲ୍ୟ:** ₹୧,୦୫,୯୭,୫୪୨.୫୫ । **ଅମାନତ ରାଶି:** ₹୨,୦୩,୦୦୦/-।**(୪) ଇ-କେଜିପି-ୱେଷ୍ଟ-୧୯-୨୦୨୫,** ଡିଇଏନ୍/ପଶ୍ଚିମ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଟାଟାନଗର ସେକ୍ସନରେ ସେସ୍‌ର ପ୍ରଶସ୍ତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୪୪,୬୮,୮୪୭.୭୬ । **ଅମାନତ ରାଶି:** ₹୨,୭୨,୪୦୦/-। **(୫) ଇ-କେଜିପି-ଇଷ୍ଟ-୪୧-୨୦୨୫,** ମେଚେଦ୍ୱା ଓ ପାଂସକୁରା ଷ୍ଟେସନରେ ମର୍ଚ୍ଚାଣ୍ଟ ରୁମ୍, ଲେବର୍ ରୁମ୍ ଏବଂ ଅନ୍ୟାନ୍ୟ ସୁବିଧା ସହିତ ନୂଆ ପାର୍ସଲ ଅଫିସର ନିର୍ମାଣ । **ଟେଣ୍ଡର ମୂଲ୍ୟ:** ₹୫,୦୮,୧୫,୫୦୫.୩୮ । **ଅମାନତ ରାଶି:** ₹୪,୦୪,୧୦୦/-। **(୬) ଇ-କେଜିପି-ଇଷ୍ଟ-୪୨-୨୦୨୫,** ଡିଇଏନ୍/ପୂର୍ବ/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଚ୍‌ଏ-୨୨ ଏବଂ ଏଚ୍‌ଏ-୨୭ ନାମକ ୨ ଗୋଟି ଏଲସି ଫାଟକର ଇଣ୍ଟରଲକିଂ ସଂକ୍ରାନ୍ତରେ ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୪୧,୨୬,୭୩୨.୯୨ । **ଅମାନତ ରାଶି:** ₹୮୨,୫୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୧୦।୦୬।୨୦୨୫ରିଖ ଏବଂ କ୍ର.ସଂ. ୨ ରୁ ୬ ପାଇଁ ତା୧୨।୦୬।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୨୪ ମାସ, କ୍ର.ସଂ. ୨, ୩, ୪ ଓ ୫ ପାଇଁ ୧୨ ମାସ ଏବଂ କ୍ର.ସଂ. ୬ ପାଇଁ ୬ ମାସ । **ବିଡ଼ିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୨୭।୦୫।୨୦୨୫ରିଖରୁ ତା୧୦।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୨ରୁ ୬ ପାଇଁ ତା୨୯।୦୫।୨୦୨୫ରିଖରୁ ତା୧୨।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ "www.ireps.gov.in" ପରିଦର୍ଶନ କରିପାରନ୍ତି । (PR-195)



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-25: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୨୬।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୩।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0125/2526



**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
**g-mail I.D. – eemid041@gmail.com**

पत्रांकः– 198 मेदिनीनगर, दिनांक– 21/05/2025

**शुद्धि पत्र**

इस कार्यालय के द्वारा आमंत्रित ई0– निविदा सूचना सं0:– WRD/MID/MEDININAGAR/B.D./S.L.I.-03/2025-26 PR No:- 352958 Minor Irrigation (25-26)#D Construction of Chhatarpur Solar Lift Irrigation Scheme में निर्गत सूचना में निम्न रूप से आंशिक संशोधन किया जाता है।

उक्त ई0– निविदा सूचना में निर्गत **10 HP Pumps (DC Surface water Pumps)** के स्थान पर **10 HP Pumps (AC Surface Water Pumps)** पढ़ा जाय।

PR 353350 Minor Irrigation(25-26)#D

कार्यपालक अभियंता,
लघु सिंचाई प्रमण्डल, मेदिनीनगर



**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, BALRAMPUR, DIST.: BALRAMPUR, RAMANUJGANJ (C.G.)**
**e-Procurement Tender Notice**
eProcurement Portal: **https://eproc.cgstate.gov.in**
**(FIRST CALL)**

**NIT No. 01/SAC/2025-26** **Dated: 21.05.2025**

Online tenders are invited for the following works upto 12.06.2025 (17.30 hours IST).

| S. No. | System Tender No. | Name of Work | Probable Amount of Contract |
|---|---|---|---|
| 1 | 168757 | Construction of Head and Canal Work of Banki Nadi Diversion Scheme | Rs.1407.37 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from date 28.05.2025 at 17.30 hours (IST) onwards.

Note: All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division, Balrampur,**
**Balrampur-Ramanujganj (C.G.)**
**For, Chief Engineer**
**Hasdeo Ganga Basin, W.R. Deptt.**
**Ambikapur, Sarguja (C.G.)**
G-252601073/6



**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
**In front of B.S. High School, At/Po/Dist- Sundargarh, Pin- 770001**
**Email- dpcsndgssa.opepa@nic.in** **Phone no.-06622-273718**

**TENDER CALL NOTICE FOR PRINTING AND SUPPLY OF MULTI-LINGUAL EDUCATION TEXT BOOKS**
**No. 1581/XVIII/TRB/Date : 23.05.2025**

Sealed tenders are invited in prescribed format from the intending registered Offset Printers/Firms having valid PAN, GST registration certificate & experience in printing of text books for printing & supply of Tribal Language Text Books for Samagra Shiksha, Sundargarh for the session 2025-26, on payment of Rs.5000/- (Rupees five thousand) only as tender application cost. The tender paper/ bid document containing details specification with terms and conditions in two-part bidding system (application of technical bid in Part-A & application of finance bid in Part-B) which can be downloaded in website https://sundargarh.odisha.gov.in/. The tender document should reach to the office of the undersigned through registered post or speed post only on or before **Dt.09.06.2025** by 5 P.M. and the same will be opened on **Dt.10.06.2025** at 10.00 A.M. in presence of all bidders or their authorized representatives.

**By the order of Collector-cum-Chairman**
**Sd./- DEO-cum-DPC, SS**
**Sundargarh**



**JAMSHEDPUR NOTIFIED AREA COMMITTEE**
**New Kalimati Road, Sakchi-831001**
**E- mail ID-jnacjsr@gmail.com**

**Very Short E- Procurement Notice**
**Tender Notice**
**NIT No- JNAC/04/2025-26** **Date-23.05.2025**

| | | |
|---|---|---|
| 1. | Name of the work | Waste Water Management System Drains- Nimbhatta, Baridih Basti and Bihari Basti Under Jamshedpur Notified Area Committee Jamshedpur. (2nd Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 7,32,09,964.00 |
| 3. | Cost of Bid Document (INR) | INR 25,000/- (Twenty thousand Only) Non-Refundable. |
| 4. | Bid Security (INR) | Bid Security: Rs 7,32,100.00 |
| 5. | Time of Completion | 1Year |
No. S-04: The Commissionerate of CT & GST, Odisha, Cuttack invites sealed bids for the purchase of one (01) No. of **Poly Studio E70** Video conferencing equipment. The last date for submission of bids is **11.06.2025 by 4.00 P.M.**

Interested bidders may download the detailed tender documents from the Commercial Tax website: **https://odishatax.gov.in/**

**Sd./- Special Commissioner of CT & GST (Revenue)**
**Commissionerate of CT & GST, Odisha**
**OIPR-05034/11/0004/2526**



**GOVERNMENT OF ODISHA** **No. O-184:**
**RURAL WATER SUPPLY & SANITATION ORGANISATION**
**OFFICE OF THE SUPERINTENDING ENGINEER**
**RWS&S DIVISION, ANGUL, AT: TALCHER**
**At: Baghuabole, P.O.: Hatatota, Talcher, Dist.: Angul, PIN - 759100**
**(Ph. No./Fax: 06760-240762, E-mail: eerwssang@gmail.com)**
**INVITATIONS FOR BIDS (IFB) [e-Procurement]**
**Bid Identification No. 03/SE/RWSS/2025-26 Dt.20.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum in SINGLE cover system in ONLINE MODE from eligible contractors for construction of office building and Residential building of Division office in Angul District.

| | | |
|---|---|---|
| 2. Name of the work | : | Building Work |
| 3. No. of Work | : | 02 (Two) Nos. |
| 4. Value of the Work | : | Rs.20.32 lakhs to 20.65 lakhs |
| 5. Concerned tender inviting authority | : | Superintending Engineer, RWS&S Division, Angul |
| 6. Security Amount (Rs.) (Online) | : | NIL |
| 7. Cost of bid document (Rs.) (Online) | : | Rs.6,000/- |
| 8. Class of Bidder | : | "C" & "B" Class |
| 9. Period of Completion | : | 90 days |
| 10. Availability of bid documents in the website in the portal | : | From date: 29.05.2025 at 11.00 A.M. to date: 10.06.2025 till 5.30 P.M. |
| 11. Last date & time of seeking tender clarification | : | Upto 06.06.2025 till 5.30 P.M. |
| 12. Date of Opening of Bid | : | On date 11.06.2025 at 12.00 Noon |

The bidders have to participate in the tender through ONLINE bidding only. Further details can be had from the website i.e. **http://tendersorissa.gov.in**.
Subsequent corrigendum/addendum if required shall only be appeared in the above website.

**Sd./- Superintending Engineer**
**RWS&S Division, Angul at: Talcher**
**OIPR-25195/11/0006/2526**



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ କୋଠାବାଡ଼ି) ବିଭାଜନ, କଣ୍ଟାବାଞ୍ଜି
**OFFICE OF THE SUPERINTENDING ENGINEER, (R&B) DIVISION, KANTABANJI**
**Email: eerbkbj@rediffmail.com**
**Bid Identification No. 05/KBJ/2025-26**

No. B-150: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites **Percentage rate Bid in Single Cover** system in ONLINE MODE for the E.I. work detailed in the table below from the contractor registered the State Government ELBO for execution of **Electrical Work**. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. No. of Work | : | 01 No. (Single Cover) |
| 2. Nature of Work | : | E.I. Work |
| 3. Class of Contractor | : | HT |
| 4. Approximate value of work | : | Rs.16.67 lakh |
| 5. Tender Cost | : | Rs.6,000/- |
| 6. Date and time of availability of bid documents in online | : | From 08.00 A.M. of Dt.23.05.2025 upto 05.00 P.M. of Dt.29.05.2025 |
| 7. Date of opening of Bid in online | : | Dt.30.05.2025 at 11.30 A.M. |

8. Other details can be seen in the bidding documents from the e-procurement portal **"www.tendersodisha.gov.in".**
9. The bidders have to participate in ONLINE bidding only. Further details can be seen from the website **"www.tendersodisha.gov.in"**. All future corrigendum will be available on ONLINE MODE only.

**Sd./- Superintending Engineer**
**Kantabanji (R&B) Division**
**OIPR-34099/11/0019/2526**



See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧.୫୦ କୋଟିର ସାଇବର ଠକେଇ: ମଧ୍ୟପ୍ରଦେଶରୁ ୨ ଗିରଫ

**କଟକ,୨୩।୫(କାର୍ତ୍ତିକ ସାହୁ)**

ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍ ୧.୫୦ କୋଟି ଟଙ୍କା ସାଇବର ଠକେଇ ମାମଲାରେ ୨ ଜଣଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ତୟବ ଖାନ୍ (୨୩) ଏବଂ ଫିରୋଜ ଖାନ (୩୬)। ତଦନ୍ତକାରୀ ଟିମ୍ ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍‌କାର୍ଡ, ଆଧାର କାର୍ଡ, ପାନ୍‌କାର୍ଡ ସମେତ ବିଭିନ୍ନ ଆପରାଧିକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ପୂର୍ବରୁ ଅଭିଯୁକ୍ତମାନଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଶୁକ୍ରବାର ସୂଚନା ଦେଇଛନ୍ତି। ୨୦୨୫ ଜାନୁଆରୀ ୧ରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଠକେଇର ଶିକାର ହୋଇଥିବା ନେଇ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଲାଭ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଫଳରେ ଅଭିଯୋଗକାରୀ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କର କ୍ଷତି ହେଇଥିଲା। ମାତ୍ର ସାଇବର ଠକମାନେ ତାଙ୍କୁ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଇଥିଲେ। ଅଭିଯୁକ୍ତ ୨ଜଣ ନିଜକୁ ଟ୍ରେଡ୍ ଆନାଲିଷ୍ଟ ଭାବେ ଉପସ୍ଥାପନ କରିଥିଲେ। ଅଭିଯୋଗକାରୀ ନିବେଶ କରିଥିବା ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହେଉଥିଲେ। ଫଳରେ ସେ ସାଇବର ଠକଙ୍କ ଫାଶରେ ପଡ଼ିଯାଇଥିବା ଜାଣି କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୋଇଥିଲେ।

# ସ୍କେଚ୍‌ରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ ବାପି ପାଣି

## ସୋର ସଶସ୍ତ୍ର ଡକାୟତି ଘଟଣା

**ସୋର,୨୩।୫(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ସଶସ୍ତ୍ର ଡକାୟତି ଘଟଣାରେ ୨୪ ଘଣ୍ଟା ମଧ୍ୟରେ ମିଳିଛି ପୋଲିସକୁ ସଫଳତା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାପି ପାଣିଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଦୁଇଟି ପିସ୍ତଲ, ୨୦ଟି ଗୁଳି ଓ ଲକ୍ଷାଧିକ ଟଙ୍କାର ସୁନା, ରୁପାଗହଣା, ବୁଲେଟ, ହନୁମାନ ପଇସା ସମେତ କିଛି ପୁରୁଣା କଏନ ଜବତ ହୋଇଛି। ସ୍କେଚ୍‌କୁ ଆଧାର କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଶୁକ୍ରବାର ସୋର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

ବୁଧବାର ବିଳମ୍ବିତ ରାତିରେ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ ୮ ଜଣ ଦୁର୍ବୃତ୍ତ ପଶି ଘର ଲୋକଙ୍କୁ ଆକ୍ରମଣ କରିବା ସହ ହାତ ଗୋଡ଼ ବାନ୍ଧି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ୫୦ ହଜାର ଟଙ୍କା ଲୁଟିନେଇଥିଲେ। ପରେ ପଡ଼ୋଶୀ ପହଞ୍ଚିଯିବାରୁ ଡକାୟତମାନେ ଗୁଳି ଫୁଟାଇ ୨ଜଣଙ୍କୁ ଆହତ କରି ଫେରାର ହୋଇଯାଇଥିଲେ।



ଜବତ ଗୁଳି, ବନ୍ଧୁକ, ବୁଲେଟ।

ରବୀନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଅଭିଯୋଗ ଅନୁଯାୟୀ ସୋର ପୋଲିସ ଏକ ମାମଲା(ନଂ. ୪୦୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ପହଞ୍ଚି ଛାନଭିନ କରିଥିଲେ। ତାଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ, ସୋର ଆଇଆଇସି ସୁଦୀପ୍ତ ସାହୁ ଓ ସୋର ଥାନାର କେତେଜଣ ପୋଲିସ ଅଧିକାରୀଙ୍କୁ ନେଇ ଟିମ୍ ଗଠନ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପରିବାର ଲୋକଙ୍କ ସହଯୋଗରେ ଅଭିଯୁକ୍ତମାନଙ୍କ ସ୍କେଚ୍ ତିଆରି କରାଯାଇଥିଲା। ପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଗୁଡ଼ି ଅଞ୍ଚଳରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ବାସୁଦେବପୁର ଥାନା ଆଲାବାଗ ଗ୍ରାମର ବାପି ପାଣି (୩୪)ଙ୍କୁ ଶୁକ୍ରବାର ଭୋର ସମୟରେ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଖଇରା, ସୋର, ସିମୁଳିଆ, ବାସୁଦେବପୁର, ଚାନ୍ଦବାଲି, ତାଳଚେର ସଦର ସମେତ ବିଭିନ୍ନ ଥାନାରେ ୧୯ରୁ ଅଧିକ ମାମଲା ଥିବା ଜଣାପଡିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ୨ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଏସ୍‌ପି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

**ବିଦେଶରେ ଚାକିରି କରାଇ ଦେବା ନାଁରେ ଠକେଇ**

# ୭ ବର୍ଷ ପରେ ଅଭିଯୁକ୍ତ ଗିରଫ

## ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେଇ ଠକୁଥିଲେ

**କଟକ,୨୩।୫ (କାର୍ତ୍ତିକ ସାହୁ)**

ବିଦେଶରେ ଉଚ୍ଚ ଦରମାର ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରୁ ବହୁ କୋଟି ଟଙ୍କା ଠକି ନେଇଥିବା ଜଣେ ଅଭିଯୁକ୍ତଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ବିଷ୍ଣୁ ପ୍ରସାଦ ପଟ୍ଟନାୟକ। ବିଷ୍ଣୁ ବିଭିନ୍ନ ସମୟରେ ନିଜକୁ ଡାକ୍ତର, ପ୍ରଫେସର, ଇଞ୍ଜିନିୟର ପରିଚୟ ଦେଇ ଲୋକଙ୍କୁ ଠକୁଥିଲେ। ସେ ୨୦୧୮ରୁ ଲୋକଙ୍କ ନିକଟରୁ ଟଙ୍କା ଠକିନେଇ ଫେରାର ଥିଲେ। ୭ ବର୍ଷ ପରେ ତାଙ୍କୁ ରାୟଗଡ଼ାରୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର କହିଛନ୍ତି।

ଡିଜିପି ମିଶ୍ର ସୂଚନା ଦେଇଛନ୍ତି ଯେ, ବିଷ୍ଣୁ ରାୟଗଡ଼ା ଜିଲା ଗୁଣୁପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିଦେଶରେ ଉଚ୍ଚ ଦରମାରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଠକି ନେଇଥିଲେ। ବ୍ରିଟିଶ ଏୟାରୱେଜ ଏବଂ ଲୁଫଥାନ୍ସା ଏୟାରୱେଜ ଭଳି କମ୍ପାନୀରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୯୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏଥିନିମନ୍ତେ ସେ ତାଙ୍କୁ ନିଯୁକ୍ତି ପତ୍ର ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ନିଯୁକ୍ତିପତ୍ର ସମ୍ପୂର୍ଣ୍ଣ ଜାଲ ବୋଲି ବ୍ୟକ୍ତି ଜଣକ ଜାଣିବା ପରେ ଗୁଣୁପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ଅନ୍ୟ ଏକ ମାମଲାରେ ବିଷ୍ଣୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ପୁଅଙ୍କୁ ବିଦେଶରେ ଏକ ଲାଭଜନକ ଚାକିରି ଯୋଗାଇ ଦେବା ବାହାନାରେ ୧୫ ଲକ୍ଷ ଟଙ୍କା ଠକି ନେଇଥିଲେ। ଉଭୟ ମାମଲା ଗୁଣୁପୁର ଥାନାରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ୨ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ବିଷ୍ଣୁ ନିଜର ଠିକଣା ପ୍ରମାଣ, ଡ୍ରାଇଭିଂ ଲାଇସେନ୍ସର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିଲେ। ଏତଦବ୍ୟତୀତ ଅଭିଯୁକ୍ତ ଏଚ୍ଆର ମାକ୍ସନ୍ସ ଏବଂ ଲୁଫଥାନ୍ସା ଟେକ୍‌ନିକ ଭଳି ଅନ୍ତର୍ଜାତୀୟ ପରାମର୍ଶଦାତା କମ୍ପାନୀ ନାମରେ ନକଲି ପ୍ରସ୍ତାବ ଏବଂ ନିଯୁକ୍ତିପତ୍ର ପ୍ରସ୍ତୁତ କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ତଦନ୍ତ ଚାଲିଥିବା ସମୟରେ ଗିରଫଦାରିରୁ ରକ୍ଷା ପାଇବା ପାଇଁ ବିଷ୍ଣୁ କାମ୍ବୋଡ଼ିଆ ପଳାଇ ଯାଇଥିଲେ ଏବଂ ନିଜର ପରିଚୟ ଲୁଚାଇବା ପାଇଁ ଦ୍ୱିତୀୟ ପାସପୋର୍ଟ ମଧ୍ୟ ତିଆରି କରିଥିଲେ। ବିଷ୍ଣୁଙ୍କ ବିରୋଧରେ ୨୦୧୯ରେ ପୋଲିସ ପକ୍ଷରୁ ଲୁକ୍ ଆଉଟ ସର୍କୁଲାର ମଧ୍ୟ ଜାରି କରାଯାଇଥିଲା। ବିଷ୍ଣୁ ବିଶାଖାପାଟଣା, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ଦେଶର ଅନ୍ୟ ସ୍ଥାନରେ ଚାକିରି ଯୋଗାଇବା ବାହାନାରେ ଲୋକଙ୍କୁ ଟଙ୍କା ଠକେଇ କରିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି। ତାଙ୍କୁ ଗୁଣୁପୁରର ଏସ୍‌ଡିଜେଏମ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିବା ବେଳେ ଅଧିକ ତଦନ୍ତ ନିମନ୍ତେ ରିମାଣ୍ଡରେ ଅଣାଯିବ ବୋଲି ଡିଜିପି ମିଶ୍ର ସୂଚନା ଦେଇଛନ୍ତି। ଡିଆଇଜି କ୍ରାଇମବ୍ରାଞ୍ଚ ବି. ଗଙ୍ଗାଧର ମଧ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଗିରଫ ଅଭିଯୁକ୍ତ।

# Classified Everyday

**0674-2580101, 9692975378**


**REAL ESTATE SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265


**FOR RENT**

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303


**Healthcare**

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

## AFFIDAVIT

By virtue of an affidavit sworn before the Notary Public Dharmasala on dated 23.05.2025, I, Sanjay Kumar Sahoo, Vill- Kumari, P.O.- Jaraka, P.S. Dharmasala, Dist.- Jajpur, Odisha, PIN- 755050 declare that I have changed my Old name Sanjaya Kumar Sahoo to New name Sanjay Kumar Sahoo. Henceforth, I shall be known as Sanjay Kumar Sahoo for all purposes.
Sanjay Kumar Sahoo D-674

I, NALLA RANJIT KUMAR, S/o- DAYANIDHI NALLA, R/o- 4th LANE, RANIGUDA FARM, VTC: Rayagada, P.O.- Rayagada(k), Sub District.-Kalyanasingpur, District.- Rayagada, State- Odisha, PIN Code- 765001 have changed the name of my minor son Amita Nalla, aged 16years he shall here after be known as AMIT KUMAR NALLA. D-680

By virtue of affidavit sworn before Executive Magistrate, Hemgir, Sundargarh 21.05.25, I, Hiramati Kuanr, W/o- Sapneswar Kuanr, Vill- Bhograkachhar, P.S.- Hemgir, Dist.- Sundargarh, I have changed my daughter's name from Fulmati Kuanr to Rambha Kuanr as according her School Certificate. Henceforth, she shall be known as Rambha Kuanr for all purpose.
Hiramati Kuanr D-686

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before affidavit No.769, Executive Magistrate, Chhendipada, dated 23.05.2025, I, Barsa Rout, Address: D/o- Arkhita Rout, At- Chhendipada Jungle, P.O./P.S.- Chhendipada, Dist.- Angul, PIN-759124 declare that I have changed my name from Barsa Mahakul to Barsa Rout. Henceforth, I shall be known as Barsa Rout for all purposes. D-681

I, Mukta Ho, W/o- Brunda Mahakud, At- Majhigaon, P.O.- Ghatkuanri, P.S.- Bangriposi, Dist.- Mayurbhanj have changed name to Mukta Mahakud by virtue of affidavit dt 09.05.2025 sworn before Executive Magistrate, Baripada, Mayurbhanj. D-678

By virtue of an affidavit sworn before the Executive Magistrate, DARPAN, dated 21.05.2025, I, Annapurnna Bewa, Address: Vill- Nanapur, P.O.- Balichandrapur, P.S.- Balichandrapur, Dist.- Jajpur, Odisha-754205 declare that I have changed my name from Anarpuran Baua to Annapurnna Bewa. Henceforth, I shall be known as Annapurnna Bewa for all purposes. D-679

By virtue of an affidavit sworn before the Notary Public, Dharmasala, dated 23.05.2025, I, Nakhia Malik, Address: At-Barajpur, P.O.-Barabati, P.S.- Dharmasala, Dist.- Jajpur, Odisha-755008 declare that I have changed my daughter's name from Karisima Malik to Karisma Malik. Henceforth, she shall be known as Karisma Malik for all purposes. D-676

By virtue of an affidavit sworn before the Notary Public, Dharmasala, dated 23.05.2025, I, Sangram Mallik, Address: At/P.O.- Kotapur, P.S.- Dharmasala, Dist.- Jajpur, Odisha-755008 declare that I have changed my daughter's name from Hansida Mallik to Hansita Mallik. Henceforth, she shall be known as Hansita Mallik for all purposes. D-677

By virtue of an affidavit sworn before the Executive Magistrate, Dharmasala, dated 19.5.2025, I, Runu Jena, Wife of Brundaban Malik, At-Baunsanta, Antia, Jenapur, Jajpur, Odisha-755023 declare that I have changed my name Rinu Malik to Runu Jena. Henceforth, she shall be known as Runu Jena for all future purposes. D-675

I, Smt. SHAVUKARU BHAVANI, W/o- Sri B.Santosh Kumar, residing at Main Road, Semiliguda, Dist.- Koraput, PIN-764036, Odisha have changed my name to "Smt. BANGARAM BANDI BHAVANI" as per affidavit No.- 764 on dated 10.5.25 for all future purposes. D-683

I, KM RASHMI CHATURVEDI, W/o- Ashutosh Kumar Dubey, Resident At Flat No.-203, Param Arvind Enclave, SRIT Colony, Budharaja, Sambalpur, Odisha-768004 declare by this affidavit No.- 2738, date 17.05.2025 that I have changed my name from KM RASHMI CHATURVEDI to RASHMI DUBEY. Now onwards, I shall be known as RASHMI DUBEY as for all Future Purpose. D-685

Before Executive Magistrate, Khalikote, affidavit No.- A-1545/23.05.25, I, Sibaram Palai, S/o- Harihar Palai, Vill- Salabana, P.O.- Sankuda, P.S.- Begunia Pada, Ganjam, State that my daughter's named Jasmin Polei (Old name) Minor changed her name from Jasmin Polei to Jasmin Palai. Henceforth, she shall be known as Jasmin Palai in all future purposes. D-684

By virtue of an affidavit sworn before Executive Magistrate Chandabali, dated 05.04.2025, I, Ananda Samal(42 yrs), S/o- Gajendra Samal, Vill/P.O.-Karanapokhari, P.S.- Bansada, Dist.- Bhadrak, declare that I have changed my daughter's name from Lispa Rani Samal to Lipsha Rani Samal for all purposes. D-687

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ବିଶେଷଜ୍ଞ**
**ଅର୍ଶ ଭଗନ୍ଦର ମଲକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ଓଁ ବିଦ୍ୟୁତ୍‌ଲତା ପାଢ଼ୀ**
କାକଟପୁର (ସେବକସାହି), ପୁରୀ
ଆବିର୍ଭାବ: ୨୧।୧୦।୧୯୬୯
ତିରୋଧାନ: ୧୭।୦୫।୨୦୨୫
ମହୀୟସୀ ମହିଳା
ଆପଣଙ୍କ ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ ଓ ପୁତ୍ରଙ୍କ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଧ-୭୬୪୬୦

**ପ୍ରଥମ ବାର୍ଷିକ ଶ୍ରାଦ୍ଧ**


**ସ୍ୱର୍ଗତ ଦେବେନ୍ଦ୍ର କୁମାର ନନ୍ଦ**
(Advocate)
ରେଡକ୍ରସ ରୋଡ୍, ବଡ଼ଶଙ୍ଖ, ପୁରୀ
ଆବିର୍ଭାବ: ୧୧।୧୧।୧୯୬୦
ତିରୋଧାନ: ୦୩।୦୬।୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ଦୀପୁ, ପୁତ୍ର- ଟୁଟୁ, ଟିମିଲି, ମିମି ଏବଂ ପରିବାରବର୍ଗ।
ଧ-୬୭୪

**ଶ୍ରଦ୍ଧାଞ୍ଜଳି**


**ଓଁ ଦୁର୍ଗା ଚରଣ ନାୟକ**
ତିରୋଧାନ- ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ
୧୫।୦୫।୨୦୦୪
DCN,
You had possessed-
A Voice of Justice,
A heart with compassion,
A brain with immense knowledge and intelligence.
Kuni
ଧ-୬୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**


**ଓଁ ଶ୍ରୀମତୀ ସୂନିଳା ମହାନ୍ତି**
ଆବିର୍ଭାବ: ୧୮।୦୬।୧୯୪୮
ତିରୋଧାନ: ୧୪।୦୫।୨୦୨୫
ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ, ଦ୍ୱିତୀୟା ତିଥି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮

# ମୋ' ଲେଖାର ଚରିତ୍ର ସ୍ୱପ୍ନର ଝୁଲଣାରେ ଝୁଲେ କ୍ୱଚିତ୍

– ଝରଣା ପଟ୍ଟନାୟକ



ଝରଣା ପଟ୍ଟନାୟକ, ଅବସରପ୍ରାପ୍ତ ଇଂଲିଶ୍ ପ୍ରାଧାପିକା, ସାଂପ୍ରତିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ସୁପରିଚିତ ନାମ। ସେ ଏକାଧାରରେ କବୟିତ୍ରୀ ଓ କଥାଶିଳ୍ପୀ। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କର ଅବଦାନ ନଅଟି ଗଳ୍ପ ସଂକଳନ, ଚାରୋଟି ଉପନ୍ୟାସ ଓ ଗୋଟିଏ କବିତା ପୁସ୍ତକ। ତାଙ୍କ ସହ ସୃଜନ-ଆଳାପରେ ଏଥର ଦ୍ୱିଭାଷୀ ଲେଖିକା ସୁକାନ୍ତି ମହାପାତ୍ର।

ସୃଜନ–ଆଳାପ

ପ୍ର: ଜଣେ ସମାଜସେବୀ ଓ ସଂଗଠିକା ଭାବେ ଆପଣଙ୍କର ଅଗ୍ର ପରିଚିତି। ସାହିତ୍ୟ ଜଗତକୁ ଆପଣଙ୍କର ପ୍ରବେଶ କେବେ ଓ କିପରି ?

ଉ: ଜଣେ ସଂଗଠିକା ଓ ସମାଜସେବୀ ଭାବେ ମୁଁ ଜଣାଶୁଣା। ବହୁ ସାମାଜିକ ଅନୁଷ୍ଠାନ ସହିତ ମୋର ସମ୍ପୃକ୍ତି। ମାତ୍ର ଏ ପରିଚୟ ମୋତେ କେବେ ବି ଆହ୍ଲାଦିତ କରେ ନାହିଁ। ଭାଷା ପ୍ରତି ମୋର ଦୁର୍ବଳତା ମୋତେ ଶବ୍ଦକୁ ନେଇ ମୀନାର ଗଢ଼ିବା ପାଇଁ ପ୍ରେରଣା ଦେଇଛି। ମୋତେ ଅନୁପ୍ରାଣିତ କରିଛି ଗଳ୍ପ, କବିତା, ଉପନ୍ୟାସ ମାଧ୍ୟମରେ ସାଧାରଣ ଲୋକର ସ୍ଥିତି ପରଖି ତାକୁ ଲୋକଲୋଚନକୁ ଆଣିବା ପାଇଁ। ମୁଁ କିନ୍ତୁ ପ୍ରଥମେ ଲେଖିଥିଲି କବିତା। ପଢୁଥିଲି ସପ୍ତମ ଶ୍ରେଣୀରେ। ପ୍ରଜାତନ୍ତ୍ର ମୀନାବଜାର ପୃଷ୍ଠାରେ ମୋର 'ବସନ୍ତ' ଶୀର୍ଷକ କବିତା ପ୍ରକାଶ ପାଇଥିଲା।

ପ୍ର: ଆପଣ ଜଣେ ଗାଳ୍ପିକା ତଥା ଔପନ୍ୟାସିକା ମଧ୍ୟ। ଆପଣଙ୍କ କାହାଣୀର ବଳିଷ୍ଠ ଉପାଦାନ କ'ଣ ?

ଉ: ଅଳ୍ପ ବୟସରୁ ଗଳ୍ପ ଲେଖିବାକୁ ମୁଁ ପ୍ରେରଣା ପାଇଛି ମୋର ପରିବେଶରୁ। ମୋ' ଆଖପାଖ ଚାରିପାଖର ମଣିଷମାନଙ୍କୁ ଖୁବ୍ ପାଖରୁ ଦେଖିଛି। ସେମାନଙ୍କ ଦୈନ୍ୟର ବିକଳ ରୂପ ମୋତେ ମର୍ମାହତ କରିଛି। ମୋ' ଲେଖାରେ ଚରିତ୍ରଟିଏ ସ୍ୱପ୍ନର ଝୁଲଣାରେ ଝୁଲିବା କ୍ୱଚିତ୍ ଦେଖାଯାଏ। ଶୈଶବର ଚପଳାମି, କୈଶୋରର ଦୁଷ୍ଟାମି ଓ ଯୌବନର ଉଷ୍ମ ଉନ୍ମାଦନାରେ ଜଡ଼ିହୋଇ ବି ମୋର ଚରିତ୍ରମାନେ ବାଟବଣା ହୁଅନ୍ତି କ୍ୱଚିତ୍।

ପ୍ର: ଆପଣଙ୍କ ଜୀବନ-ଅନୁଭୂତି କିପରି ଆପଣଙ୍କ ସାହିତ୍ୟକୁ ପରିପୁଷ୍ଟ କରିଛି ?

ଉ: ମୋର ଅନୁଭବ ଗଭୀରରୁ ଗଭୀରତର ହୁଏ, ଯେତେବେଳେ ମୁଁ ପାଖର ମଣିଷମାନଙ୍କ ଅସହାୟତାକୁ ସାମ୍ନାକରେ। ମୋ' କଲମ ଛାତ୍ରାବସ୍ଥାରୁ ଏଯାଏଁ ଆଙ୍କିଚାଲିଛି ସେଇମାନଙ୍କ ଜୀବନର ଗହନ ଚିତ୍ର।

ପ୍ର: ଆପଣ ଇଂଲିଶ୍ ସାହିତ୍ୟର ଛାତ୍ରୀ ଓ ଅଧ୍ୟାପିକା। ଇଂଲିଶ୍ ସାହିତ୍ୟର ଅଧ୍ୟୟନ ଆପଣଙ୍କ ସୃଷ୍ଟି ସମୂହକୁ ପ୍ରଭାବିତ କରିଛି କି ?

ଉ: ଇଂଲିଶ୍ ସାହିତ୍ୟର ଛାତ୍ର ଭାବରେ ମୁଁ ଗର୍ବ ଅନୁଭବ କରେ। ସ୍କୁଲ ଓ କଲେଜ କ୍ଲାସ୍‌ରୁମ୍‌ରେ ଇଂଲିଶ୍ ସାହିତ୍ୟର ପଠନ ଓ ପରବର୍ତ୍ତୀ ସମୟରେ ଅଧ୍ୟାପନା ବେଶ୍ ପ୍ରଶସ୍ତ ସ୍ଥାନ ମାଡ଼ିବସିଛି ମୋର ଗଳ୍ପ ଉପନ୍ୟାସରେ। ପ୍ରଥମେ ପଢ଼ିଲି ସେକ୍ସପିଅର, ମିଲ୍‌ଟନ, ଚେକଭ୍, ଦସ୍ତୋଭସ୍କି, ଗର୍କୀ, ୱାଲ୍ଟ ହୁଇଟ୍‌ମ୍ୟାନ, ଟି.ଏସ୍. ଇଲିଅଟ, ଇବସନ୍। ପରେ ପଢ଼ିଲି ମନୋଜ ଦାସ, ଗୋପୀନାଥ ମହାନ୍ତି, ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ। ଶବ୍ଦ ଗୁମ୍ଫନ, ଭାଷା ଓ ଭାବର ଛନ୍ଦାଛନ୍ଦି ଓ କଲମ ମୁନରେ ସେସବୁର ପରିସ୍ଫୁଟନକୁ ଦୌଡ଼ି ଦୌଡ଼ି ମୁଁ ପାଇଛି ଇଂଲିଶ୍ ସାହିତ୍ୟରୁ। ଲେଖେ କିନ୍ତୁ ନିଜ ଭାଷାରେ।

ପ୍ର: ଆପଣଙ୍କ ଉପନ୍ୟାସରେ ସାମାଜିକ ପ୍ରତିବଦ୍ଧତା କିପରି ରୂପ ପାଇଛି ?

ଉ: ଲେଖା, ଲେଖକର ଭାବ ଓ ଅନୁଭୂତିକୁ ନେଇ ପ୍ରସାରିତ ହୁଏ। ସାମାଜିକ ପ୍ରତିବଦ୍ଧତା ନଥିଲେ ଆମେ ଦେଖୁଥିବା ଚରିତ୍ରମାନେ ବଡ଼ ଦୁର୍ବଳ ଲାଗନ୍ତି। ମୋ' ଉପନ୍ୟାସର ଚରିତ୍ରମାନେ ଅନାଥାଶ୍ରମର ଅସନ୍ତୁଳିତ ବାତାବରଣରେ ଘାଣ୍ଟି ଚକଟି ହୋଇ ଜୀବନ ବିତାନ୍ତି, ଯାହାର ରାହା ନଥାଏ କି ସାହା ନଥାଏ। କିଛି ରତନା, ବନ୍ଧୁଆମାନେ ବାଧ ହୋଇ ଗିନି କରତାଳ ଧରନ୍ତି। ପରେ ପରେ ସମ୍ଭାବନାର ବାଟ ଦିଶିଯାଏ ସେମାନଙ୍କୁ। ସମାଜ ପାଇଁ ସେମାନେ ନିଜେ ବାର୍ତ୍ତା ପାଲଟିଯାଆନ୍ତି।

ପ୍ର: ବର୍ତ୍ତମାନର ତରୁଣ, ନବୀନ ଲେଖକଙ୍କ ପାଇଁ ଆପଣଙ୍କର କି ବାର୍ତ୍ତା ରହିବ ?

ଉ: ତରୁଣ ନବୀନ ଲେଖକମାନେ ଆଙ୍କିବାକୁ ଯାଉଥିବା ଚରିତ୍ରମାନଙ୍କର କଥା ଓ ବ୍ୟଥାକୁ ଭଲଭାବେ ଅନୁଧ୍ୟାନ କରନ୍ତୁ। ଲେଖିଲାବେଳେ ନିଜେ ପାଲଟନ୍ତୁ ସେଇ ଚରିତ୍ର, ଯାହାର ସ୍ମୃତି, ଅନୁଭୂତିକୁ ନେଇ ସେମାନେ କଲମ ଚଳାଉଛନ୍ତି।

ମୋ: ୯୪୩୮୬୭୨୬୫୪

## ପୁସ୍ତକ ପରିଚୟ

ରାମଚନ୍ଦ୍ର ମହାନ୍ତିଙ୍କ

### ରଚନା ସମଗ୍ର



**ସଂପାଦନା:** ରାଜେଶ ଚନ୍ଦ୍ର ମହାନ୍ତି, ସୁଜାତା ମହାନ୍ତି
**ପ୍ରକାଶକ:** ସିଦ୍ଧେଶ୍ ପବ୍ଲିଶିଂ ହାଉସ୍, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୮୦୦/-

ଆଲୋଚ୍ୟ ଗ୍ରନ୍ଥାବଳୀରେ ଲେଖକ ରାମଚନ୍ଦ୍ର ମହାନ୍ତିଙ୍କର ୧୧ଟି ସୃଜନକୃତିକୁ ଏକତ୍ର କରାଯାଇଛି। ସେସବୁ ହେଲା– କଥା ଓ ବ୍ୟଥା, ଚିନ୍ତା ଓ ଚେତନା, ଚିନ୍ତା ଅନୁଚିନ୍ତା, ଗୀତା ସୁଧାସାର, ଭକ୍ତିପୁଷ୍ପ, ଶୁଭଗ, ସ୍ୱର୍ଗକୁ ଚିଠି, ଆତ୍ମଚିନ୍ତନ, ଉଦ୍ଧାରକ, ସଦ୍‌ଭାବନା, As I Feel. 'କଥା ଓ ବ୍ୟଥା' ଆତ୍ମଜୀବନୀ ଏବଂ ଏହାକୁ ନ ପଢ଼ିଲେ ଗ୍ରନ୍ଥାବଳୀର ଏରୁଣ୍ଡି ଦେଇ ଅନ୍ୟ ୧୦ଟି ପୁସ୍ତକର ଦେହଳୀ ମଧ୍ୟକୁ ପ୍ରବେଶ କରିହେବ ନାହିଁ। ଏଥିରେ ସେ ତାଙ୍କର ଜନ୍ମଠାରୁ ଆରମ୍ଭ କରି ପାଠପଢ଼ା, ଘର ସଂସାର, ସନ୍ତାନସନ୍ତତି ଓ ଜୀବନର ଉଲ୍ଲେଖନୀୟ ଘଟଣା ସମ୍ପର୍କରେ ବିବରଣୀ ପ୍ରଦାନ କରିଛନ୍ତି। ଉପସଂହାରରେ କହିଛନ୍ତି: ''କାହାଠାରୁ କିଛି ନେବା, ଅନ୍ୟର ଶକ୍ତିକୁ ଉପଯୋଗ କରି କିଛି ସାଧନ କରି ନିଜର କହି ବାହାବା ନେବା ନୀତିର ମୁଁ ଘୋର ବିରୋଧୀ।'' ଏଥିରୁ ଲେଖକଙ୍କର ଜୀବନଦର୍ଶନର ବହର ଜଣାପଡ଼େ। 'ଚିନ୍ତା ଓ ଚେତନା' ପୁସ୍ତକରେ ସେ ଗୀତା ଓ ଆଧ୍ୟାତ୍ମିକ ସାଧନା ସହିତ ବିଭିନ୍ନ ଅନୁଭୂତିମୂଳକ ଲେଖାକୁ ସ୍ଥାନିତ କରିଛନ୍ତି, ଯାହା ଦର୍ଶନଗର୍ଭିତ। 'ଭକ୍ତିପୁଷ୍ପ', 'ଶୁଭଗ', 'ସ୍ୱର୍ଗକୁ ଚିଠି', 'ଆତ୍ମଚିନ୍ତନ', 'ଉଦ୍ଧାରକ' ଓ 'ସଦ୍‌ଭାବନା' ହେଉଛି କବିତାଗ୍ରନ୍ଥ। ଶେଷକୁ ରହିଛି ଇଂଲିଶ୍ ରଚନା 'As I Feel'। 'ଚକାଆଖି' ଶୀର୍ଷକ କବିତାରୁ କିୟଦଂଶ ଏଠାରେ ଉଦ୍ଧାର କରାଯାଇପାରେ– ''ଚକାଚକା ଡୋଳା ମେଲି/ କଅଣ ଦେଖୁଛ ହରି ?/ ଦେଖୁନା କି ଅପକର୍ମେ/ ଦୁନିଆ ଗଲାଣି ଭରି।/ x x / ଦେଖି ଯେବେ ପ୍ରତିକାର/ ନ କରିବ ରମାବର/ ସେ ଦେଖାରେ କେଉଁ ଲାଭ/ କୁହ ହେ ବିଚାର କରି ?'' କବିସୂର୍ଯ୍ୟ ବଳଦେବ ରଥଙ୍କ ମାର୍ଗାନୁସାରୀ ଲେଖକ ତାଙ୍କର ଏହି କବିତାରେ। ରାମଚନ୍ଦ୍ର ଗଭୀର ଭାବ ଓ ସରଳ ଭାଷାର କବି। ଏକ ହଜାର ପୃଷ୍ଠାରୁ ଊର୍ଦ୍ଧ୍ୱ କଳେବର ବିଶିଷ୍ଟ ଏହି ଗ୍ରନ୍ଥାବଳୀ ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଦୁର୍ଲଭ ବସୁଧା



**କବି:** ଶାନ୍ତନୁ କୁମାର ରାଉତ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୪୦/-

ମୋଟ ୫୪ଟି କବିତା ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ବିଷୟବସ୍ତୁ ବ୍ୟାପକ। ବ୍ୟକ୍ତିବନ୍ଦନା ଠାରୁ ଆରମ୍ଭ କରି କରୋନା ଭୂତାଣୁ ଓ ନଦନଦୀ, ପାହାଡ଼-ଅରଣ୍ୟଠାରୁ ଆରମ୍ଭ କରି ବିଧବାର ଅନ୍ତର କଥାଯାଏ ପ୍ରଲମ୍ବିତ କବିଙ୍କର କାବ୍ୟଭାବନା। ପ୍ରକୃତି ବର୍ଣ୍ଣନା ସାଙ୍ଗକୁ ରହିଛି ଭକ୍ତିଭାବାତ୍ମକ ଜଣାଣ। କବି ହୃଦାନନ୍ଦ ପାଣିଗ୍ରାହୀ ମୁଖବନ୍ଧରେ କହନ୍ତି: ''ଦୁର୍ଲଭ ବସୁଧା ଜଣେ ଦରଦୀ କବିପ୍ରାଣର ଅଭ୍ରାନ୍ତ ଦଲିଲ। ପରିଣତ ବୟସରେ ସମାଜନିଷ୍ଠ ଏହି କବିଙ୍କର ପାକଲା ଅନୁଭୂତି ବେଶ୍ ରସାଳ ଓ ମର୍ମଭେଦୀ। ଶାନ୍ତନୁ ବାବୁ ଯଥାର୍ଥରେ ମାନବବାଦୀ ଓ ଶାନ୍ତିପ୍ରିୟ। ଏହାର ସ୍ପଷ୍ଟ ଛାପ ଏଥିରେ ପାଠକମାନେ ଭେଟିବେ।'' କତିପୟ ଉଦାହରଣ ନେବା– ୧. ''ନୀରବେ ଆସିବ ମୃତ୍ୟୁ ନେବ ଆମ ଜୀବନ/ ନିର୍ଭୟେ ଜୀବନ ପଥେ ସ୍ଥିର କର ମନ।'' (ମୃତ୍ୟୁକୁ ନ କର ଭୟ, ପୃ:୪୨), ୨. ''ଆସହେ ମଣିଷ ପୂର୍ଣ୍ଣ କରିବା/ ସୁଖଶାନ୍ତି ଆମ ହୃଦୟରେ/ ସାର୍ଥକତା ଆମ ପରିଚୟ ହେବ/ ଏହିପରି ବଞ୍ଚିବାରେ।'' (ହେ ନାରୀ ! ତୁମେ କେତେ ସୁନ୍ଦର, ପୃ:୨୮)। ଗ୍ରନ୍ଥସ୍ଥ କବିତାଗୁଡ଼ିକରେ ଦର୍ଶନ ଅଛି, ଯାହା ଜୀବନ ପାଇଁ ପ୍ରେରଣାଦାୟୀ। ତେବେ କବିତାର ଭାଷା ଓ ଗଠନକ୍ରିୟା ଆଶା କରେ କବିଠୁଁ ଅଧିକ ପରିପକ୍ୱତା। ଛନ୍ଦଗତ ତ୍ରୁଟିକୁ ଅତିକ୍ରମ କରିବା ପାଇଁ ପ୍ରାଚୀନ ଓ ଆଧୁନିକ କବିତାର ମନନ ପ୍ରତି କବି ଦୃଷ୍ଟିଦେଲେ ତାଙ୍କ କବିତାର ବାକ୍‌ଶିଳ୍ପ ଆହୁରି ଶାଣିତ ହୋଇପାରିବ ଓ ଅଧିକରୁ ଅଧିକ ପାଠକ ତାଙ୍କ କବିତା ପ୍ରତି ଆକୃଷ୍ଟ ହେବେ। ତେବେ ଆଲୋଚ୍ୟ କବିତାଗ୍ରନ୍ଥଟି କବିଙ୍କର ଜୀବନଦୃଷ୍ଟି ଓ ଶୈଳୀବିଧାନ କ୍ଷେତ୍ରରେ ଯେ ଆରୋହଣର ଏକ ଶ୍ରଦ୍ଧାଶୀଳ ଉଦ୍ୟମ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ



''ଯିଏ ସନ୍ଦେହ କରେ ଓ ପ୍ରଶ୍ନ ପଚାରେ, ସେ ଲେଖକ।''

– ଉଇଲିୟମ୍ ଟ୍ରେଭୋର୍

**ଉଇଲିୟମ୍ ଟ୍ରେଭୋର୍**ଙ୍କ ଜନ୍ମ ୨୪ ମେ ୧୯୨୮ରେ ଆୟର୍ଲାଣ୍ଡରେ ଓ ପରଲୋକ ୨୦ ନଭେମ୍ବର ୨୦୧୬ରେ ଇଂଲଣ୍ଡରେ। ଉପନ୍ୟାସ ଓ ଗଳ୍ପଲେଖକ ଟ୍ରେଭୋର୍‌ଙ୍କୁ ଆଇରିଶ୍ ଭାଷାର ଚେକଭ୍ କୁହାଯାଏ। ସେ ତାଙ୍କ ସମୟର ସବୁଠୁଁ ଖ୍ୟାତନାମା ଗଳ୍ପ ଲେଖକ। ତାଙ୍କର ବହୁ ବିଶିଷ୍ଟ ରଚନା ମଧ୍ୟରୁ 'ଦ ଓଲ୍‌ଡ ବଏଜ୍', 'ଦ ବୋର୍ଡିଂ ହାଉସ୍', 'ଲଭ୍ ଆଣ୍ଡ୍ ସମର୍' ଓ 'ଦ ଡ୍ରେସ୍ ମେକର୍ସ ଚାଇଲ୍‌ଡ' ଆଦି ପ୍ରମୁଖ। ପ୍ରଭାବଶାଳୀ ସାହିତ୍ୟ ସୃଷ୍ଟି ପାଇଁ ୧୯୬୪ରେ ତାଙ୍କୁ 'ହଥର୍ନଡେନ୍ ପୁରସ୍କାର', ୧୯୯୯ରେ 'ଡେଭିଡ୍ କୋହେନ୍ ପୁରସ୍କାର' ଓ ୨୦୦୩ରେ 'ଆଇରିଶ୍ କଥା ପୁରସ୍କାର'ରେ ସମ୍ମାନିତ କରାଯାଇଛି। ସମ୍ମାନଜନକ 'ହୁଇଟ୍‌ବ୍ରେଡ୍ ପୁରସ୍କାର' ପାଇଁ ତିନିଥର ଓ 'ବୁକର୍ ପୁରସ୍କାର' ପାଇଁ ପାଞ୍ଚଥର ତାଙ୍କ ନାମ ସୁପାରିସ ହୋଇଛି। ଅନ୍ତର୍ଜାତୀୟ ଡବ୍‌ଲିନ୍ ସାହିତ୍ୟ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଛି। ଟ୍ରେଭୋର୍ କହନ୍ତି: ''ସ୍ଥାନୀୟତା ମଧ୍ୟରେ ସାର୍ବଭୌମିକତାର ଅନ୍ୱେଷଣ ହେଉଛି ଲେଖକର ପ୍ରାଥମିକତା।''

## କବିତା

### ସମୟ ଓ ବୟସ

ଜୟଶ୍ରୀ ପ୍ରିୟଦର୍ଶିନୀ ମହାପାତ୍ର

ବୟସ କ'ଣ ସତରେ ବଢ଼େ
ନା କମିଯାଏ
କୋଉଟା ଠିକ୍ ମୁଁ ଜାଣିନି
ବୟସ ସରିସରି ଆସୁଛି
କିନ୍ତୁ ପ୍ରେମ ତ ଅସରନ୍ତି
ସମୟ ସହିତ ବଢ଼ିଚାଲିବ
ଜୀବନ ଥିବାଯାଏଁ ରହିବ
ନା କମିବ ନା ସରିବ।

ବୟସର କ୍ଳାନ୍ତ ଅପରାହ୍ଣରେ
ଆଜି ମୁଁ ତୁମ ସହିତ ସମୟ
ଆଉ କେତେ ଦେବ
ପରାଜୟ, ସଂଘର୍ଷ, କଷ୍ଟ, ଲୁହ,
ଯନ୍ତ୍ରଣା ଅବା ପ୍ରତାରଣା
ମୁଁ ଜାଣିନି କି ଜାଣିବାକୁ ଚାହିଁନି।

ହେ ସମୟ !
ତୁ ହିଁ ଦେଇ ଦେ ତୋ' ପ୍ରଶ୍ନର ଉତ୍ତର
ଚାଲିବାକୁ ଅଛି ଯଦି ବାଟ ବହୁ ଦୂର
ନେଇଯା ମତେ ତୁ ପଶାପାଲି ଆଉ
ଛକିଶୂନର କେନ୍ଦ୍ରବିନ୍ଦୁ ହେବାକୁ
କେତେବେଳେ ବାଜି ଜିତିବାକୁ
ଆଉ କେତେବେଳେ
ନିଜ ସହିତ ହାରି ଲୁଚକାଳି
ଖେଳିବାକୁ।

ହେ ସମୟ !
ମୁଁ ତୁମରି ଦାସୀ ଅବା
ତୁମ ଇସାରାରେ ଚାଲୁଥିବା
ଦିଗହରା ନାବିକଟିଏ
ତୁମେ ମତେ ପାଣିରେ ରଖ
ବା ଭୂଇଁରେ ରଖ
ନାଁ ତ କେବଳ ତୁମର ହେବ
ସବୁ କିଛି ସମୟର ଦୋଷ ଥିଲା।

ମୋ: ୯୪୩୯୧୬୨୮୮୪

### ଜୁଆର

ଡ. ଅନିଲ ନନ୍ଦ

ତା' ଛଡ଼ା ଆଉ କିଛି
ଘଟି ପାରେନାହିଁ ବିଶେଷ,
ଉଛୁଳି ପଡୁଥିବା ପାଣି
ଫେରିଯାଏ ସମୁଦ୍ର ଗର୍ଭକୁ।

ମୋର ଯାହା ମନେଅଛି
ସୁନ୍ଦର ମୁହଁଟିଏ ଜହ୍ନହେଇ
ବାରମ୍ବାର ଜନ୍ମ ନେଉଥାଏ
କୃଷ୍ଣକାୟ ମେଘର ଗର୍ଭରୁ
ଥରେ ଥରେ ହସି ଦେବା ବେଳେ
ବିଜୁଳି ଆଲୁଅରେ ଝଲସିଯାଏ
ଅନ୍ଧକାର ସାମ୍ରାଜ୍ୟର କିୟଦଂଶ
ପୂରି ଉଠୁଥାଏ ନଈର ଛାତି।

ସେଦିନ ବଣୁଆ ଫୁଲମାନେ
ଟିକେ ଅଧିକ ମହକି ଉଠନ୍ତି
ପାହାଡ଼ୀ ଝରଣାର ଝରଝର ନାଦ
ସଙ୍ଗୀତରେ ହେଉଥାଏ ରୂପାନ୍ତରିତ
ନୀରବତାରୁ ଛୁଟିଆସୁଥାଏ
ଅଦୃଷ୍ଟ କୋଳାହଳ।

ଆଖିର ଭାଷା ବୁଝିବାକୁ
ଖୋଜା ଚାଲିଥାଏ ଶବ୍ଦ
ପ୍ରଶ୍ନମାନେ ଛୁରି ହେଇ
ବାରମ୍ବାର ଚିରୁଥାନ୍ତି ବିଶ୍ୱାସ
ତଥାପି ସଜଡ଼ା ଚାଲିଥାଏ ହୃଦୟ
ଓ ତା' ଆଖପାଖ ଅଞ୍ଚଳ
ଗଢ଼ିହେଇ ପୁଣି ଭାଙ୍ଗି ପଡୁଥାଏ
ଭବିଷ୍ୟତ ଲାଗି ବାଲିଘର।

ଗୋଟେ ତିର୍ଯ୍ୟକ୍ ଚାହାଣି
ଥାଏ କାହିଁ କେତେ ଦୂର
ଥରହର ହେଉଥାଏ ପୃଥିବୀ
ନଈ ସମୁଦ୍ରରେ ମାତି ଉଠୁଥାଏ
ତୁହାକୁ ତୁହା ଜୁହାର।

ମୋ: ୯୯୩୭୮୪୩୩୬୮

### ବାପା

ଜୟନ୍ତୀ ସାହୁ

ନିଜେ ଦୁଃଖର ବିଷପାନ କରି
ସନ୍ତାନକୁ ସୁଖର ଅମୃତ ଚଖାନ୍ତି ବାପା
ସନ୍ତାନର ଚଲାପଥରୁ ସବୁତକ
କଣ୍ଟା କାଢ଼ି ଦେଇ
ଅବିରତ ଫୁଲ ବିଛାଉଥା'ନ୍ତି ବାପା
ନିଜେ ଛିଣ୍ଡା ପୋଷାକ ପିନ୍ଧି
ଝଲକି ଭଳି ପୋଷାକରେ
ସଜେଇଦିଅନ୍ତି ପୁଅ ଝିଅଙ୍କର ଦେହ।

ନିଜେ ଋଣଭାରରେ ବୁଡ଼ି
ସନ୍ତାନର ସୁଖ ସ୍ୱାଚ୍ଛନ୍ଦ୍ୟରେ
ଆତ୍ମହରା ହୁଅନ୍ତି ବାପା
ସଂସାରର ତାତି ଉହକକୁ ସହି ସହି
ପାଲଟିଯାଆନ୍ତି ନିଜେ
ଏକ ଖରାଖିଆ ମହାଦେବ
ବାପାମାନେ ତ କାଳେକାଳେ ତ୍ୟାଗୀ
ସେ ନିଅନ୍ତିନି କିଛି, ମାଗନ୍ତିନି କିଛି
ବରଂ ଦେଇଦେଇ ନିଃସ୍ୱ।

ସେ ଶିଖାଇଥା'ନ୍ତି ପିଲାଙ୍କୁ
ମୁଠାଏ ମାଟିକୁ ଚନ୍ଦନ କରିବାର ମନ୍ତ୍ର
ନୀତି, ନିୟମ ଆଉ ଆଦର୍ଶର
ଭବ୍ୟ ଆବାହନ
ତାଙ୍କ ମମତାର ବାସ୍ନାରେ ମହକିତ
ସନ୍ତାନର ଦେହ ଆଉ ମନ
ବାପା କୃପାବର୍ଷାର ଅନ୍ୟ ଏକ ନାମ।
ସନ୍ତାନ ମଥା ଉପରେ ଖୋଲାଛତା ବାପା
ସେ କାନ୍ଦିଲେ, ସେ ଲୁହରେ ଭାସିଯିବ
ପିଲାଙ୍କ ସଂସାର।

ମୋ: ୮୦୯୩୪୮୬୬୭୪

### ତମ ଆଡ଼ରୁଷା

ମନୋରଞ୍ଜନ ଦାଶ

ସମସ୍ତ ଅବସୋସକୁ ଢୋକି
ବାଟ ଚାଲୁଥିବା ବେଳେ
ତମ ଆଡ଼ରୁଷା ମୋ' ଛାତିରେ
ତୀବ୍ର ଆଘାତଟିଏ...
ହଁ ! ମୋର ତ ଅଭିଶପ୍ତ ଜୀବନଟାଏ !
ଦୁଃଖସବୁ ଲହଡ଼ି ଭାଙ୍ଗନ୍ତି
ମୋ' ମନ କୂଳରେ।
ଯାହାକୁ ମୁଁ ଦେଖେଇପାରୁନି କି
କହିପାରୁନି କାହାକୁ !
ମୋ' କପାଳରେ ଯାହା ଲେଖା ଅଛି,
ତାହା ତ ମୋର ଭାଗ୍ୟ ଓ ଭବିତବ୍ୟ।
ତମର ଦୂରତା ମୋତେ
ଛଟପଟ କଲେ ବି
ନିଜ ପାଖେ ବିଳାପ କରି
ଯାହା ଭୋଗେ ଖାଲି...
ତା' ନିଶ୍ଚୁପ ଯାତନା।
ଏଇମିତି ଏକ ଅପାଂକ୍ତେୟ ମୁଁ !
ପରଖିପାରୁନି କାହାକୁ,
ଚେନାଏ ସୁଖ !
ନିରୋଳା ମୁହୂର୍ତ୍ତ ସବୁ ମୋର
ମନର ଚାଳରେ
ଲତା ହୋଇ ମାଡ଼ି ଚାଲିଛନ୍ତି !
ସତେ ଯେମିତି ମୁଁ ଆଶ୍ରୟଟିଏ,
ସେଇ ମୁହୂର୍ତ୍ତମାନଙ୍କର।
ତା' ହିଁ ମୋର ପ୍ରାପ୍ତି ଓ ସ୍ୱୀକୃତି।

ମୋ: ୯୪୩୭୩୧୭୭୨୨

### ସେଇ ଝିଅଟି

ନରେଶ୍ ମଣ୍ଡଳ

ସେଇ ଝିଅ
ଯାହାର ଓଠ ଧାରରେ
ଲାଗି ରହିଥାଏ ଅମଳିନ ହସ
ଯାହାର ଲୁହରୁ ଉଦ୍ଭୁରି ଆସେ
ଆବେଗପ୍ରବଣ ଉଚ୍ଛୁଳା କୋହ
ଯାହାର ନୀରବତାରେ
ବୁଝି ହୋଇଯାଏ ବିଶ୍ୱାସର ପରିଭାଷା
ଯାହାର ଚାହାଣିରେ ଚିହ୍ନି ହୋଇଯାଏ
ସମ୍ପର୍କର ଅଭୀପ୍ସା
ସେଇ ଝିଅ
ନାଁ ତା'ର ପ୍ରୀତିନନ୍ଦା
ଯାହାର ଛଳନାରେ ନିଜକୁ ଚିହ୍ନେଇ ଦବାର
ମନସ୍ତତ୍ତ୍ୱ ନ ଥାଏ, ଥାଏ କେବଳ
ଅନ୍ୟକୁ ବୁଝିବାର ଆସ୍ପର୍ଦ୍ଧା।

ମୋ: ୯୪୩୮୩୨୧୪୫୪

### ଗୀତି-କବିତା

### କିଛି ସ୍ମୃତି

ମଞ୍ଜୁଲତା ସିଂହ

ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ
ପତଳା ଅନ୍ଧାରେ ଛପି ଛପି ଆସେ
ସ୍ମୃତି କା'ର ଛାଇ ହୋଇ।

ରୁପା ଚାନ୍ଦିନୀରେ ଭିଜୁଥାଏ ଯେବେ
ଘନ ଅନ୍ଧାର ରାତି
ତାରକସି ପିନ୍ଧି ତାରାଫୁଲ ସାଜି
ଝରୁଥାଏ କିଛି ସ୍ମୃତି
ମନ ସାଥେ ପୁଣି ଖେଳେ ଲୁଚକାଳି
ନିଷିଦ୍ଧ ସପନ ହୋଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ସପନର ପଥେ ଚାଲି ଚାଲି ଯେବେ
ଶୂନ୍ୟ ମୋ' ନୀଡ଼େ ଫେରେ
ଅଙ୍କାବଙ୍କା ସେଇ ବିଜନ ପଥରେ
ସ୍ମୃତି କା'ର ବାଟ ଘେରେ..
ପଥ ହୁଡ଼େ କେବେ ସେ ସ୍ମୃତି ଭିଡ଼ରେ
ଠିକଣା ହଜାଇ ଦେଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ସ୍ୱପ୍ନ ବିଭୋର ମନତଳେ କେବେ
ପ୍ରୀତିର ପୂରବୀ ତୋଳି
ଜୀବନ ବୀଣାରୁ ମଧୁ ମୂରଛନା
ଯାଇଥିଲା କେବେ ଝରି
ଲୁହର ଝଡ଼ ସେ ବହିଗଲା କାହିଁ
ଆଖି ଓଦା କରି ଦେଇ...
ଲିଭି ଲିଭି ଆସେ ଗୋଲାପୀ ଗୋଧୂଳି
ସଞ୍ଜ ଯେବେ ଆସେ ନଇଁ।

ମୋ: ୮୮୪୭୮୫୨୯୧୭

## ଗଳ୍ପ

# ଅନ୍ତର୍ଦ୍ଦାହ

ଅଲେଖ ଚରଣ ପଟ୍ଟନାୟକ

କେଜାଣି କାହିଁକି ମୋର ଅଫିସ୍‌ଫେରନ୍ତା ରାସ୍ତାରେ ଠିକଣା ଜାଗାରେ ପାଦ ଦୁଇଟିକୁ କିଏ ଯେପରି ଜାବୁଡ଼ି ଧରିନିଏ। ମୁଁ କିଛିକ୍ଷଣ ଅଟକିଯାଏ। ରାସ୍ତା ପାର୍ଶ୍ୱରେ ଥିବା କାହିଁ କେଉଁ କାଳର ବୁଢ଼ା ବରଗଛଟିଏ। ତା' ଚାରିପାଖରେ ବିରାଟ ଚାନ୍ଦିନୀ ବୃକ୍ଷର ଶୋଭାକୁ ଦ୍ୱିଗୁଣିତ କରେ। ସେଇ ଚାନ୍ଦିନୀରେ ପାଗଳୀ ରହେ। ମୁଁ ସାଥିରେ ଯାହା ଆଣିଥାଏ ଯଥା– ବିସ୍କୁଟ, ଚୁଡ଼ାଭଜା, ସେଓ, ପାଉଁରୁଟି ଏମିତି ନାନା ରକମର ଖାଦ୍ୟ ବଢ଼େଇଦିଏ। ଖାଦ୍ୟ ଗ୍ରହଣ କରିବା ନିମନ୍ତେ ସେଇ ମଇଳା, କୋଚଟା ହାତଟି ଲମ୍ବି ଆସେ। ଅସନା ମଇଳା ଦାନ୍ତ ନିକୁଟି ପାଗଳୀ ହସିଦିଏ, ଏକ କୃତଜ୍ଞତାର ହସ।

କାହିଁ କେତେ ଦିନରୁ ସେଇ ବରଗଛ ପିଣ୍ଡି ହିଁ ପାଗଳୀର ଆଶ୍ରୟସ୍ଥଳ। ବର୍ଷା ହେଲେ ପାଖରେ ଥିବା ମୋ-ବସ୍ ରେଷ୍ଟଶେଡ୍‌କୁ ଚାଲିଯାଏ। ଚିରା, ଛିଣ୍ଡା, ସାତସିଆଁ ଲୁଗା ପିନ୍ଧି ସେଇ ଆଖପାଖରେ ଘୂରି ବୁଲୁଥାଏ। ବୟସ ପ୍ରାୟ ଚାଳିଶ ଟପିବ, ହେଲେ ତା'ର ଅବ୍ୟବସ୍ଥିତ ଜୀବନଶୈଳୀରେ ତା'ର ବୟସ ଅଧିକ ପରି ଲାଗେ। ବିଧିର ବିଧାନ ବଡ଼ ବିଚିତ୍ର। ପାଗଳୀ ସମ୍ପର୍କରେ କିଏ କେତେ କାହାଣୀ ବନାନ୍ତି। ଦିନେ ଥିଲା ସେ ଅନୂଢ଼ା ଯୁବତୀ, ସୁନ୍ଦରୀ, ସ୍ୱାସ୍ଥ୍ୟବତୀ, ହରିଣୀ ପରି ଚଳଚଞ୍ଚଳ, ଚୁଲ୍‌ବୁଲି। ମା'ବାପାଙ୍କର ଗେହ୍ଲା ଝିଅ। ଅତି ଅଲିଅଳ। ଆଜି କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ସେ ବିବାହ କରିଥିଲା। ବୈବାହିକ ଜୀବନ ବେଶ୍ ହସଖୁସିରେ ଥିଲା। 'ରାହୁଲ' ବୋଲି ପୁଅଟିଏ ଥିଲା। କାହାର ଦୁଷ୍ଟ ନଜର ପଡ଼ିଲା କେଜାଣି, ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଲା। ଉଭୟଙ୍କ ମଧ୍ୟରେ ଗଭୀର ମନୋମାଳିନ୍ୟ ହେଲା।

ତା'ପରେ ସ୍ୱାମୀ ଏକମାତ୍ର ପୁଅ ରାହୁଲକୁ ସାଥିରେ ନେଇ ସୁଦୂର ମୁମ୍ବାଇ ସହରକୁ ଚାଲିଯାଏ। ସେଠାରେ ପୁନଃ ବିବାହ କରେ। ଏହା ଅନେକଦିନ ତଳର ଘଟଣା। ମାନସିକ ସନ୍ତୁଳନ ହରାଇ ବିଚାରୀ ପାଗଳୀ ପରି ଇତସ୍ତତଃ ବୁଲୁଥାଏ। କିଏ ଦୟାକରି ଦେଲେ ଖାଏ। ନଚେତ୍ ଖାଡ଼ା ଉପାସ ରହେ। ସମୟେ ସମୟେ ପାଗଳୀ ଉଗ୍ର ହୋଇଯାଏ। ଯିଏ ସାମ୍ନାକୁ ଆସେ ଟେକା, ପଥର, ଧୂଳି ଫୋପାଡ଼େ ; କିନ୍ତୁ ମୁଁ ପହଞ୍ଚିଗଲେ ତା'ର ବ୍ୟବହାରରେ ବ୍ୟତିକ୍ରମ ଦେଖାଯାଏ। ନମ୍ର ହୋଇଯାଏ। ଧୀରେ ପାଖକୁ ଆସେ। ମୁଁ ନେଇଥିବା ଖାଦ୍ୟକୁ ଗ୍ରହଣ କରେ। ତା'ର ବସିବା ଜାଗାକୁ ଫେରିଯାଇ ପୁଡ଼ିଆ ଖୋଲି ଖାଏ। ଅସହାୟ ମଣିଷ ପରିସ୍ଥିତି ଏବଂ ପରିବେଶର ଦାସ।

ଖରା ବର୍ଷା ଶୀତ କାକର, ସବୁ ଋତୁ, ସବୁଦିନ ତା' ପାଇଁ ଏକ ପ୍ରକାର ଦୁଃଖ ଯନ୍ତ୍ରଣା, ଅଭାବ, ଅନଟନରେ ଜୀବନ ବିତେଇ ସତେଯେପରି ପାଷାଣୀ ଅହଲ୍ୟା ବନିଯାଇଛି। ଥରେ ଡିସେମ୍ବର ମାସର ଶୀତସନ୍ଧ୍ୟାରେ ଥରଥର ହାତରେ ''ମୋ'ଠାରୁ ବାରମଜା, ବିସ୍କୁଟ ନେବା ବେଳେ କହିଲା, ମୋ' ପାଇଁ ଶୀତ ଲୁଗାଟିଏ ଆଣିଦେବୁ ବାବୁ!'' କାଳବିଳମ୍ବ ନ କରି ତା' ପରଦିନ ହିଁ



ପାଗଳୀ ପାଇଁ ବସ୍ତ୍ରାଳୟରୁ ଚାଦରଟିଏ କିଣିନେଲି। ତା'ପରେ ଲକ୍ଷ୍ୟକଲି, କି ଶୀତ, କି ଖରା, ସବୁବେଳେ ସେଇ ଚାଦରଟିକୁ ଦେହରେ ଢାଙ୍କିଥାଏ। ତା'ର ଚାଲିଚଳଣି ଖୁବ୍ ଅସ୍ୱାସ୍ଥ୍ୟକର। କେଉଁଠି ବସେ, କେଉଁଠି ଶୁଏ, କିଛି ଠିକଣା ନ ଥାଏ। ଥରେ ତା'ର ଛିଣ୍ଡା ଜରି ବ୍ୟାଗ୍‌ରୁ ଗୋଟିଏ ଫଟୋ ବାହାରକଲା ଏବଂ ମୋତେ ଦେଖାଇଲା। ତା' ପୁଅ ରାହୁଲର ମୁହଁ କାଳେ ମୋ' ସହିତ ମେଳଖାଏ। ମୋତେ ଭେଟିଲେ ତା'ର ଉଗ୍ରରୂପ ଶାନ୍ତ ହୋଇଯାଏ। ତା'ଠାରୁ ଦୂରେଇ ଯାଇଥିବା ପୁଅର ପ୍ରତିବିମ୍ବ ଭାବେ ସେ ମୋତେ ଗ୍ରହଣ କରିନିଏ।

ସ୍ୱାମୀ ସ୍ୱାର୍ଥପର, ତାକୁ ଧୋକା ଦେଇଥିବାରୁ ଯେକୌଣସି ବ୍ୟକ୍ତି ଦେଖିଲେ ସେ ରାଗି ପଞ୍ଚମ ହୋଇଯାଏ। ପୁରୁଷସମାଜ ପ୍ରତି ତା'ର ଗଭୀର ଘୃଣାଭାବ। ଏଇ କିଛିଦିନ ହେଲା ପ୍ରବଳ ଶୀତ। ତତ୍‌ସଙ୍ଗେ ଲଗାଣ ବର୍ଷା ଯୋଗୁଁ ପାଗଳୀକୁ ମୁଁ ଭେଟିବାରେ ଅବହେଳା ହୋଇଗଲା। ମନରେ ନାନା ଦୁଶ୍ଚିନ୍ତା ଉଙ୍କି ମାରୁଥିଲା। ଅପରାହ୍ଣରେ ବର୍ଷା ଥମିଯାଇଥାଏ। ଅଫିସ୍‌ଫେରନ୍ତା ବାଟରେ ମୋର ବାଇକ୍ ସେହି ବରଗଛ ଦିଗରେ ଛୁଟାଇଦେଲି। ସେଠାରେ ଦେଖିଲି କିଛି ଲୋକ କୁଣ୍ଡଳୀ ପରି ଘେରି ରହିଛନ୍ତି। ପାଗଳୀ ମୋର ଦୃଷ୍ଟିପଥାରୂଢ଼ ହେଲା। ଭିଡ଼ ଅତିକ୍ରମ କରି ଭିତରକୁ ଗଲି। ସେ ବେଶ୍ ଶାନ୍ତ ଭାବରେ ଶୋଇଯାଇଥିଲା। ଦେହରେ ଅଧାଢଙ୍କା ହୋଇ ଚାଦରଟି ଥିଲା। ଅନ୍ୟ ହାତ ପାପୁଲିରେ ସେଇ ପୁରୁଣା ଫଟୋଟି। ପୁଅ ରାହୁଲର। ଇତ୍ୟବସରରେ ମ୍ୟୁନିସିପାଲିଟିର 'ସ୍ୱର୍ଗଦ୍ୱାର' ଗାଡ଼ିଟି ପହଞ୍ଚି ଯାଇଥିଲା। କିଛି ସ୍ୱେଚ୍ଛାସେବୀ ଶବ ଉଠାଇବା ପ୍ରସ୍ତୁତିରେ ଥିଲେ। ଜଣାଗଲା ବିଚାରୀ ଯେପରି ଅସ୍ପଷ୍ଟ ସ୍ୱରରେ ମୋ' କାନେକାନେ କହୁଥିଲା– ''ବାବୁ! ତୁ ଆସିବାରେ ଡେରି କରିଦେଲୁ। ଏଇ ଜନମରେ ଆଉ କେବେ ଦେଖା ହେବ ନାହିଁ।''

ମୁଁ ମନ୍ଦିରର ପଥରମୂର୍ତ୍ତି ପରି ସ୍ଥାଣୁ ପାଲଟି ଯାଇଥିଲି। ଏହା ଭିତରେ ଅନେକ ବର୍ଷ ବିତିଗଲାଣି। କିନ୍ତୁ ସେଇ ପୁରୁଣା ସ୍ମୃତି ମନେପଡ଼ିଗଲେ ମୁଁ ଗଭୀର ଅନ୍ତର୍ଦ୍ଦାହରେ ଜର୍ଜରିତ ହୋଇଯାଏ।

ମୋ: ୯୮୫୩୮୯୨୧୨୪

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୨୪/୨୦୨୫ Bhubaneswar, Saturday, May 24/ 2025

# ଓଡ଼ିଶାର କଶିକା ଦେଶର ୧ ନମ୍ବର

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଗଲ୍ଫର କଶିକା ମିଶ୍ର ଦେଶର ମହିଳା ଆମେଚର ଗଲ୍ଫରମାନଙ୍କ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ବ୍ରହ୍ମପୁରର ବାସିନ୍ଦା କଶିକା ଦେଶରେ ନମ୍ବର ଓ୍ୱାନ ହେବାରେ ରାଜ୍ୟର ପ୍ରଥମ ମହିଳା ଗଲ୍ଫର ହୋଇ ଇତିହାସ ରଚିଛନ୍ତି। ଗତ ଏକ ବର୍ଷ ଧରି କ୍ରମାଗତ ଭଲ ପ୍ରଦର୍ଶନର ପୁରସ୍କାର କଶିକାଙ୍କୁ ମିଳିଛି। ଗତ ୧୩ରୁ ୧୬ ପର୍ଯ୍ୟନ୍ତ ରୟାଲ୍ କୋଲକାତା ଗଲ୍ଫ

## ଆମେଚର ମହିଳା ଗଲ୍ଫର

କ୍ଲବରେ ଅନୁଷ୍ଠିତ ଆଇଜିୟୁ ପଶ୍ଚିମବଙ୍ଗ ଲେଡିଜ୍ ଆଣ୍ଡ୍ ଜୁନିୟର ଗର୍ଲ୍ସ ଗଲ୍ଫ ଚାମ୍ପିଅନଶିପରେ ପ୍ରଭାବୀ ପ୍ରଦର୍ଶନ କରି କଶିକା ୧୬ ପଏଣ୍ଟରେ ଅଗ୍ରଣୀ ସହିତ ଚତୁର୍ଥ ସ୍ଥାନରୁ ଉପରକୁ ଉଠି ପ୍ରଥମ ସ୍ଥାନରେ ନିଜର ସ୍ଥାନକୁ ସୁଦୃଢ଼ କରିଛନ୍ତି। ଭାରତର ଆମେଚର ଗଲ୍ଫ ରାଙ୍କିଙ୍ଗରେ ଓଡ଼ିଶାର ଆଉ ଜଣେ ଖେଳାଳି ମାନଭି ସିଂଘାନିଆ ମହିଳାମାନଙ୍କ ମଧ୍ୟରେ ୩୬ତମ ସ୍ଥାନରେ ଅଛନ୍ତି। ମାତ୍ର ପୁରୁଷ ଗଲ୍ଫ ଖେଳାଳିଙ୍କ ତାଲିକାରେ କୌଣସି ଭାରତୀୟ ଖେଳାଳିଙ୍କ ନାମ ନାହିଁ।

କଶିକା ଗତ ମାର୍ଚ୍ଚ ୬ରୁ ୯ ପର୍ଯ୍ୟନ୍ତ ଭିଏଟ୍‌ନାମର ଡାନାଙ୍ଗରେ ଅନୁଷ୍ଠିତ ମହିଳା ଆମେଚର ଏସିଆ-ପାସିଫିକ୍ ଚାମ୍ପିୟନଶିପରେ ଭାରତୀୟ ଦଳ ପକ୍ଷରୁ



କୋଲକାତାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ପୁରସ୍କାର ସହ କଶିକା ମିଶ୍ର।

ପ୍ରତିନିଧିତ୍ୱ କରିଥିଲେ। ଚଳିତ ମାସ ଶେଷ ସପ୍ତାହରେ ହଂକଂରେ ହେବାକୁ ଥିବା ମର୍ଯ୍ୟାଦାଜନକ ଏସିଆ ପାସିଫିକ୍ ଗଲ୍ଫ କନ୍‌ଫେଡେରେଶନ ଚାମ୍ପିୟନଶିପରେ ଭାରତୀୟ ଦଳ ପକ୍ଷରୁ ଖେଳିବେ। କଶିକା ସମ୍ପ୍ରତି ଗୁରୁଗ୍ରାମର ଶ୍ରୀରାମ ସ୍କୁଲରେ ଦ୍ୱାଦଶ ଷ୍ଟାଣ୍ଡାର୍ଡ ସମାପ୍ତ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ତାଙ୍କର ଗଲ୍ଫିଂ ଏବଂ ଉଚ୍ଚଶିକ୍ଷା ପାଇଁ ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଯୋଗଦେବେ ବୋଲି ସୂଚନା ମିଳିଛି। ମାତ୍ର ପାଞ୍ଚ ବର୍ଷ ପୂର୍ବେ ଗଲ୍ଫ ଖେଳିବା ଆରମ୍ଭ କରିଥିବା ଏହି ଓଡ଼ିଶା ଗଲ୍ଫର ୨୦୨୩ ମେ'ରେ ଡବ୍ଲ୍ୟୁଏଜିଆର (ୱାର୍ଲ୍ଡ ଆମେଚର ଗଲ୍ଫ ରାଙ୍କିଙ୍ଗ୍) ହାସଲ କରିବା ପରେ ବର୍ଷସାରା ପ୍ରଦର୍ଶନ ଖୁବ ଭଲ ରହିଥିବାରୁ ଆମେଚର ରାଙ୍କିଙ୍ଗ୍‌ରେ ଉପରକୁ ଉଠିବାରେ ସକ୍ଷମ ହୋଇଛନ୍ତି। କଶିକାଙ୍କୁ ଗତ ୨୨ରେ କଶିକା ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ, ଯାହା ତାଙ୍କୁ ଆହୁରି କଠିନ ପରିଶ୍ରମ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବାକୁ ପ୍ରେରଣା ଦେଇଛି। କଶିକା ତାଙ୍କର ଏହି ସଫଳତା ପାଇଁ ପ୍ରଶିକ୍ଷକ ଅନିତ୍ୟ ଚାନ୍ଦ, ମା' ଓ ବାପା କିରଣ ମିଶ୍ର ଏବଂ ବ୍ରିଗେଡିୟର ତାପସ ମିଶ୍ରଙ୍କ ମାର୍ଗଦର୍ଶନ, ଭୁବନେଶ୍ୱର ଏବଂ ଦିଲ୍ଲୀ ଗଲ୍ଫ କ୍ଲବ, ଓଡ଼ିଶା ସରକାର, ଅନ୍ୟାନ୍ୟ ସଂସ୍ଥାଙ୍କର ସମର୍ଥନ ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦକୁ ଶ୍ରେୟ ଦେଇଛନ୍ତି।

# ଓଡ଼ିଶାରୁ ଭାଗନେବ କଳିଙ୍ଗ ୱାରିୟର୍ସ

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

## ଆସାମ ଚେସ୍ ପ୍ରିମିୟର ଲିଗ୍

ଗୁଆହାଟୀଠାରେ ଆସାମ ଚେସ୍ ପ୍ରିମିୟର ଲିଗ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଅଲ୍ ଆସାମ ଚେସ୍ ଆସୋସିଏଶନ ଓ ଆସାମ ସରକାରଙ୍କ ମିଳିତ ଉଦ୍ୟମରେ ହେବାକୁ ଯାଉଥିବା ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଏକ ଦଳ ଅଂଶଗ୍ରହଣ କରିବ। ଏହାର ନାମ କଳିଙ୍ଗ ୱାରିୟର୍ସ ରଖାଯାଇଛି। ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ପ୍ରତିଯୋଗିତାରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଢାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। କଳିଙ୍ଗ ୱାରିୟର୍ସ ବ୍ୟତୀତ ରାଞ୍ଚି କ୍ୟାପିଟାଲ, ନାଇଟ ମୁଭର୍ସ, ୯୧ ୟାର୍ଡ୍ସ କ୍ଲବ, ଏଡୁ ହବ୍ ଚେକ୍‌ମେଟ୍ସ, ଆକ୍ରୋମରିଙ୍ଗ୍ ଚେକ୍‌ମେଟ୍ସ, ସୌଭୟ ଚେକ୍‌ମେଟ୍ସ ଓ ବିଟିଆର ୱାରିୟର୍ସ ଦଳ ଏଥିରେ ଭାଗ ନେଉଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା କଳିଙ୍ଗ ୱାରିୟର୍ସ ଦଳରେ ଗ୍ରାଣ୍ଡମାଷ୍ଟର ଅଙ୍କିତ ରାଜପରା, ରାଜେଶ କୁମାର ନାୟକ, ମୃଣ୍ମୟ ରାଜଖୋୱା, ହର୍ଷିତ ରଞ୍ଜନ ସାହୁ, ଅମିୟ ଗୁପ୍ତା, ମମ୍ଲାନ ମହନ୍ତ ଓ ରିତିଶା ଏମ. ରାଜଭୋଗି ସାମିଲ ଅଛନ୍ତି। ସୁବଳ ଭୌମିକ ଦଳର ମେଣ୍ଟର ରହିଛନ୍ତି। ଅଳ୍ପ ସମୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ୧,୩୨,୦୦୦ ଟଙ୍କାରେ ଏହି ଦଳ କିଣିଛି। ଏହି ଚେସ୍ ଲିଗ୍ ସାଧାରଣ ଲୋକଙ୍କ ମନୋରଞ୍ଜନ କରିବା ସହ ଦେଶରେ ଚେସ୍‌କୁ ପ୍ରମୋଟ କରିବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଭବିଷ୍ୟତରେ ଏପରି ଆକର୍ଷଣୀୟ ଚେସ୍ ଇଭେଣ୍ଟମାନ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଏହାର ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଓଡ଼ିଶା ଭିତ୍ତିକ ଦଳ ସହ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ ଏବଂ ଟ୍ରିପଲ ସି କ୍ଲବର ସମ୍ପାଦକ ବିରଞ୍ଚି ସାହୁ ପ୍ରମୁଖ ଏବେ ଆସାମରେ ପହଞ୍ଚିଛନ୍ତି। ଏପରି ଟୁର୍ନାମେଣ୍ଟ ଦ୍ୱାରା ଆନ୍ତଃରାଜ୍ୟ ସମ୍ପର୍କ ଦୃଢ଼ ହେବା ସହ ଚେସ୍ ପ୍ରତି ପ୍ରାୟୋଜକଙ୍କୁ ଆକର୍ଷିତ କରାଯାଇ ପାରିବ ବୋଲି ଦେବବ୍ରତ କହିଛନ୍ତି।

# କ୍ରୀଡ଼ାଭିତ୍ତିକ ଶିକ୍ଷାକୁ ପ୍ରମୋଟ ପାଇଁ କିଟ୍‌ର ପଦକ୍ଷେପ

**ଭୁବନେଶ୍ୱର, ୨୩।୫ (ତପନ ସ୍ୱାଇଁ)**

କ୍ରୀଡ଼ା ଭିତ୍ତିକ ଶିକ୍ଷାକୁ ପ୍ରମୋଟ କରିବା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ ସାଇନ୍ସେସରେ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସାମିଲ କରାଯାଇଛି। ଜାତୀୟ ଶିକ୍ଷାନୀତି ଅନୁସାରେ ଏହି ୪ ବର୍ଷିଆ କୋର୍ସରେ ଉଭୟ ଶିକ୍ଷା ଓ ଆଥଲେଟିକ୍ ଡେଭଲପ୍‌ମେଣ୍ଟରେ ସନ୍ତୁଳନ ରକ୍ଷା କରାଯିବ।

## ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ସ୍ପୋର୍ଟ୍ସ ଇକୋ ସିଷ୍ଟମରେ କିଟ୍ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ି ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ୍‌ଙ୍କ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ପେସ୍ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏମ୍‌ଓୟୁ ସ୍ୱାକ୍ଷର ପରେ ପେସ-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ କାର୍ଯ୍ୟାରମ୍ଭ କରିଛି। ଏହି ଏକାଡେମୀରେ ୧୬ଟି ଭିନ୍ନଭିନ୍ନ କ୍ରୀଡ଼ାରେ ଖେଳାଳିଙ୍କୁ ଟ୍ରେନିଂ ଦିଆଯିବ। ବିଶ୍ୱସ୍ତରୀୟ ପ୍ରଶିକ୍ଷକଙ୍କ ଦ୍ୱାରା ଏଠାରେ ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଛି। ଫଳରେ ଏଠାରେ ଭବିଷ୍ୟତର ଅଲିମ୍ପିଆନ ସୃଷ୍ଟି ହୋଇପାରିବେ। କିଟ୍ ଓ କିସ୍ ପରିସରରେ ଏବେ କ୍ରିକେଟ, ଆର୍ଚେରୀ, ସୁଇମିଂ, ରଗ୍‌ବୀ, ବ୍ୟାଡ୍‌ମିଣ୍ଟନ, ଭଲିବଲ, ଆଥଲେଟିକ୍ସ, ଭାରୋତ୍ତୋଳନ ଓ ଚେସ୍‌ର ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ଅଛି। ଏକାଧିକ କ୍ରୀଡ଼ାକୁ ନେଇ ଏଠାରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଫି'ରେ ରିହାତି ସହ ବିଶେଷଜ୍ଞ କୋଚ୍‌ଙ୍କ ଦ୍ୱାରା ଟ୍ରେନିଂ ପ୍ରଦାନ କରାଯାଉଛି। ଫଳରେ କ୍ୱାଲିଟି ଶିକ୍ଷା ସହ ପିଲାମାନେ କ୍ରୀଡ଼ାରେ ମଧ୍ୟ ଉଚ୍ଚ ସ୍ତରର ପ୍ରଶିକ୍ଷଣ ପାଇ ପାରୁଛନ୍ତି।

# ଇଂଲଣ୍ଡ ଟୁର୍ ପାଇଁ ଦଳ ଘୋଷଣା ଆଜି

**ମୁମ୍ବାଇ, ୨୩।୫ (ପି.ଟି.):** ଇଂଲଣ୍ଡ ଟୁର୍ ପାଇଁ ଭାରତର ସିନିୟର ପୁରୁଷ କ୍ରିକେଟ ଦଳର ଘୋଷଣା ଶନିବାର ହେବ। ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନକର୍ତ୍ତାମାନେ ଖେଳାଳିଙ୍କ ବ୍ୟତୀତ ଦଳର ନୂଆ ଟେଷ୍ଟ ଅଧିନାୟକ ବାଛିବେ। ଇଂଲଣ୍ଡରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ଭାରତର ଦୁଇ ଷ୍ଟଲଓ୍ୱାର୍ଟ ବିରାଟ କୋହଲି ଓ ରୋହିତ ଶର୍ମା ସପ୍ତାହ ବ୍ୟବଧାନରେ ସେମାନଙ୍କ ଅବସର ଘୋଷଣା କରିବା ପରେ ନୂଆ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ପାଇଁ ନୂଆ ଅଧିନାୟକ ବଛାଯିବ। ଏହି ହାଇ ପ୍ରୋଫାଇଲ ପଦବୀ ପାଇଁ ଦୌଡ଼ରେ ୨୫ ବର୍ଷୀୟ ଶୁବମନ ଗିଲ୍ ସମସ୍ତଙ୍କଠାରୁ ଆଗରେ ରହିଛନ୍ତି। କହିବାକୁ ଗଲେ ଗତ ଅଷ୍ଟ୍ରେଲିଆ ଟୁର୍ ବେଳେ ଉପ ଅଧିନାୟକ ଥିବା ଯଶପ୍ରୀତ ବୁମ୍‌ରାଙ୍କୁ ଅଧିନାୟକ ପଦବୀକୁ ପଦୋନ୍ନତି ମିଳିବା କଥା। ମାତ୍ର ଦୀର୍ଘଦିନ ଧରି ସେ ଫିଟ୍ ରହି ପାରିବେ କି ନା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ଜୁନ୍ ୧୮ରୁ ହକି ଇଣ୍ଡିଆ ମାଷ୍ଟର୍ସ କପ୍

**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ଭେଟେରାନ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର ଉଦ୍‌ଘାଟନୀ ସଂସ୍କରଣ ଜୁନ୍ ୧୮ରୁ ୨୭ ପର୍ଯ୍ୟନ୍ତ ଚେନ୍ନାଇରେ ହେବ। ହକି ଇଣ୍ଡିଆ ଶୁକ୍ରବାର ବିଧିବଦ୍ଧ ଭାବେ ଇଭେଣ୍ଟର ଭେନ୍ୟୁ ଓ ତାରିଖ ଘୋଷଣା କରିଛି। ଟୁର୍ନାମେଣ୍ଟ ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳି ନିଲାମ ପ୍ରକ୍ରିୟାରେ ଭାଗ ନେବେ। ଏହି ଲିଗ୍ ଭାରତୀୟ ହକିର ଏକ ନୂଆ ଅଧ୍ୟାୟ ହେବାକୁ ଯାଉଛି। ଭେଟେରାନ ଖେଳାଳିମାନଙ୍କ ଲାଗି ଏହା ହେଉଛି ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ। ଲିଗ୍‌ର ନିୟମାନୁସାରେ ଏଥିରେ ପୁରୁଷ ବିଭାଗରେ ୪୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଖେଳାଳି ଭାଗ ନେଇପାରିବେ। ସେହିପରି ମହିଳା ବିଭାଗରେ ୩୫ ଏବଂ ତା'ଠାରୁ ଅଧିକ ବୟସର ଖେଳାଳି ଅଂଶଗ୍ରହଣ କରିପାରିବେ। ଉଭୟ ବିଭାଗର ଦଳଗୁଡ଼ିକର ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ହେଲେ ସମ୍ପୃକ୍ତ ଖେଳାଳିଙ୍କୁ ସେମାନେ ରାଜ୍ୟ ୟୁନିଟ ଜରିଆରେ ନାମ ପଞ୍ଜୀକରଣ କରିବାକୁ ହେବ ବୋଲି ହକି ଇଣ୍ଡିଆ କହିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ଦଳଗୁଡ଼ିକ ସ୍ଥିର ହେବା ପରେ ପୁଲ୍ ଢାଞ୍ଚାରେ ଲିଗ୍-କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପୂର୍ବତନ ଭାରତୀୟ ମହିଳା ହକି ଦଳ ଅଧିନାୟିକା ଅସୁନ୍ତା ଲାକ୍ରା ଟୁର୍ନାମେଣ୍ଟରେ ଭାଗନେବା ଲାଗି ତାଙ୍କର ଆଗ୍ରହ ପ୍ରକାଶ କରିଛନ୍ତି।

# ପ୍ଲେ-ଅଫ୍ ପୂର୍ବରୁ ଫେରିବେ ହାଜେଲ୍‌ଉଡ



**ନୂଆଦିଲ୍ଲୀ, ୨୩।୫ (ପି.ଟି.)**

ଅଷ୍ଟ୍ରେଲିଆ ପେସ୍ ବୋଲର ଜୋଶ ହାଜେଲଉଡ୍ କାନ୍ଧ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ଫଳତଃ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ଲେ-ଅଫ୍ ପୂର୍ବରୁ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳରେ ଯୋଗଦେବା ସମ୍ଭାବନା ରହିଛି। ଏହି ଫାଷ୍ଟ ବୋଲର ଚଳିତ ଆଇପିଏଲ୍ ସିଜନରେ ଗତଥର ଏପ୍ରିଲ ୨୭ ପର୍ଯ୍ୟନ୍ତ ଖେଳିଥିଲେ। ଏହାପରେ ସେ ଦୁଇଟି ଗେମ୍ ଖେଳିପାରି ନ ଥିଲେ। ଭାରତ-ପାକିସ୍ତାନ ସାମରିକ ବିବାଦ ଯୋଗୁ ସେ ଏକ ସପ୍ତାହ ଛୁଟିରେ ସ୍ୱଦେଶ ପଳାଇଥିଲେ। ସେହିଦିନଠାରୁ ଏହି ୩୪ ବର୍ଷୀୟ କ୍ରିକେଟର ବ୍ରିସ୍‌ବେନ୍‌ରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପୂର୍ବରୁ ଆୟୋଜିତ ଅଷ୍ଟ୍ରେଲିଆର ପ୍ରସ୍ତୁତି କ୍ୟାମ୍ପରେ ଟ୍ରେନିଂ ନେଇ ଆସୁଥିଲେ। ବର୍ତ୍ତମାନ କ୍ରିକେଟ ଅଷ୍ଟ୍ରେଲିଆ ଓ ଆରସିବି ମ୍ୟାନେଜମେଣ୍ଟ ତାଙ୍କ ଫିଟ୍‌ନେସ୍ ଉପରେ ନଜର ରଖିଛି। ଖବର ଅନୁସାରେ ହାଜେଲ୍‌ଉଡ୍ ଅବସ୍ଥାରେ କ୍ରମେ ଉନ୍ନତି ଘଟିଛି। ମେ ୨୯ରୁ ଆରମ୍ଭ ହେବାକୁଥିବା ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ସେ ଠିକ୍ ହୋଇଯାଇଥିବେ। ଆରସିବି ଇତିମଧ୍ୟରେ ପ୍ଲେ-ଅଫ୍‌ରେ ଏହାର ସ୍ଥାନ ପକ୍କା କରିସାରିଛି। ୨୦୧୬ ପରେ ପ୍ରଥମ ଥର ପଏଣ୍ଟ ଟେବୁଲର ଶ୍ରେଷ୍ଠ ୨ରେ ରହିବାକୁ ଲକ୍ଷ୍ୟ ରଖିଛି। ଚଳିତ ସିଜନରେ ହାଜେଲ୍‌ଉଡ୍ ଆର୍‌ସିବିର ପ୍ରମୁଖ ରହି ଆସିଛନ୍ତି। ଦଳର ସେ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର। ସେ ୮.୪୪ ଇକୋନୋମି ରେଟ୍‌ରେ ୧୯ ଉଇକେଟ ଅକ୍ତିଆର କରିଛନ୍ତି।

# ଶ୍ରୀନାଥ ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ୍ ରେଫରି

**ଦୁବାଇ, ୨୩।୫ (ପି.ଟି.)**

ଭାରତୀୟ ଦଳ ହୁଏତ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ପ୍ରବେଶ କରିପାରି ନ ଥାଏ କିନ୍ତୁ ଆଗକୁ ଖେଳାଯିବାକୁଥିବା ଏହି ବଡ଼ ମୁକାବିଲାରେ ପୂର୍ବତନ ପେସର ଜାଭାଗଲ ଶ୍ରୀନାଥ ଏହାର ମ୍ୟାଚ ରେଫରି ଭାବେ ଦେଶର ଉପସ୍ଥିତି ଜାହିର କରିବେ। ଅନ୍ୟପକ୍ଷରେ ନୀତୀନ ମେନନ ୪ର୍ଥ ଅମ୍ପାୟର ଭାବେ ପ୍ରଥମ ଥର ଡବ୍ଲ୍ୟୁଟିସିରେ ପଦାର୍ପଣ କରିବେ। ଲର୍ଡ୍ସଠାରେ ଖେଳାଯିବାକୁଥିବା ଫାଇନାଲରେ ଇଂଲଣ୍ଡର ରିଚାର୍ଡ ଇଲିଙ୍ଗୱର୍ଥ ଓ ନ୍ୟୁଜିଲାଣ୍ଡର କ୍ରିସ ଗାଫାନି ଫିଲ୍ଡ ଅମ୍ପାୟରର ଦାୟିତ୍ୱ ତୁଲାଇବେ। ଜୁନ୍ ୧୧ରୁ ୧୫ ଖେଳାଯିବାକୁଥିବା ଏହି ମ୍ୟାଚରେ ଗତଥର ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ଥର ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ। ଇଂଲଣ୍ଡର



ଜାଭାଗଲ ଶ୍ରୀନାଥ

ରିଚାର୍ଡ କେଟଲବୋରୋ ଆଇସିସିର ଅନେକ ଇଭେଣ୍ଟର ଫାଇନାଲଗୁଡ଼ିକରେ ମ୍ୟାଚ୍ ପରିଚାଳନା କରିଛନ୍ତି। ତନ୍ମଧ୍ୟରେ ପୁରୁଷ ବିଶ୍ୱକପ୍ ଓ ଚାମ୍ପିୟନ୍ସ ଟ୍ରଫି ସାମିଲ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ଡବ୍ଲ୍ୟୁଟିସି ୨୦୨୧ରେ ମଧ୍ୟ ସେ ସମାନ ଦାୟିତ୍ୱ ନିର୍ବାହ କରିଥିଲେ। ମେନନ ଏହି ଫାଇନାଲ ମ୍ୟାଚରେ ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଚତୁର୍ଥ ଅମ୍ପାୟର ଭାବେ ନିଯୁକ୍ତି ପାଇଥିବା ମେନନ ପୂର୍ବରୁ ୨୦୨୧ରେ ଅନୁଷ୍ଠିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଫାଇନାଲରେ ଟିଭି ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଭାରତ ପ୍ରଥମ ଦୁଇ ଡବ୍ଲ୍ୟୁଟିସି ସାଇକେଲରେ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ଏହି ଦୁଇଟି ମୁକାବିଲାରେ ସେ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ନିକଟରୁ ହାରିଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଇସିସି ଚେୟାରମ୍ୟାନ ଜୟ ଶାହା କହିଛନ୍ତି ଯେ, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ମ୍ୟାଚ ଅଫିସିଆଲଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନା କରିବେ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି।

# ସନ୍‌ରାଇଜର୍ସର ବୃହତ୍ ସ୍କୋର

**ଲକ୍ଷ୍ନୌ, ୨୩।୫**

ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଶୁକ୍ରବାର ଏଠାରେ ଅନୁଷ୍ଠିତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ଆଇପିଏଲ୍ ମ୍ୟାଚରେ ୬ ଉଇକେଟ ହରାଇ ୨୩୧ ରନର ବୃହତ ସ୍କୋର ଛିଡ଼ା କରିଛି। କିଶନ ୪୮ ବଲ୍‌ରୁ ୭ ଚୌକା ଓ ୫ ଛକା ସହାୟତାରେ ୯୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଥିବା ଆରସିବି ପାଇଁ କଷ୍ଟସାଧ ବିଜୟ ଲକ୍ଷ୍ୟ ରଖିଛି ସନ୍‌ରାଇଜର୍ସ। ଏହି ମ୍ୟାଚ ପୂର୍ବରୁ ଆରସିବି ୧୭ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ଭଲ ଆରମ୍ଭ କରିଥିଲା। ଟ୍ରାଭିସ ହେଡ୍ ଯଦିଓ ୧୭ ରନକରି ଆଉଟ ହୋଇଥିଲେ ହାଇଦ୍ରାବାଦ ଦଳ ୪ ଓଭରରେ ୫୪ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ଦୃଢ଼ ଭିତ୍ତି ପକାଇଥିଲା। କ୍ରିଜ୍‌ରେ ଯେତିକି ସମୟ ରହିଥିଲେ ବି ଦଳର ପ୍ରାୟ ସବୁ ବ୍ୟାଟର ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ। ଅଭିଷେକ ଶର୍ମା ୧୭ ବଲ୍‌ରୁ ୩୪ (୩ ଚୌକା, ୩ ଛକା), ହେନରିଚ୍ କ୍ଲାସେନ ୧୩ ବଲ୍‌ରୁ ୨୪ ଏବଂ ଅନିକେତ ବର୍ମା ମାତ୍ର ୯ ବଲ୍‌ରୁ ୨୬ ରନ କରିବାରୁ ଦଳ ୧୨.୩ ଓଭରରେ ୧୫୦ ରନ ଅତିକ୍ରମ କରି ଯାଇଥିଲା। ଇଶାନ କିଶନ ୨୮ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୫ତମ ଓଭରରେ ବୋଲିଂ ଭାର ପାଇଥିବା ରୋମାରିଓ ଶେଫର୍ଡ ମ୍ୟାଚର ମୋଡ଼ ବୁଲାଇଥିଲେ। ସେ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ନୀତୀଶ କୁମାରଙ୍କ ଉଇକେଟ ହାସଲ କରିଥିଲେ। ଅଭିନବ ମନୋହର ମଧ୍ୟ ମାତ୍ର ୧୨ ରନକରି ଶେଫର୍ଡଙ୍କ ଶିକାର ହୋଇଥିଲେ। ମାତ୍ର ଇଶାନ କିଶନ ବିସ୍ଫୋରକ ବ୍ୟାଟିଂ ଜାରି ରଖି ହାଇଦ୍ରାବାଦକୁ ୨୩୧ ରନରେ ପହଞ୍ଚାଇଥିଲେ।

ଆରସିବି ପକ୍ଷରୁ ରୋମାରିଓ ଶେଫର୍ଡ ୨ଟି ଏବଂ ଭୁବନେଶ୍ୱର କୁମାର, ଲୁନ୍‌ଗି ଏନ୍‌ଗିଡ, ସୂୟାଶ ଶର୍ମା ଓ କୃନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ସୂୟାଶ ଯଦିଓ ବିପଜ୍ଜନକ କ୍ଲାସେନଙ୍କ ଉଇକେଟ ପାଇଥିଲେ ତେବେ ଲୟରେ ରହିପାରି ନ ଥିଲେ।



ଶଟ୍ ଖେଳିବା ଅବସରରେ ଇଶାନ କିଶନ।

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୩୧/୬ (ଇଶାନ କିଶନ-୯୪*, ଅଭିଷେକ ଶର୍ମା-୩୪, ଅନିକେତ ବର୍ମା-୨୬, ହେନରିଚ କ୍ଲାସେନ-୨୪, ଭୁବନେଶ୍ୱର କୁମାର-୧/୪୩, ଲୁନ୍‌ଗିଏନ୍‌ଗିଡ-୧/୫୧, ସୂୟାଶ ଶର୍ମା-୧/୪୫, କୃନାଲ ପାଣ୍ଡ୍ୟା-୧/୩୮, ରୋମାରିଓ ଶେଫର୍ଡ-୨/୧୪)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ଦିଲ୍ଲୀ**

ସ୍ଥାନ: ଜୟପୁର

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ